ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

*The Dhwani Pratidhwani*

website : www.dhwanipratidhwani.net
email: pratidhwani.dhwani@gmail.com




ଯା ଦେବୀ ସର୍ବଭୂତେଷୁ............


ଶୁଭେଚ୍ଛା ସହ
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଶୁକ୍ରବାର ୧୦ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 10 SEPTEMBER 2021
Vol.No. 32 ■ No. 232 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


## ତାଲିବାନ ସହ ଦୋସ୍ତି ପାକିସ୍ତାନକୁ ପଡିପାରେ ମହଙ୍ଗା

### କଡା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କଲେ ଆମେରିକା ସିନେଟର



ନୂଆଦିଲ୍ଲୀ,୦୯/୦୯: ଆଫଗାନିସ୍ତାନର ପଞ୍ଜଶିରରେ ଆକ୍ରମଣ ଓ ତାଲିବାନୀମାନଙ୍କୁ ସାଥ୍ ଦେବା ଅଭିଯୋଗରେ ଏବେ ପାକିସ୍ତାନ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଦାବି କରିଛି ଆମେରିକା । ସିନେଟର ଏଡମ ଏନେଇ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ସେ କହିଛନ୍ତି କି, ଯଦି ଏହି ଆକ୍ରମଣ ପଛରେ ପାକିସ୍ତାନର ହାତ ଥିବା ପ୍ରମାଣ ମିଳେ ତେବେ ପାକିସ୍ତାନ ଉପରେ ବ୍ୟାନ ଲଗାଇ ଦେବା ଉଚିତ୍ । ଖାଲି ସେତିକି ନୁହେଁ, ପାକିସ୍ତାନକୁ ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗକୁ ମଧ୍ୟ ବନ୍ଦ କରିଦେବାକୁ ସେ ଦାବି କରିଛନ୍ତି । ପଞ୍ଜଶୀର ଦଖଲ ପରେ ଏବେ ତାଲିବାନ ନିଜର ରଙ୍ଗ ଦେଖାଇବା ଆରମ୍ଭ କରିଛି । ଏପଟେ ପାକିସ୍ତାନ ମଧ୍ୟ ତାଲିବାନୀଙ୍କ ସାଥିରେ ରହିଥିବା କୁହାଯାଉଛି । ତେଣୁ ତୁରନ୍ତ ପାକିସ୍ତାନ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହିତ ତାକୁ ମିଳୁଥିବା ସମସ୍ତ ସୁବିଧା ସୁଯୋଗ ମଧ୍ୟ ବନ୍ଦ କରିବାକୁ ଦାବି ଉଠିଲାଣି ।

## ସାମ୍ବାଦିକଙ୍କ ଉପରେ ତାଲିବାନର ବର୍ବରତା

## ଗଣମାଧ୍ୟମ ପ୍ରତିନିଧିଙ୍କୁ ମାଡ ମାରି ଲହୁଲୁହାଣ



ନୂଆଦିଲ୍ଲୀ,୦୯/୦୯: ଆଫଗାନିସ୍ତାନରେ ତାଲିବାନ ସରକାର ଗଠନ ନେଇ ଘୋଷଣା କରିବା ପରେ ଲୋକଙ୍କ ଚିନ୍ତା ବଢିବାରେ ଲାଗିଛି । କିଛି ଦିନ ହେବ କାବୁଲ ସମେତ ଅନେକ ସହରରେ ତାଲିବାନ ସରକାର ବିରୋଧରେ ପ୍ରଦର୍ଶନ ଦେଖିବାକୁ ମିଳିଛି । ଏହାରି ଭିତରେ ସାମ୍ନାକୁ ଆସିଛି ତାଲିବାନୀ ଆତଙ୍କବାଦୀଙ୍କ ବର୍ବରତା । ଗଣମାଧ୍ୟମ ପ୍ରତିନିଧିଙ୍କୁ ମାଡ ମାରି ଲହୁଲୁହାଣ କରିଥିବାର ଫଟୋ ଏବେ ଭାଇରାଲ ହେବାରେ ଲାଗିଛି । ଆନ୍ଦୋଳନ ସ୍ଥଳକୁ ଯାଇଥିବା ଏହି ସାମ୍ବାଦିକଙ୍କୁ ମାଡ ମାରି ଲହୁଲୁହାଣ କରିଛନ୍ତି ତାଲିବାନୀ ଆତଙ୍କବାଦୀ । କେବଳ ସାମ୍ବାଦିକ ନୁହଁନ୍ତି, ପ୍ରଦର୍ଶନ କରୁଥିବା ପୁରୁଷଙ୍କ ସମେତ ମହିଳାଙ୍କୁ ମଧ୍ୟ ମାଡ ମାରୁଛନ୍ତି ତାଲିବାନୀ । ଯାହାକୁ ସୋସିଆଲ ମିଡିଆରେ ନିନ୍ଦା କରାଯାଉଛି । ଦୁଇ ଦିନ ହେବ ଆଫଗାନିସ୍ତାନରେ ପ୍ରଦର୍ଶନ ଦେଖିବାକୁ ମିଳୁଛି । ଯେଉଁଥିରେ ପୁରୁଷଙ୍କ ସମେତ ମହିଳାମାନେ ମଧ୍ୟ ସାମିଲ ହେଉଛନ୍ତି । ଆଉ ଆନ୍ଦୋଳନ କରୁଥିବା ମହିଳାଙ୍କୁ ମାଡ ମାରୁଛନ୍ତି ତାଲିବାନୀ ଆତଙ୍କବାଦୀ । ସେପଟେ, ଆଫଗାନିସ୍ତାନରେ ନୂଆ ସରକାର ଗଠନ ନେଇ ତାଲିବାନ ଘୋଷଣା କରିବା ପରେ ସରକାର ବିରୋଧରେ ବିରୋଧ ପ୍ରଦର୍ଶନ ବଢିବାରେ ଲାଗିଛି । ଏହାକୁ ନଜରରେ ରଖି ତାଲିବାନ ସରକାରର ଗୃହ ମନ୍ତ୍ରଣାଳୟ ବିରୋଧ ପ୍ରଦର୍ଶନକୁ ନେଇ ନୂଆ ନିୟମ ଜାରି କରିଛି । ବର୍ତ୍ତମାନ ତାଲିବାନ ସରକାର ଆଫଗାନିସ୍ତାନରେ କୌଣସି ପ୍ରଦର୍ଶନ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ବିନା ଅନୁମତିରେ ସେଠାରେ ଏବେ ପ୍ରଦର୍ଶନ କରାଯାଇପାରିବନାହିଁ । ପ୍ରଦର୍ଶନର ୨୪ଘଂଟା ପୂର୍ବରୁ ଅନୁମତି ନେବାକୁ ପଡିବ । ନୂଆ ନିୟମ ଅନୁସାରେ, ବିରୋଧ ପ୍ରଦର୍ଶନ ପାଇଁ ଆଇନ ମନ୍ତ୍ରଣାଳୟର ଅନୁମତି ନେବାକୁ ପଡିବ । ବିରୋଧ ପ୍ରଦର୍ଶନ ବେଳେ କେଉଁ ନାରା ଦିଆଯିବ, ସ୍ଥାନ, ସମୟ ଓ ଲକ୍ଷ୍ୟ ସମ୍ପର୍କରେ ପ୍ରଶାସନକୁ ଜଣାଇବାକୁ ହେବ । ଏହା ନ କଲେ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତାଲିବାନ ସରକାର ଧମକ ଦେଇଛନ୍ତି ।

## ଯୁକ୍ତ ୩ ନାମଲେଖା ପାଇଁ ପ୍ରକାଶ ପାଇଲା ପ୍ରଥମ କଟ୍ ଅଫ୍ ମାର୍କ

ଭୁବନେଶ୍ୱର,୦୯/୦୯(ନି.ପ୍ର): ଯୁକ୍ତ ୩ ନାମଲେଖା ପାଇଁ ଗୁରୁବାର ପ୍ରଥମ କଟ୍ ଅଫ୍ ମାର୍କ ପ୍ରକାଶ ପାଇଛି। ପ୍ରଥମ ପର୍ଯ୍ୟାୟରେ ଯୁକ୍ତ ୩ରେ ନାମ ଲେଖାଇବା ପାଇଁ ୧,୬୮,୫୩୭ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ରାଜ୍ୟର ଯୁକ୍ତ ୩ କଲେଜ ଗୁଡ଼ିକରେ ମୋଟ୍ ୧,୪୯, ୫୩୯ ସିଟ୍ ଥିବା ବେଳେ ୨,୪୪,୨୫୨ ଜଣ ପିଲା ଆବେଦନ କରିଛନ୍ତି। ଯୁକ୍ତ ୩ ନାମଲେଖା ପାଇଁ ପିଲମାନେ ଅଗଷ୍ଟ ୨୦ ତାରିଖ ସକାଳ ୧୧ଟାରୁ ସେପ୍ଟେଟର ୪ ତାରିଖ ରାତି ୧୧ଟା ୪୫ ମିନିଟ୍ ଯାଏଁ ଅନଲାଇନ୍ ଆବେଦନ କରିଥିଲେ। ଛାତ୍ରଛାତ୍ରୀମାନେ ସେପ୍ଟେମ୍ବର ୯ରୁ ୧୪ ତାରିଖ ରାତି ୧୧ଟା ୪୫ ମିନିଟ୍ ଯାଏଁ ଯାଏଁ ସାମ୍ସ ପୋର୍ଟାଲରେ ଅନଲାଇନ୍ ଫି ଦାଖଲ କରିପାରିବେ। ଏହାପରେ ପ୍ରଥମ ପର୍ଯ୍ୟାୟର ଆଡମିସନ୍ ପ୍ରକ୍ରିୟା ସେପ୍ଟେମ୍ବର ୧୬ ତାରିଖରେ ଶେଷ ହେବ। ସେପ୍ଟେଟର ୨୧ରେ ଦ୍ୱିତୀୟ ମେରିଟ୍ ଲିଷ୍ଟ ପ୍ରକାଶ ପାଇବ।

## ଆସନ୍ତା ୧୪ ତାରିଖ ଯାଏଁ ପ୍ରବଳ ବର୍ଷା !

ଭୁବନେଶ୍ୱର,୦୯/୦୯(ନି.ପ୍ର): ଆସନ୍ତା ୧୦ ତାରିଖରେ ଉତ୍ତର ବଙ୍ଗୋପସାଗର ପୂର୍ବ ଭାଗରେ ଏକ ଲଘୁଚାପ ବଳୟ ସୃଷ୍ଟି ହେବ । ଯାହାକି ୧୧ରେ ଲଘୁଚାପରେ ପରିଣତ ହୋଇ ୧୩ କିମ୍ବା ୧୪ ତାରିଖ ସକାଳେ ଦକ୍ଷିଣ ଓଡ଼ିଶା ଉପକୂଳ ଓ ସଂଲଗ୍ନ ଉତ୍ତର ଆନ୍ଧ୍ର ଉପକୂଳ ଦେଇ ପଶ୍ଚିମ ଆଡ଼କୁ ଗତି କରିବ । ଏହାର ପ୍ରଭାବରେ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ବର୍ଷା ହେବ । ଅନ୍ୟାନ୍ୟ ଅଞ୍ଚଳରେ ୧୧ରୁ ୧୩ ଯାଏ ବର୍ଷା ହେବା ନେଇ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ପୂର୍ବାନୁମାନ କରିଛନ୍ତି । ଆକଳନ ଅନୁଯାୟୀ ଏହି ସମୟ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, କଳାହାଣ୍ଡି ଓ ଅଭ୍ୟନ୍ତରୀଣ ଗଞ୍ଜାମରେ ସପ୍ତାହକ ଭିତରେ ସମୁଦାୟ ୧୦୦ ମିମିରୁ ଅଧିକ ବର୍ଷା ହୋଇପାରେ । ▶▶ପୃଷ୍ଠା ୭

## ଦୁଷ୍ମନ୍ତଙ୍କ ମୃତ୍ୟୁ ପାଇଁ ଦାୟୀ କିଏ ?




ଭୁବନେଶ୍ୱର,୦୯/୦୯(ନି.ପ୍ର): କଟକ ବଡ ମେଡିକାଲରେ ରାତିଅଧରେ ହେଲା ଦୁଷ୍ମନ୍ତଙ୍କ ପୋଷ୍ଟମର୍ଟମ ଓ ଏହାପରେ ପୁରୀ ସ୍ୱର୍ଗଦ୍ୱାରରେ ହୋଇଛି ଅନ୍ତିମ ସଂସ୍କାର । ତେବେ ରାତିରେ ମୃତଦେହ ବ୍ୟବଚ୍ଛେଦ କରିବା ନିୟମ ନାହିଁ । ତେଣୁ ଦୁଷ୍ମନ୍ତଙ୍କ ମୃତଦେହ କେମିତି ରାତି ଅଧିଆ ପୋଷ୍ଟମର୍ଟମ କରାଗଲା, ଏହା ପଛର କାରଣ କଣ । କାହିଁକି ସକାଳ ଯାଏଁ ଅପେକ୍ଷା କରାଗଲା ନାହିଁ,ତରବରିଆ ଭାବେ ପୋଷ୍ଟମର୍ଟମ କରିବା ପଛର କାରଣ କଣ । ରାତି ଅଧରେ ମୃତଦେହ ବ୍ୟବଚ୍ଛେଦ କରିବା ପରେ ଦୁଷ୍ମନ୍ତଙ୍କ ମୃତ୍ୟୁକୁ ନେଇ ଜନସାଧାରଣରେ ସନ୍ଦେହ ଦେଖା ଦେଇଛି । କଟକ ବଡ଼ ମେଡିକାଲରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଅଭିଯୋଗ ଆଣି ଦୁଷ୍ମନ୍ତ ଗତକାଲି ବିଧାନସଭା ଆଗରେ ହାତ କାଟିବା ସହ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ପରେ ତାଙ୍କୁ ଏସସିବିକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା । ଦୁଷ୍ମନ୍ତଙ୍କ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଅଭିଯୋଗ ପରେ ଘଟଣାର ତଦନ୍ତ ହେବ ବୋଲି ଏସସିବି ପକ୍ଷରୁ କୁହାଯାଇଛି । ସୂଚନା ଅନୁସାରେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ପଙ୍କପାଳ ଅଞ୍ଚଳର ଦୁଷ୍ମନ୍ତ ଦାସ ଗତବର୍ଷ ମାର୍ଚ୍ଚ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଘରକୁ ଫେରୁଥିବା ବେଳେ ପିକଅପ୍ ଭ୍ୟାନ୍ ଧକ୍କାରେ ତାଙ୍କ ବାମ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା । ପ୍ରଥମେ ତାଙ୍କୁ ଜଗତସିଂହପୁର ମେଡିକାଲ ଓ ପରେ ଏସସିବିରେ ଭର୍ତ୍ତି କରାଯାଇଥିଲା । ଗତବର୍ଷ ▶▶ପୃଷ୍ଠା ୭

## ଆମେ ବିଜେପି କି କଂଗ୍ରେସକୁ ଭୟ କରୁନୁ : ପ୍ରମିଳା ମଲ୍ଲିକ

ଭୁବନେଶ୍ୱର,୦୯/୦୯ (ନି.ପ୍ର): ଶାସକ ବିଜେଡି ଦଳ ସିଂହ ଛାଲ ପିନ୍ଧି ସିଂହର ଗର୍ଜନ କରୁଛି । କେନ୍ଦ୍ରରେ ବିଲେଇ ଆଗରେ ମୂଷା ଭଳି ଲୁଚୁଛି। କାଳେ ବିଲେଇ ମୂଷାକୁ ଖାଇଦେବ ଏହି ଭୟ ରହିଚି। ଖଣି ଦୁର୍ନୀତି ତାତି ରୁ ବର୍ତିବା ପାଇଁ ଏବେ କେନ୍ଦ୍ର ଅବହେଳା କଥା କହି ନାଟକ ବାଜି କରୁଛି ବୋଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପ୍ରତିକ୍ରିୟା ଦେଇଛନ୍ତି। ଅପରପକ୍ଷରେ ଏଭଳି ଆକ୍ଷେପର ଜବାବ ନେଇ ଶାସକ ଦଳ ମୁଖ୍ୟ ସଚେତକ ଶ୍ରୀମତୀ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ▶▶ପୃଷ୍ଠା ୭

## ବିଧାନସଭାରେ ଜାତିଭିତ୍ତିକ ଜନଗଣନା ଓ ସଂରକ୍ଷଣ ସଂକଳ୍ପ ପାରିତ



ଭୁବନେଶ୍ୱର,୦୯/୦୯(ନି.ପ୍ର): ଆଲୋଚନା, ହୋ-ହାଲ୍ଲା, ପାଟିତୁଣ୍ଡ ଓ ବିଲ୍ ପାରିତ ଭିତରେ ଆଜି ଶେଷ ହୋଇଛି ବିଧାନସଭାର ମୌସୁମୀ ଅଧିବେଶନ । ବିଧାନସଭାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିବା ସହ ମୌସୁମୀ ଅଧିବେଶନ ଶେଷ ହୋଇଛି । ତେବେ ମୌସୁମୀ ଅଧିବେଶନର ଶେଷ ଦିନରେ ହୋ-ହାଲ୍ଲା ଭିତରେ ଜାତିଭିତ୍ତିକ ଜନଗଣନା ଓ ସଂରକ୍ଷଣ ସୀମା ୫୦ ପ୍ରତିଶତ ବଢ଼ାଇବା ଦାବିରେ ବିଧାନସଭାରେ ସଂକଳ୍ପ ପ୍ରସ୍ତାବ ଆଗତ ହୋଇଥିଲା । ମନ୍ତ୍ରୀ ଜଗନ୍ନାଥ ସାରକା ଏହି ସଂକଳ୍ପ ପ୍ରସ୍ତାବ ଗୃହରେ ଆଗତ ହୋଇଥିଲା । ଆଉ ବିରୋଧୀଙ୍କ ହୋ-ହାଲ୍ଲା ଭିତରେ ବିଧାନସଭାରେ ସଂକଳ୍ପ ପାରିତ ହୋଇଛି । ଏହି ସଂକଳ୍ପକୁ ରାଜ୍ୟ ଓବିସି କମିଶନଙ୍କ ନିକଟକୁ ବିଧାନସଭା ପକ୍ଷରୁ ପଠାଯିବ । ଆଉ କମିଶନ ଏହି ପ୍ରସ୍ତାବକୁ କେନ୍ଦ୍ର ସରକାରଙ୍କୁ ପଠାଇବେ । ତେବେ ଏହି ପ୍ରସ୍ତାବକୁ ନେଇ ଆଲୋଚନା ବେଳେ ବିରୋଧୀ କଂଗ୍ରେସ ଓ ବିଜେପି ଅନୁପସ୍ଥିତ ଥିଲେ। ପୂର୍ବରୁ ସର୍ବୋଚ୍ଚ ନ୍ୟାୟାଳୟ ସଂରକ୍ଷଣ ସୀମାକୁ ୫୦ ପ୍ରତିଶତ ଭିତରେ ସୀମିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ତେଣୁ ସଂରକ୍ଷଣ ସୀମା ବଢାଇବାକୁ କେନ୍ଦ୍ର ସରକାରଙ୍କ ଉପରେ ଏହି ସଂକଳ୍ପ ମାଧ୍ୟମରେ ଚାପ ପକାଇବ ବିଜେଡି । ପୂର୍ବରୁ ଲୋକସଭାରେ ଓବିସି ବିଲ୍ ପାସ୍ ହେବା ବେଳେ ଏହାକୁ ▶▶ପୃଷ୍ଠା ୭

## ଦେଶର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ତାଲିକା -୨୦୨୧କୁ ଉନ୍ମୋଚନ କଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ




ନୂଆଦିଲ୍ଲୀ/ଭୁବନେଶ୍ୱର,୦୯/୦୯ (ନି.ପ୍ର): ଦେଶର ର୍ୟାଙ୍କିଂ ଫ୍ରେମୱାର୍କରେ ଅଧିକରୁ ଅଧିକ ଶିକ୍ଷାନୁଷ୍ଠାନ ଆଣିବା ପାଇଁ ଆମେ ସାମୂହିକ ଭାବରେ କାର୍ଯ୍ୟ କରିବା ସହ ଭାରତକୁ ଏକ ବିଶ୍ୱସ୍ତରୀୟ ଅଧ୍ୟୟନର ପେଣ୍ଠସ୍ଥଳି ଭାବରେ ପ୍ରତିଷ୍ଠା କରିବାକୁ ହେବ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଗୁରୁବାର ଅନଲାଇନ ପ୍ଲାଟଫର୍ମରେ ବିଭାଗୀୟ ମନ୍ତ୍ରଣାଳୟର ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ ର୍ୟାକିଙ୍ଗ୍ ଫେମୱାର୍କ (ଏନଆଇଆରଏଫ) ଦ୍ୱାରା ବର୍ଗୀକୃତ ଦେଶର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ତାଲିକା -୨୦୨୧ ଉନ୍ମୋଚନ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି । କେନ୍ଦ୍ରମନ୍ତ୍ରୀ ଏନଆଇଆରଏଫ ତାଲିକାରେ ୧୧ଟି ବିଭିନ୍ନ ବିଭାଗ ଯଥା ସାମଗ୍ରିକ ସଫଳତାକୁ ନେଇ ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ, ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ, ଇଞ୍ଜିନିୟରିଂ, ମ୍ୟାନେଜମେଂଟ୍, କଲେଜ, ଫାର୍ମାସୀ, ମେଡ଼ିକାଲ, ଆର୍କିଟେକଚର, ଆଇନ, ଡେଂଟାଲ ଏବଂ ଗବେଷଣା ଅନୁଷ୍ଠାନର ପୃଥକ ପୃଥକ ଶ୍ରେଷ୍ଠ ୧୦ ଏବଂ ଶ୍ରେଷ୍ଠ ୫ ତାଲିକା ଘୋଷଣା କରିଛନ୍ତି। ଓଭରାଲ ବର୍ଗରେ ଆଇଆଇଟି ମାଡ୍ରାସ ଶିକ୍ଷାନୁଷ୍ଠାନ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ବିଶ୍ୱବିଦ୍ୟାଳୟ ବର୍ଗରେ ଆଇଆଇଏସ ବେଙ୍ଗାଲୁରୁ, କଲେଜ ବର୍ଗରେ ଦିଲ୍ଲୀର ମିରଣ୍ଡା ହାଉସ, ଇଞ୍ଜିନିୟରିଂ ବର୍ଗରେ ଆଇଆଇଟି ମାଡ୍ରାସ, ମେଡିକାଲ ବର୍ଗରେ ଦିଲ୍ଲୀ ଏମ୍ସ, ଗବେଷଣାରେ ଆଇଆଇଏସ ବେଙ୍ଗାଲୁରୁ ତାଲିକାର ଶୀର୍ଷ ସ୍ଥାନରେ ରହିଛନ୍ତି। ଅନୁରୂପ ଭାବରେ ମ୍ୟାନେଜମେଂଟ୍ ବର୍ଗରେ ଆଇଆଇଏମ ଅହମ୍ମଦବାଦ, ଫାର୍ମାସୀ ବର୍ଗରେ ଜାମିଆ ହମଦର୍ଦ୍, ଆର୍କିଟେକଚରରେ ଆଇଆଇଟି ରୁରକି, ▶▶ପୃଷ୍ଠା ୭

## ଡେଇଁ ଚାଲିଛି ଅଜଣା ଜର : ୯୦ରୁ ଅଧିକ ଆକ୍ରାନ୍ତଙ୍କ ମୃତ୍ୟୁ ସୂଚନା



ଭୁବନେଶ୍ୱର,୦୯/୦୯(ନି.ପ୍ର): ଉତ୍ତର ପ୍ରଦେଶରେ ଭାଇରାଲ ଜ୍ୱରର ପ୍ରକୋପ ବଢିବାରେ ଲାଗିଛି । ସାରା ରାଜ୍ୟରେ ଏ ପର୍ଯ୍ୟନ୍ତ ୯୦ରୁ ଅଧିକ ଜଣ ଆକ୍ରାନ୍ତ ପ୍ରାଣ ହରେଇ ଥିବା ସୂଚନା ମିଳିଛି । ଉତ୍ତରପ୍ରଦେଶ ଫିରୋଜାବାଦରୁ ହିଁ ସର୍ବାଧିକ ୫୫ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ମୃତକଙ୍କ ମଧ୍ୟରେ ଶିଶୁଙ୍କ ସଂଖ୍ୟା ଅଧିକ ରହିଛି । ଫିରୋଜାବାଦ ଜିଲ୍ଲାରୁ ଆରମ୍ଭ ହୋଇଥିବା ଏହି ସଂକ୍ରମଣ ଏବେ ଦିଲ୍ଲୀ, ମଧ୍ୟପ୍ରଦେଶ ଓ ବିହାର ପର୍ଯ୍ୟନ୍ତ ବ୍ୟାପିବାରେ ଲାଗିଛି । ଉତ୍ତରପ୍ରଦେଶରେ ଭାଇରାଲ ଜ୍ୱରର ଆତଙ୍କ । ପ୍ରତିଦିନ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାରୁ ସରକାରଙ୍କ ଚିନ୍ତା ବଢିଛି । ଭାଇରାଲ ସଂକ୍ରମଣ ଓ ଡେଙ୍ଗୁ ବ୍ୟାପୁଥିବା ଆଶଙ୍କା ବଢୁଛି । ସଂକ୍ରମଣକୁ ରୋକିବାରେ କୌଣସି ଉପାୟ କାମ ଦେଉନାହିଁ । ୟୁପିର ଫିରୋଜାବାଦ ସମେତ କାସଗଞ୍ଜ, ଏଟା, ମଥୁରା, ମିରଟ, ପ୍ରୟାଗରାଜ, ବାରଣାସୀ ଓ ଫରୁଖାବାଦରେ ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି । ତେବେ ସ୍ୱାସ୍ଥ୍ୟ ବିଭାଗ ଏନେଇ ବ୍ୟାପକ ପ୍ରସ୍ତୁତି କରିଛି । ଗାଁ ଗାଁରେ ସ୍ୱାସ୍ଥ୍ୟ କର୍ମୀଙ୍କୁ ନିୟୋଜିତ କରି ଟେଷ୍ଟିଂ ଓ ଔଷଧ ବଂଟନ ବ୍ୟାପକ କରାଯାଇଛି । ▶▶ପୃଷ୍ଠା ୭

## ଆନ୍ଧ୍ର ଓଡ଼ିଶା ସୀମା ବିବାଦ : ତୁରନ୍ତ ହସ୍ତକ୍ଷେପ ପାଇଁ ଦାବି

ଭୁବନେଶ୍ୱର,୦୯/୦୯ (ନି.ପ୍ର): ଗଜପତି ଜିଲ୍ଲାର ଗଙ୍ଗାବାଡ଼ ପଂଚାୟତର ମାଣିକ ପାଟଣା ଗ୍ରାମରେ ଆନ୍ଧ୍ର ପକ୍ଷରୁ ଜବରଦସ୍ତ ଆରମ୍ଭ ହୋଇଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ଦୁଇଦିନ ତଳେ ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇ ସିଲ୍ କରାଯାଇଥିଲା । ଆଜି ଆନ୍ଧ୍ର ସରକାରଙ୍କ କିଛି ଅଧିକାରୀ ଓ ସେହି ରାଜ୍ୟର ପଶୁ ସମ୍ପଦ ମନ୍ତ୍ରୀ ଆପଲା ରାଜୁ ମାଣିକ ପାଟଣା ଗ୍ରାମରେ ପହଂଚି ଉକ୍ତ କେନ୍ଦ୍ରକୁ ଖୋଲିବା ସହିତ ୫ଜଣ ପିଲାଙ୍କୁ ଅଙ୍ଗନବାଡ଼ି କେନ୍ଦ୍ରରେ ପାଠ ପଢାଇଛନ୍ତି ଓ ଅଣ୍ଡା ବାଂଟି ଥିବାର ଖବର ଗଣମାଧ୍ୟମରେ ପ୍ରକାଶିତ ହୋଇଛି। ଆନ୍ଧ୍ର ସରକାରଙ୍କର ଏହି ଦାଦାଗିରି ଦିନକୁ ଦିନ ଅସହ୍ୟ ହୋଇ ଉଠିଲାଣି। କିଛିଦିନ ତଳେ କୋଟିଆ ଗ୍ରାମପୁଞ୍ଜର ନେରେଡ଼ିଭାଲସା ଗ୍ରାମରେ ପହଂଚି ଆନ୍ଧ୍ର ଥାନା ଅଧିକାରୀମାନେ ଲୋକଙ୍କ ଅଭିଯୋଗର ଶୁଣାଣୀ କରିଥିଲେ। ତା ପୂର୍ବରୁ ପଶୁ ଚିକିତ୍ସା ଶିବିର କରିବା ସହିତ ଛତା ବଂଟନ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଇଥିଲେ। କୋଟିଆ ଓ ଗଜପତି ଜିଲ୍ଲାର ମାଣିକ ପାଟଣାରେ ଅଙ୍ଗନବାଡ଼ି କେନ୍ଦ୍ର ଖୋଲିବା ଓଡ଼ିଶାର ସ୍ୱାଭିମାନ ଉପରେ ଆକ୍ରମଣ। ସୁପ୍ରିମକୋର୍ଟ ଆନ୍ଧ୍ର ଓଡ଼ିଶା ଭିତରେ ଥିବା ବିବାଦକୁ ୬ ସପ୍ତାହ ଭିତରେ ଆପୋଶ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ପରାମର୍ଶ ଦେଇଥିଲା ବେଳେ ଆନ୍ଧ୍ର ସରକାର ବାରମ୍ବାର ଓଡ଼ିଶା ସୀମାକୁ ଅନୁପ୍ରବେଶ କରି ଦାଦାଗିରି ଦେଖାଇବା ଓ ଜବରଦସ୍ତ ଅଙ୍ଗନବାଡ଼ି କେନ୍ଦ୍ର ଚଳାଇବା ଆନ୍ଧ୍ରର ଦାଦାଗିରିର ପରିଚୟକ। ତୁରନ୍ତ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ଆନ୍ଧ୍ରର ଦାଦାଗିରି ଉପରେ କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରିବାକୁ ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ଅନୁରୋଧ କରିଛନ୍ତି। ସେହିଭଳି ପଶ୍ଚିମବଙ୍ଗ ସରକାର ମଧ୍ୟ ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକର ଉଦୟପୁର ସୀମାରେ ପାଚେରୀ ନିର୍ମାଣ କରିବାର ଖବର ଆସିଛି। ଗୋଟିଏ ପଟେ ଆନ୍ଧ୍ର ଏବଂ ଉତର ଦିଗରେ ପଶ୍ଚିମବଙ୍ଗଳାର ଓଡ଼ିଶାର ସୀମା ଭିତରେ ଅନୁପ୍ରବେଶକୁ ଆଦୌ ବରଦାସ୍ତ କରାଯିବ ନାହିଁ।

## ତେଜିଲା ଚାଷୀ ଆନ୍ଦୋଳନ : କର୍ଣ୍ଣାଲରେ ୧୨ ଘଣ୍ଟିଆ ମୋବାଇଲ ଇଂଟରନେଟ ବ୍ୟାନ

ନୂଆଦିଲ୍ଲୀ,୦୯/୦୯: କୃଷକ ଆନ୍ଦୋଳନକୁ ଆଖିରେ ରଖି କର୍ଣ୍ଣାଲରେ ମୋବାଇଲ ଇଂଟରନେଟ ଓ ଏସଏମଏସ ସର୍ଭିସକୁ ସସପେଣ୍ଡ କରିଛନ୍ତି ହରିୟାଣା ସରକାର । ଆନ୍ଦୋଳନ ବେଳେ ଲାଠିଚାର୍ଜ ନିର୍ଦ୍ଦେଶ ଦେଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେଧାରଣାରେ ବସିଛନ୍ତି ଚାଷୀ । ତେଣୁ ଗୁଜବ ପ୍ରଚାର ରୋକିବା ସହ ଆଇନଶୃଙ୍ଖଳା ପରିସ୍ଥିତକୁ ଆଖିରେ ରଖି ଇଂଟରନେଟ ସେବା ବ୍ୟାନ କରାଯାଇଥିବା କହିଛନ୍ତି ହରିୟାଣା ସରକାର । କର୍ଣ୍ଣାଲରେ ଆଜି ରାତି ୧୨ଟା ଯାଏଁ ଇଂଟରନେଟ ବ୍ୟାନ ଜାରି ରହିବ । ଗତକାଲି ପ୍ରଶାସନ ଓ ଚାଷୀଙ୍କ ମଧ୍ୟରେ ଆଲୋଚନାରୁ କୌଣସି ନିଷ୍କର୍ଷ ବାହାରି ପାରିନଥିଲା । ତେଣୁ ଆଜିଠୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣାରେ ବସିବାକୁ ଚେତାବନୀ ଦେଇଛନ୍ତି ଚାଷୀ । କିଛି ଦିନ ତଳେ କର୍ଣ୍ଣାଲର ଏକ ବୈଠକରେ ଯୋଗ ଦେବାକୁ ମୁଖ୍ୟମନ୍ତ୍ରୀ ମୋନହର ଲାଲ ଖଟ୍ଟର ଯିବା କାର୍ଯ୍ୟକ୍ରମ ଥିଲା । ସେହି ସମୟରେ କର୍ଣ୍ଣାଲ ଟୋଲପ୍ଲାଜା ନିକଟରେ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧ ପ୍ରଦର୍ଶନ କରିବାକୁ ଏକାଠି ହୋଇଥିବା ଚାଷୀଙ୍କ ଉପରେ ଲାଠିଚାର୍ଜ କରିଥିଲା ପୁଲିସ । ଏହାର କିଛି ଘଣ୍ଟା ପରେ ପୁଲିସ ଅଧିକାରୀଙ୍କୁ କର୍ଣ୍ଣାଲ ପ୍ରଶାସନିକ ଅଧିକାରୀ ଆଇଏଏସ ଆୟୁଷ ସିହ୍ନା, ଚାଷୀଙ୍କ ମୁଣ୍ଡ ଫଟେଇ ଦେବାକୁ ନିର୍ଦ୍ଦେଶ ଦେଉଥିବା ଏକ ଭିଡିଓ କ୍ଲିପ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା । ଏହି ଭିଡିଓ ଭାଇରାଲ ପରେ ଚାଷୀ ଆନ୍ଦୋଳନ ତେଜିବାରେ ଲାଗିଛି ।

## ଏବିଭିପି ତରଫରୁ ବ୍ୟକ୍ତିତ୍ୱ ବିକାଶ ଶିବିର

ଭୁବନ,୯/୯ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଭୁବନ ଶାଖା ତରଫରୁ ମହାବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ନେଇ ସ୍ଥାନୀୟ ବିଜୁ ପଟ୍ଟନାୟକ କମ୍ପ୍ୟୁଟର ସେଂଟର ଠାରେ ବ୍ୟକ୍ତିତ୍ୱ ବିକାଶ ଶିବିର ଅନୁଷ୍ଠିତ ହୋଇଯାଇଛି । ସଙ୍ଗଠନ ସମ୍ପାଦିକା ସାଗରିକା ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଠକରଗୋଳା ମହାବିଦ୍ୟାଳୟ ଅଧ୍ୟାପକ ଲଳିତ କୁମାର ବେହେରା ମୁଖ୍ୟଅତିଥି, ଏବିଭିପିର ପୂର୍ବତନ ରାଜ୍ୟ ସଭାପତି ତଥା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇ ସମୟର ସଦୁପଯୋଗ, ଭାରତୀୟ ସଂସ୍କୃତି ଛାତ୍ରଛାତ୍ରୀମାନଙ୍କର ଲକ୍ଷ୍ୟ ଓ ଆଦର୍ଶରେ ସମାଜରେ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକାରିଣୀ ସଦସ୍ୟ କାହ୍ନା ସାହୁ, ଅଭିଷେକ ମିଶ୍ର, ଜ୍ୟୋତିର୍ମୟୀ ସାହୁ, ଟୁନାଲି ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଓ ସହଯୋଗ କରିଥିଲେ ।

## ସୌର ଚାଳିତ ରାଜ୍ୟରେ ପ୍ରଥମ ଶୀତଳ ଭଣ୍ଡାର ଉଦ୍‌ଘାଟନ

କେନ୍ଦ୍ରାପଡ଼ା,୯/୯ (ନି.ପ୍ର): ସୌର ଚାଳିତ ଶୀତଳ ଭଣ୍ଡାର ରାଜ୍ୟରେ ପ୍ରଥମ କରି କେନ୍ଦ୍ରାପଡା ଜିଲ୍ଲାରେ ସ୍ଥାପନ କରାଯିବା ସହ ଏହାର ଉଦ୍‌ଘାଟନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ବ୍ଲକ ଚନ୍ଦନପୁର ଠାରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି କୃଷକ ମାନଙ୍କୁ ଉତ୍ସର୍ଗ କରିଥିଲେ । ଚନ୍ଦନପୁର, କେଶପୁର, ସାନମାଣତିଆ, ଘାଗରା, ଗାଙ୍ଗପଡା ପ୍ରମୁଖ ୫ଟି ପଂଚାୟତର ଚାଷୀମାନେ ଏହାଦ୍ୱାରା ଉପକୃତ ହେବେ ବୋଲି ଜଣାପଡିଛି । ୨୩ ଲକ୍ଷ ଟଙ୍କା ବ୍ୟୟରେ ତିଆରି ହୋଇଥିବା ଏହି ଶୀତଳ ଭଣ୍ଡାର ସଂପୂର୍ଣ୍ଣ ଭାବରେ ସୌରଶକ୍ତି ଦ୍ୱାରା ପରିଚାଳିତ ହେବ । ସ୍ୱୟଂ ସହାୟିକା ଗୋଷ୍ଠୀର ୧୦ ଜଣିଆ ବଛା ବଛା ଉଦ୍ୟୋଗି ମଣ୍ଡଳୀ ଦ୍ୱାରା ଏହି ଶୀତଳ ଭଣ୍ଡାର ର ପରିଚାଳନା କରାଯିବ ବୋଲି ଜଣାପଡିଛି ।

# 'ଆମେ'ର ଅମାବାସ୍ୟା ଆସର ଓ ସମ୍ବର୍ଦ୍ଧନା ସମାରୋହ



ଭଦ୍ରକ,୯/୯ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ସାହିତ୍ୟ ସଂସ୍କୃତି ସଂଗଠନ 'ଆମେ'ର ୨୬ତମ ଅମାବାସ୍ୟା ଆସର ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ପ୍ରଜ୍ଞାପୀଠ ଠାରେ ପାଳିତ ହୋଇ ଯାଇଛି । ଏହି ସଭାରେ ୨୦୧୯ ଓ ୨୦୨୦ ପାଇଁ ଓଡ଼ିଶା ରାଜ୍ୟ ସଂଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ଦୁଇ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱ ନାଟ୍ୟକାର ସୁଧାକର ନନ୍ଦ ଓ ନାଟ୍ୟଶ୍ରୀ ନିର୍ମଳ ଚନ୍ଦ୍ର ରାଉତଙ୍କୁ 'ଆମେ' ଅନୁଷ୍ଠାନ ତରଫରୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଏବଂ ସହିଦ ସ୍ମାରକୀ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ନାଟ୍ୟନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି । ମୁଖ୍ୟ ଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ସୁଦର୍ଶନ ବାରିକ, ସମ୍ମାନିତ ଅତିଥି ଓ ବକ୍ତା ଭାବେ ଲାୟନ୍ସ କ୍ଲବ ସଭାପତି ଅଶୋକ କୁମାର ମହାନ୍ତି ଓ ଡ. ରେଣୁବାଳା ତ୍ରିପାଠୀ ଯୋଗ ଦେଇଥିଲେ । ବେଦପାଠ ପରେ ମଞ୍ଚକୁ ଅତିଥି ନିମନ୍ତ୍ରଣ କରିଥିଲେ ନାଟ୍ୟାଭିନେତା କାଳନ୍ଦୀ ମଲ୍ଲିକ, ଅନୁଷ୍ଠାନର ବିବରଣୀ ଏବଂ ସଭାର ଆଭିମୁଖ୍ୟ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ ପ୍ରତିଷ୍ଠାତା ସମ୍ପାଦକ ପ୍ର. ଅଟଳ ବିହାରୀ ନାୟକ । ରାଜ୍ୟ ସଂଗୀତ ନାଟକ ଏକାଡେମୀ ପୁରସ୍କୃତ ଦୁଇ ନାଟ୍ୟକାରଙ୍କ ସାହିତ୍ୟ ଓ ନାଟ୍ୟ କୃତି ଉପରେ ସମୀକ୍ଷା କରିଥିଲେ ନାଟ୍ୟଗୁରୁ ବାଦଲ ସିକ୍‌ଦାର, ସ୍ତମ୍ଭକାର ଡ. ପ୍ରଫୁଲ୍ଲ କୁମାର ସାହୁ, ନାଟ୍ୟକାର ପ୍ର. ଅଟଳ ବିହାରୀ ନାୟକ, ଅନ୍ୟମାନଙ୍କ ମଧ୍ୟରେ ବିଗତବର୍ଷର ରାଜ୍ୟ ଲଳିତକଳା ଏକାଡେମୀ ପୁରସ୍କୃତ ଚିତ୍ରଶିଳ୍ପୀ ଓ କବି ଅଶୋକ ମହାନ୍ତି, ଆଡଭୋକେଟ ସନ୍ତୋଷ ମହାପାତ୍ର, ଶିବ ପ୍ରସାଦ ମହାନ୍ତି,ପ୍ର. ରାଜକିଶୋର ସାହୁ, ପଣ୍ଡିତ ଦୈତାରୀ ମହାପାତ୍ର, ଅଧ୍ୟାପକ ନିହାର ରଂଜନ କର, ପ୍ରେମ ପୃଥିବୀ ପତ୍ରିକାର ମୁଖ୍ୟ ସମ୍ପାଦକ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ପଣ୍ଡା, ବିଶ୍ୱମ୍ଭର ପଣ୍ଡା, ସଂଜୀବ କୁମାର ନାୟକ, ଶଶାଙ୍କ ଶେଖର ପଣ୍ଡା, ଡ. ଲକ୍ଷ୍ମୀକାନ୍ତ ନାୟକ, ରମାକାନ୍ତ ପଣ୍ଡା, ରୋଟାରୀ କ୍ଲବ ଆସିଷ୍ଟାଣ୍ଟ ଗଭର୍ଣ୍ଣର ଆଡଭୋକେଟ ଅସିତ କୁମାର ବେହେରା, ପ୍ରଶାସନିକ ଅଧିକାରୀ ବିଦ୍ୟାଧର ପଲେଇ, ପ୍ରାଧ୍ୟାପିକା ଡ. ମମତା ସାହୁ, ଡ. ରାଧାରାଣି ମହାପାତ୍ର, ଡ. ପ୍ରଭାତ ନଳିନୀ ମହାପାତ୍ର, ପ୍ରାଧ୍ୟାପିକା ଭାନୁମତୀ ମାଟିଆ, କବି ଗୀତାରାଣି ଆଇଚ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ କବି ଶକୁନ୍ତଳା ନାୟକ, ଡ ଅବନୀ ପ୍ରଧାନ, କବି ଦିବ୍ୟସିଂହ ଦାସଅଧିକାରୀ, ଯୁବକବି ଅକ୍ଷୟ ଜେନା, ଯୁବ ଗୀତିକାର ଅରୂପାନନ୍ଦ, ଯୁବ ସମାଜସେବୀ ରଜତ କୁମାର ସାହୁ, ଅଧ୍ୟାପିକା ସ୍ୱାଗତିକା ସାହୁ, ଆଡ୍‌ଭୋକେଟ ଅମିଳାବାଳା ଆଚାର୍ଯ୍ୟ, ୟୁଡି ଗ୍ରୁପ୍ ଚେୟରମ୍ୟାନ ଅତୁଲ ନାୟକ, ଶିକ୍ଷକ କବି ରତିକାନ୍ତ ବେହେରା, ପ୍ରାଧ୍ୟାପକ ଗୋପାଳ ଚନ୍ଦ୍ର ବେଜ, ଯନ୍ତ୍ରସଂଗୀତକାର ମେଘବର୍ଣ୍ଣ, ଶିକ୍ଷୟିତ୍ରୀ ତପସ୍ୱିନୀ ଦାସ, ଅଳକାନନ୍ଦା ନାୟକ, ତନୁଶ୍ରୀ ନାୟକ, ମାଧବୀଲତା ନାୟକ, ଛାତ୍ରନେତା ସଞ୍ଜୟ ଚକ୍ରବର୍ତ୍ତୀ, କଳାନିର୍ଦ୍ଦେଶକ ନିରନ ନାୟକ, ପ୍ରାଧ୍ୟାପକ ଡ. ଅଭୟ ଦାସ, ସାମ୍ବାଦିକ ତନୁ ପଣ୍ଡା, କବି ନରେଶ ମଣ୍ଡଳ, ମୌସୁମୀ ମହାନ୍ତି, ବ୍ୟାଙ୍କ ଅଧିକାରୀ ବସନ୍ତ କୁମାର ମହାନ୍ତି, ଶିକ୍ଷାବିତ କୈଳାସ ଚନ୍ଦ୍ର ଜେନା ପ୍ରମୁଖ ସଂକ୍ଷିପ୍ତ ବକ୍ତବ୍ୟ ରଖିଥିଲେ । ମଞ୍ଚ ପରିଚାଳନା କରିଥିଲେ ଅନୁଷ୍ଠାନର ଉପସଭାପତି ଡାକ୍ତର ରବିନାରାୟଣ ମହାପାତ୍ର ଓ କୋଷାଧ୍ୟକ୍ଷ ଶିକ୍ଷାବିତ୍ ଲକ୍ଷ୍ମୀକାନ୍ତ ବାରିକ, ସହଯୋଗ ତପନ କୁମାର ମିଶ୍ର, ଧନ୍ୟବାଦ ଅର୍ପଣ କରିଥିଲେ ଅଧ୍ୟାପକ ଅମିତ କୁମାର ନାୟକ ।

# ଅର୍ଥ ଆତ୍ମସାତ ଅଭିଯୋଗରେ ଅଭିଯୁକ୍ତ ଗିରଫ

ଖୋର୍ଦ୍ଧା ,୯/୯ (ନି.ପ୍ର): ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ଆତ୍ମସାତ କରିବା ଅଭିଯୋଗରେ ଜଙ୍କିଆ ଥାନା ପୋଲିସ୍ ଭାରତ ଫାଇନାନ୍ସ କମ୍ପାନୀର ଟଙ୍କା କଲେକ୍ସନ କରୁଥିବା ଜଣେ କର୍ମଚାରୀକୁ ଗିରଫ କରିଛି । ଗିରଫ ଜଣକ ହେଲା ନୟାଗଡ଼ ଜିଲ୍ଲା ବାଲୁଗାଁ ଅଂଚଳର ରଞ୍ଜିତ ବେହେରା । ସୂଚନା ମୁତାବକ ରଞ୍ଜିତ ନୟାଗଡ଼ରେ ଥିବା ଭାରତ ଫାଇନାନ୍ସ କମ୍ପାନୀ ଶାଖାରେ ରଞ୍ଜିତ ବେହେରା ସଂଘ ମ୍ୟାନେଜର ଭାବେ କାମ କରେ । ସେ ବିଭିନ୍ନ ଗ୍ରୁପ୍‌ରୁ ଟଙ୍କା କଲେକ୍ସନ କରି ଆଣି ଶାଖାରେ ଡିପୋଜିଟ୍ କରେ, ହେଲେ ଗତକାଲି ରଞ୍ଜିତ ସକାଳ ୭ଟାରେ କୁରାଢ଼ମଲ, ଗୋଡ଼ିପଡ଼ା ଓ ଲହଂଗା କୁରାଢ଼ମଲ ଅଂଚଳରେ ଥିବା ବିଭିନ୍ନ ଗ୍ରୁପ୍ ଠାରୁ ୧୭,୯୦୬ ଗୋଡ଼ିପଡ଼ା ଗ୍ରୁପ୍ ଠାରୁ ୭,୨୮୯ ଓ ଲହଂଗା ଗ୍ରୁପ୍ ଠାରୁ ୨୮,୮୫୮ ମୋଟ ଏହି ଗ୍ରୁପ୍‌ମାନଙ୍କ ଠାରୁ ୫୪,୦୫୩ କଲେକ୍ସନ କରି ଓଡି-୨୫-ଏଲ୍-୫୮୪୦ ନମ୍ବର ବିଶିଷ୍ଟ କଳା ରଙ୍ଗର ପଲ୍‌ସର ବାଇକ୍ ଯୋଗେ କାର୍ଯ୍ୟାଳୟକୁ ଫେରୁଥିଲେ । ତେବେ ଗତକାଲି ଅପରାହ୍ନ ୨ଟା ୧୨ରେ ୟୁନିଟ୍ ମ୍ୟାନେଜରଙ୍କ ଦ୍ୱାରା ରଞ୍ଜିତ ଶାଖାର ମ୍ୟାନେଜରଙ୍କୁ ଫୋନ୍ ମାଧ୍ୟମରେ ଜଣେଇଲେ ଯେ ସେ ଲହଂଗାରୁ ଟଙ୍କା କଲେକ୍ସନ ସାରି ଫେରୁଥିଲେ । ହେଲେ ଗୋଡ଼ିପଡ଼ା ନିକଟ ସ୍ୱବଣା ଢାବା ଠାରୁ ମାତ୍ର ୫୦୦ ମିଟର ଆଗ ଜାତୀୟ ରାଜପଥ ଓଭରବ୍ରିଜ୍ ପାଖରେ ଅପରାହ୍ନ ୧.୫୦ରେ ଦୁଇଜଣ ଅପରିଚିତ ବ୍ୟକ୍ତି ଆପାଚୀ ବାଇକ୍‌ରେ ଆସି ବନ୍ଧୁକ ଦେଖାଇ ପଲ୍‌ସର ବାଇକ୍‌ର ପଛ ସିଟ୍ ଖୋଲି ୫୪,୦୫୩ ଟଙ୍କା ଲୁଟି ନେଇ ଫେରାର୍ ହୋଇଗଲେ । ପରେ ଶାଖା ମ୍ୟାନେଜର ୟୁନିଟ୍ ମ୍ୟାନେଜରଙ୍କୁ କହିଥିଲେ ଥାନାକୁ ଫୋନ୍ କରିବାକୁ । ତେବେ ଖବର ପାଇ ଜଙ୍କିଆ ଥାନା ପିସିଆର୍ ଗାଡ଼ିରେ ରଞ୍ଜିତକୁ ଆଣି ପଚରାଉଚରା କରିଥିଲେ । ତେବେ ଯୋଜନା ମୁତାବକ ରଞ୍ଜିତ ଲୁଟ୍‌ର ଘଟଣା ନେଇ ବୟାନ ଦେଇଥିଲା । ତେବେ ଏହି ଘଟଣାକୁ ଜଙ୍କିଆ ପୋଲିସ୍ ଗୁରୁତର ସହ ନେଇଥିଲେ । ଏ ନେଇ ରାଜକିଶୋର ଦୋରାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ରଞ୍ଜିତ୍‌ର ସବିଶେଷ ତଥ୍ୟ ଲହଂଗା ଗ୍ରୁପ୍ ମେମ୍ବରମାନଙ୍କୁ ପଚାରି ବୁଝିଥିଲେ । ତେବେ ପୋଲିସ୍‌ର ତଦନ୍ତ ଆରମ୍ଭ ପରେ ଜଣାପଡ଼ିଥିଲା ରଞ୍ଜିତ ସେଠାରୁ ଅପରାହ୍ନ ୨ଟା ପରେ କଲେକ୍ସନ ସାରୀ ଫେରିଥିଲେ । ତେଣୁ ତଦନ୍ତ ସମୟରେ ପୋଲିସ୍ ଜାଣିବାକୁ ପାଇଥିଲା ରଞ୍ଜିତ ବେହେରା ଲୁଟ୍ ହୋଇଥିବା ସମସ୍ତ ଟଙ୍କା ଆତ୍ମସାତ୍ କରିଛି । ଏପରିକି ଲୁଟ୍ ଟଙ୍କାକୁ ରାସ୍ତା ପାଖରେ ଲୁଚେଇ ରଖି ଲୁଟ୍‌ର ବାହାନା କରିଥିଲା । ପରେ ପୋଲିସ୍ ରଞ୍ଜିତକୁ ଗିରଫ କରିବା ସହିତ ଲୁଟ୍ ହୋଇଥିବା ୫୪,୦୫୩ ଟଙ୍କା ସମେତ ପଲ୍‌ସର ବାଇକ୍ ଓ ମୋବାଇଲ୍ ଜବତ କରାଯାଇଛି ।

## ଭୁବନ ଉଚ୍ଚ ବିଦ୍ୟାଳୟରେ ନୂତନ ପ୍ରଧାନ ଶିକ୍ଷକଙ୍କ ଯୋଗଦାନ

ଭୁବନ,୯/୯ (ନି.ପ୍ର): ଭୁବନ ଉଚ୍ଚ ବିଦ୍ୟାଳୟରେ ନୂତନ ପ୍ରଧାନଶିକ୍ଷକ ଭାବେ ପ୍ରତାପ ଶତପଥି ଯୋଗଦାନ କରିଛନ୍ତି । ମୋ ସ୍କୁଲ ଆବାହକ ଶୁଭେନ୍ଦୁ ସାହୁ, ସଭାପତି ପ୍ରଭାସ କୁମାର ସେନାପତି ସଭ୍ୟ ଜୟଗୁରୁ ପାତ୍ର, ପିଟିଏ ସଭାପତି ମନୋଜ କୁମାର ପୋଥାଳ, ଶିକ୍ଷକ ଦିଲ୍ଲୀପ ତ୍ରିପାଠୀ ପ୍ରମୁଖ ନୂତନ ପ୍ରଧାନ ଶିକ୍ଷକ ଶ୍ରୀ ଶତପଥିଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ ।

# କେନାଲକୁ ଖସିଲା ପିସିଆର ଭ୍ୟାନ: ଅଳ୍ପକେ ବର୍ତ୍ତିଲେ ପୁଲିସ କର୍ମଚାରୀ

ନିମାପଡା,୯/୯ (ନି.ପ୍ର): ସତ୍ୟବାଦୀ ଥାନାର ଏକ ପିସିଆର ଭ୍ୟାନ ଗତକାଲି ବିଳମ୍ବିତ ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ପାର୍ବତୀପୁର ଠାରେ ଚନ୍ଦନପୁର କେନାଲ ଭିତରକୁ ଖସିପଡିଛି । ତେବେ ସୌଭାଗ୍ୟ ବଶତଃ ଗାଡିର ଡ୍ରାଇଭର ସହ ଜଣେ ପୁଲିସ କର୍ମଚାରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି । ଆଜି ସକାଳେ ଏକ ଟ୍ରାକ୍ଟର ସାହାଯ୍ୟରେ ଗାଡିକୁ ପାଣିରୁ ବାହାର କରାଯାଇଛି । ତେବେ ସବୁଠାରୁ ବଡକଥା ହେଲା ଉକ୍ତ ଗାଡିଟିକୁ ସତ୍ୟବାଦୀ ଥାନାର କାର୍ଯ୍ୟରତ ଜନୈକ ଏଏସଆଇ ତାଙ୍କର ବ୍ୟକ୍ତିଗତ କାମରେ ଆସି ଏପରି ଘଟିଥିବା କୁହାଯାଉଛି । ଏପରିକି ବିଳମ୍ବିତ ରାତିରେ ଗାଡିଟିକୁ ଉଦ୍ଧାର କରିବାକୁ ଆସିଥିବା ସ୍ଥାନିୟ କିଛି ଯୁବକ ଗାଡି ଭିତରେ ମଦ ବୋତଲ ସହ କିଛି ଖାଦ୍ୟ ସାମଗ୍ରୀ ଥିବା ଦେଖିବା କଥା କହିବା ପରେ ଉକ୍ତ ପୁଲିସ କର୍ମଚାରୀ ମାନେ ନିଶାଗ୍ରସ୍ତ ହୋଇ ଦୁର୍ଘଟଣାର ସମ୍ମୁଖିନ ହୋଇଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି । ଘଟଣାରୁ ପ୍ରକାଶ ଯେ, ଗତକାଲି ରାତି ପ୍ରାୟ ସାଢେ ୧୨ଟା ସମୟରେ ଗାଡିଟି କେନାଲ ଭିତରକୁ ପଶିଯିବା ପରେ କିଛି ସ୍ଥାନିୟ ଲୋକଙ୍କୁ ଡାକି ଗାଡିଟିକୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ । ତେବେ ରାତିରେ ଏହା ସମ୍ଭବ ହୋଇନଥିଲା । ସକାଳ ହେବା ପରେ ସ୍ଥାନିୟ ଲୋକଙ୍କ ସାହାଯ୍ୟରେ ଏକ ଟ୍ରାକ୍ଟର ଦ୍ୱାରା ଗାଡିଟିକୁ ଉଦ୍ଧାର କରାଯାଇଥିଲା । ତେବେ ସେତେବେଳେ ପୁଲିସ ବାବୁ ଜଣକ ଘଟଣାସ୍ଥଳରେ ନଥିଲେ । କାରଣ ଗାଡି ଉଦ୍ଧାର ପୂର୍ବରୁ ସାଙ୍ଗରେ ଆଣିଥିବା ଡ୍ରାଇଭରକୁ ଛାଡି ପୁଲିସ ବାବୁ ଜଣକ ରାତାରାତି ଚାଲିଯାଇଥିଲେ । ତେବେ ଏହି ବାବୁ ଜଣକ କିଛି ବର୍ଷ ପୂର୍ବେ ବଳଙ୍ଗା ଥାନାରେ କାର୍ଯ୍ୟ କରୁଥିବା ସମୟରେ ସ୍ଥାନିୟ ଅଂଚଳର ଏକ ଗ୍ରାମର ଜନୈକ ବ୍ୟକ୍ତିଙ୍କ ସହ ସମ୍ପର୍କ ଗଢି ଉଠିଥିଲା ବେଳେ ପରବର୍ତ୍ତି ସମୟରେ ବାବୁ ଜଣଙ୍କର ନିମାପଡା, ପିପିଲି ଥାନାକୁ ବଦିଳି ହୋଇଥିବା ବେଳେ ବାବୁ ଜଣକ ଏବେ ସତ୍ୟବାଦି ଥାନାରେ କାର୍ଯ୍ୟରତ ଅଛନ୍ତି । ତେବେ ବାବୁ ଜଣକ ପ୍ରାୟ ସମୟରେ ପେଟ୍ରୋଲିଂ ଆଳରେ ଉପରିସ୍ଥ ଅଧିକାରୀଙ୍କୁ ଭୁଆଁ ଭୁଲାଇ ଏହି ଗ୍ରାମକୁ ଅନେକ ସମୟରେ ବିଳମ୍ବିତ ରାତିରେ ପିସିଆର ସହ ଆସୁଥିବା କୁହାଯାଉଛି । ତେବେ ଗତକାଲି ରାତି ପ୍ରାୟ ୧୧ଟା ସମୟରେ ଉକ୍ତ ଗ୍ରାମକୁ ଆସିଥିବା ବେଳେ ବାଟରେ ଗ୍ରାମର ଯୁବକ ମାନଙ୍କ ପକ୍ଷରୁ ଗଣେଷ ପୁଜା ନିମନ୍ତେ ଟେଂଟ କରାଯାଇଥିବାରୁ ଗାଡିଟିକୁ ସେହି ସ୍ଥାନରେ ରଖି ସମ୍ପର୍କୀୟଙ୍କ ଘରକୁ ଯାଇ ଘଂଟାଏ ପରେ ଆସିଥିଲେ । ତେବେ ବାଟରେ ଆସିଲା ବେଳେ ଗାଡି ଭିତରେ ମଦ୍ୟପାନ କରିଥିବା ସନ୍ଦେହ କରାଯାଉଛି । ଯାହା ଫଳରେ ଏପରି ଘଟଣା ଘଟିଲା ବୋଲି ସାଧାରଣରେ ଆଲୋଚନା ହେଉଛି ।

# ତାଳପଦା ଆଂଚଳିକ ସାଧନ କେନ୍ଦ୍ର ସ୍ତରୀୟ ସମ୍ବର୍ଦ୍ଧନା ସମାରୋହ



ଧାମନଗର,୯/୯ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ତାଳପଦା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆଂଚଳିକ ସାଧନ କେନ୍ଦ୍ର ସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଭାବଗ୍ରାହୀ ଖୁଂଟିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧାମନଗର ଗୋଷ୍ଠୀ ଶିକ୍ଷାଧିକାରୀ ପିତାମ୍ବର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରାକ୍ତନ ଗୋଷ୍ଠୀ ଶିକ୍ଷାଧିକାରୀ ଚିତରଂଜନ ତ୍ରିପାଠୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଶ୍ରୀଚରଣ ମଲ୍ଲିକ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ କର , ରାମଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଧାନଶିକ୍ଷକ ମନୋଜ କୁମାର ସିଂ ସଭାରେ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସମ୍ପୃକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହେମେନ୍ଦ୍ର ନାଥ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ କ୍ଲଷ୍ଟର ସ୍ତରୀୟ ଅବସରପ୍ରାପ୍ତା ଶିକ୍ଷୟିତ୍ରୀ ପ୍ରତିଭା ମହାନ୍ତି, ସ୍ୱର୍ଣ୍ଣଲତା ଖଟୁଆ, କଳ୍ପନା ତ୍ରିପାଠୀ, ଶିକ୍ଷା କର୍ମଚାରୀ ଅନନ୍ତ ଚରଣ ଦଳାଇ, ନିରଞ୍ଜନ ପଣ୍ଡା, ବିଜୟ କୁମାର ଜେନା, ନାରାୟଣ ଚନ୍ଦ୍ର ପୋହି ପ୍ରମୁଖଙ୍କୁ ସାଧନ କେନ୍ଦ୍ର ପକ୍ଷରୁ ମାନପତ୍ର , ଉତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ସମ୍ପୃକ୍ତ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ରାଉତଙ୍କ ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରିଣୀ ରୂପେ ପଦନ୍ନୋତି କ୍ରମେ ବଦଳି ହୋଇଥିବା ଦୃଷ୍ଟେ ଏବଂ ବିଦ୍ୟାଳୟର ନବନିଯୁକ୍ତ ପ୍ରଧାନଶିକ୍ଷକ ତଥା ଧାମନଗର ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ହେମେନ୍ଦ୍ର ନାଥ ମହାନ୍ତିଙ୍କୁ ସାଧନ କେନ୍ଦ୍ର ପକ୍ଷରୁ ଶୁଭେଚ୍ଛା ଜଣାଯିବା ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପ୍ରାରମ୍ଭରେ ଦିବଂଗତ ଶିକ୍ଷା ମଣ୍ଡଳାଧିଶ ବାଞ୍ଛାନିଧି ବେହେରା ଓ ପ୍ରାକ୍ତନ ପ୍ରଧାନଶିକ୍ଷକ ଚୈତନ୍ୟ ଚରଣ ବେହେରାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ଅନିତା ବେହେରା, ମନୋରମା ପତି, ଭକ୍ତିଲତା ରାଉତ,ଅନୁପମା ଧଳ, ପ୍ରେମଲତା ସାମଲ, ଆରତୀ ବାଳା ସେଠୀ, ଶିକ୍ଷକ ସେକ୍ ନାସିରୁଦ୍ଦିନ, ଅରୁଣ କୁମାର ରାଉତ, ସଲିମ ଖାଁ, ଭାଗିରଥି ଜେନା, ସୁରେନ୍ଦ୍ର କୁମାର ସେଠୀ, ହବିବୁଲ କରିମ, ପୁରୁଷୋତମ କର, ରାଧାକାନ୍ତ ପ୍ରଧାନ, ରଂଜନ କୁମାର ଦାସ,ଦିଲ୍ଲିପ କୁମାର ଜେନା, ଅରବିନ୍ଦ ନାୟକ ଗୋଲାମା ମୁସ୍ତାଫା ପ୍ରମୁଖ ଯୋଗଦେଇ ସମ୍ବର୍ଦ୍ଧିତ ପ୍ରତିଭାଙ୍କ ଗୁଣଗାନ କରିଥିଲେ । ଶେଷରେ ସିଆରସିସି ଅଶୋକ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାଜିରାଉତ କଲେଜରେ ଆଜାଦି କି ଅମୃତ ମହୋତ୍ସବ ପାଳିତ

ଭୁବନ,୯/୯ (ନି.ପ୍ର): ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟରେ ଦେଶ ସ୍ୱାଧିନତାର ୭୫ ବର୍ଷ ଉପଲକ୍ଷେ ଆଜାଦି କି ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜିତ କୁମାର ବେହେରା ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରି ସ୍ୱଚ୍ଛତା ହିଁ ସେବା ସମ୍ପର୍କରେ ଆଲୋକପାତ କରିଥିଲେ ଓ ସ୍ୱଚ୍ଛଭାରତ ଜରିଆରେ ସୁସ୍ଥ ଭାରତ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ଫିଟ୍ଇଣ୍ଡିଆ ଫାଉଣ୍ଡେସନ ଓ ଜାତୀୟ ସେବା ସଂସ୍ଥା ୟୁନିଟର ଅଧ୍ୟାପକ ବାସୁଦେବ ସାହୁ, ପୂର୍ବତନ ବରିଷ୍ଠ ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର, ୟୁନିଟ ହେଡ୍ ଅଧ୍ୟାପକ ହୃଦାନନ୍ଦ ବେହେରା, କରୁଣାକର ରାଉଳ, ସୁକାନ୍ତ କୁମାର ସାହୁ, ଡଃ ଶ୍ରାବଣୀ ଅଞ୍ଜନା, ଲାଇବ୍ରେରୀଆନ ନନ୍ଦ କିଶୋର ଧୀର, ମୁଖ୍ୟକିରାଣୀ କୈଳାସ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଜରିଆରେ କଲେଜ ପରିସରକୁ ସଫା କରିଥିଲେ ।

# ହାବିଲଦାର ଓ କନେଷ୍ଟବଳ ସଂଘର ନିର୍ବାଚନରେ ଅନୀଲ ସଭାପତି ଓ କମଳାକାନ୍ତ ସଂପାଦକ ନିର୍ବାଚିତ

କେନ୍ଦୁଝର,୯/୯ (ନି.ପ୍ର): ଓଡିଶା ପୋଲିସ ହାବିଲଦାର, କନେଷ୍ଟବଳ ସଂଘ କେନ୍ଦୁଝର ଶାଖାର ନିର୍ବାଚନ ଅନୁଷ୍ଠିତ ହୋଇ ଫଳାଫଳ ଘୋଷିତ ହୋଇଛି । ଏହି ନର୍ବାଚନରେ ସଭାପତି ଭାବେ ଅନୀଲ କୁମାର ଷଣ୍ଢ ୬୯୭ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଜୟକୃଷ୍ଣ ଦାସ ୧୯୮ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି । ଏବଂ ୫ଖଣ୍ଡି ଭୋଟ ଖାରଜ ହୋଇଛି । ସେହିପରି ସଂପାଦକ ଭାବରେ କମଳାକାନ୍ତ ସେଠୀ ୬୭୭ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ରଜନୀକାନ୍ତ ପଣ୍ଡା ୨୧୧ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି । ଅନୁରୁପ ଭାବେ ଉପସଭାପତି ଭାବେ ପ୍ରବୀଣ ମହାନ୍ତ ୬୭୩ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଗୌରୀଶଙ୍କର ମହାନ୍ତ ୨୧୮ ଖଣ୍ଡ ଭୋଟ ପାଇଛନ୍ତି । କୋଷାଧ୍ୟକ୍ଷ ଭାବେ ଦେବାଶିଷ ରାଉତ ୬୬୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ କାଳନ୍ଦୀ ଚରଣ ସାହା ୨୩୨ ଖଣ୍ଡ ଭୋଟ ପାଇ ପରାଜିତ ହୋଇଛନ୍ତି । ଏହି ପଦବୀରେ ୮ ଟି ଭୋଟ ନାକଚ ହୋଇଛି । ଯୁଗ୍ମ ସଂପାଦକ ଭାବରେ ନିରଞ୍ଜନ ଘଡେଇ ୬୪୩ ଟି ଭୋଟ ଓ ମନୋଜ କୁମାର ବେହେରା ୫୫୭ ଟି ଭୋଟ ପାଇ ବିଜୟୀ ହୋଇଛନ୍ତି । ସେହିପରି ୫ଟି କାର୍ଯ୍ୟକାରୀ କମିଟି ସଦସ୍ୟ ଭାବରେ ଅନ୍ତର୍ଯ୍ୟାମୀ ନାଏକ, ସରୋଜ କୁମାର ନାଏକ, ରାଜକିଶୋର ଜେନା, ଚନ୍ଦନ କୁମାର ପାତ୍ର ଓ ଦିଲ୍ଲୀପ କୁମାର ହାଇବୁରୁ ବିଜୟଲାଭ କରିଛନ୍ତି । ଏହି ନିର୍ବାଚନରେ ମୋଟ ୯୦୮ ଜଣଙ୍କ ମଧ୍ୟରୁ ୯୦୦ ଜଣ ମତଦାନ କରିଥିଲେ । ପ୍ରତି ଦୁଇବର୍ଷରେ ଥରେ ଏହି ନିର୍ବାଚନ ଅନୁଷ୍ଠିତ ହୋଇଥାଏ ।

# ମିଶନ ଶକ୍ତି ପ୍ରାୟୋଜିତ ଚାରିଦିନିଆ ତାଲିମ ଶିବିର




ଧାମନଗର,୯/୯ (ନି.ପ୍ର): ମହିଳା ମାନଙ୍କୁ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ସହ ସେମାନଙ୍କୁ ସାମାଜିକ ସ୍ତରରେ ସଶକ୍ତ କରିବା ଲକ୍ଷ ନେଇ ଓଡିଶା ଜିବୀକା ମିଶନ ପକ୍ଷରୁ ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ପ୍ରାୟୋଜିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଧାମନଗର ବ୍ଲକରେ ମହିଳା ମହାସଂଘକୁ ସ୍ୱତନ୍ତ୍ର ଏବଂ ଶ୍ରେଷ୍ଠ କରିବା ପାଇଁ ଅଧ୍ୟକ୍ଷ ଅଶୋକ କୁମାର ନାୟକ ଅନବରତ ଉଦ୍ୟମ ଜାରି ରଖିଛନ୍ତି । ଏହି କ୍ରମରେ ଓଡିଶା ଜିବୀକା ମିଶନ ଏବଂ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପ୍ରାୟୋଜିତ ଧାମନଗର ବ୍ଲକ ପ୍ରକଳ୍ପ ଆନୁକୂଲ୍ୟରେ ଆଂଚଳିକ ମଂଚ ଓ ପଂଚାୟତ ସଂଘ ପରିଚାଳନା ସମ୍ପର୍କିତ ଚାରିଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଧାବଲ୍ଲଭପୁର ପଂଚାୟତ ପରିସରରେ ଅନୁଷ୍ଠିତ ତାଲିମ ଶିବିରରେ ପ୍ରଥମ ଦିନରେ ଉଦ୍‌ଘାଟକ ଭାବେ ଯୋଗଦେଇ ଜିଲ୍ଲା ପ୍ରକଳ୍ପ ପରିଚାଳକ ଭଦ୍ରକ ସଂଜୟ କୁମାର ବାରିକ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଧାମନଗର ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ବିଡିଓ ଦୁର୍ଗା ଚରଣ ମୁର୍ମୁ, ଏବିଡିଓ ସର୍ମିଷ୍ଠା ମଲ୍ଲିକ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଏହି ତାଲିମ ଶିବିରରେ ଜଳେଶ୍ୱରରୁ ଘନଶ୍ୟାମ ସିଟ୍, କେନ୍ଦ୍ରାପଡାରୁ ରଶ୍ମିତା ମହାନ୍ତି ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ବ୍ଲକ ଅଧିନ ୩୦ ପଂଚାୟତର ୩୦ ଜଣ ଦକ୍ଷ ନଥିପତ୍ର ପରିଚାଳିକା (ଏମବିକେ)ଙ୍କୁ ତାଲିମ ପ୍ରଦାନ କରିଥିଲେ । ବ୍ଲକ ସଂଯୋଜକ ବିଶ୍ୱଜିତ୍ ମହାନ୍ତି, ସଂଯୋଜିକା ଦିପାଞ୍ଜଳି ରାୟ, ସସ୍ମିତା ରାଉତଙ୍କ ସହଯୋଗ ଓ ଓଡିଶା ଜିବୀକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳକ ପୀତବାସ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମଟି ରାଧାବଲ୍ଲଭପୁର ପଂଚାୟତ ସ୍ତରୀୟ ସଂଘ ସହଯୋଗରେ ଆଜକୁ ତିନିଦିନ ହେବ ସୁଚାରୁରୂପେ ଚାଲିଥିବା ଜଣାଯାଇଛି । ଗୁରୁବାର ଚତୁର୍ଥ ଦିନରେ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନ ହେବ ବୋଲି ବ୍ଲକ ସ୍ତରୀୟ ଅଧିକାରୀଙ୍କ ପକ୍ଷରୁ ସୂଚନା ମିଳିଛି ।

# ଓଡିଶୋ ପଂଚାୟତରେ ବୃକ୍ଷରୋପଣ କାର୍ଯ୍ୟକ୍ରମ

ଧର୍ମଶାଳା,୯/୯ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ଓଡିଶୋ ପଂଚାୟତ ଅନ୍ତର୍ଗତ ହାଟସିଂହାପୁର ନଢିଆଳି ମୌଜାରେ ବିଜେଡି ଯୁବନେତା ପ୍ରଦୀପ କୁମାର ସାମଲଙ୍କ ତତ୍ତ୍ୱବଧାନରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରସୁଲପୁର ବିଡିଓ ଉମାକାନ୍ତ ପରିଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଚାରାରୋପଣ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଓଡିଶୋ ସରପଂଚ ନିଲମ ମଳିକ,ପଂଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧୀର ନାୟକ,ଜିଆରଏସ୍ ସିପ୍ରା ଶରଣ, ଓଡିଶୋ ବିଜେଡି ପଂହଚାୟତ ସଭାପତି ଜ୍ଞାନରଂଜନ ରଥ,ରସୁଲପୁର ବ୍ଲକ ବିଜେଡି ଯୁବ ସାଧାରଣ ସମ୍ପାଦକ ମନୋଜ ନାୟକ, ପଂଚାୟତ କିମିଟି ସଦସ୍ୟ ରମାକାନ୍ତ ସ୍ୱାଇଁ,ପ୍ରକାଶ ମଳିକ, କ୍ଷୀରୋଦ ପରିଡାଙ୍କ ସମେତ ବହୁ ବରିଷ୍ଠ ନେତା କାର୍ଯ୍ୟକ୍ରମରେ ଯୋଗ ଦେଇ ଚାରାରୋପଣ କରିଥିଲେ ।

## ଥାନାକୁ ଏତଲା ଦେବାକୁ ଆସି ବୃଦ୍ଧାଙ୍କ ମୃତ୍ୟୁ

ଗଞ୍ଜାମ,୯/୯ (ନି.ପ୍ର): ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବୁଢ଼ାଆମ୍ବ ପଚାଂୟତର ଚମ୍ପେଇତପୁର ଗ୍ରାମର ଜଣେ ୭୦ ବର୍ଷିୟା ବୃଦ୍ଧା ଶୁଶିଳା ରାଉତ ଗତକାଲି ରାତିରେ ପାରିବାରିକ କଳହକୁ ନେଇ ଏତଲା ଦେବାକୁ କବିସୂର୍ଯ୍ୟନଗର ଥାନାକୁ ଆସିଥିଲେ । ତେବେ ସେଠାରେ ସେ ସଂଜ୍ଞାହିନ ଅବସ୍ଥାରେ ପଡି ଯାଇଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ଚିକିତ୍ସା ନିମନ୍ତେ କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତେବେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । କବିସୂର୍ଯ୍ୟନଗର ଥାନା ପୋଲିସ ବୃଦ୍ଧାଙ୍କ ଶବ ଜବତ କରି ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ଆସିକା ଡ଼ାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇଛି । ଆଜି ତାଙ୍କ ପରିବାରକୁ ମୃତଦେହ ହସ୍ତାନ୍ତର କରାଯାଇଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।



# ॥ ଶ୍ରୀଗଣେଶ ॥



ସୁଧାଂଶୁ ଶେଖର ଦ୍ୱିବେଦୀ
ବିସି-୭୪, ସଲଟ ଲେକ, କଲକତା-୬୪
ମୋ-୯୬୮୧୩୭୩୫୧୨

ଥରେ ଭଗବାନ ଶିବ ନିଜ ବାସସ୍ଥାନ କୈଳାସପୁରରୁ ବହୁ ଦୂରକୁ ଅସୁରଙ୍କ ସହିତ ଯୁଦ୍ଧ କରିବାକୁ ଯାଇଥାଆନ୍ତି। କୈଳାସ ପୁର ମଧ୍ୟରେ ଏକାକୀ ଦେବୀ ପାର୍ବତୀ ତପସ୍ୟାରେ ରତ ରହିବାପାଇଁ ଶୁଦ୍ଧ ଜଳରେ ସ୍ନାନ କରିବା ପୂର୍ବରୁ ଶରୀରରେ ହଳଦୀ ଲଗେଇ ଘସି ହେଉଥାଆନ୍ତି। ଘସିହେବା ସମୟରେ ଯେଉଁ ମିଳୁଖ ବାହାରୁଥାଏ ତାକୁ ଏକତ୍ର ରଖୁଥାଆନ୍ତି। ହଠାତ ତାଙ୍କର ମନେହେଲା ତପସ୍ୟାରେ ବସିବା ପୂର୍ବରୁ ସୁରକ୍ଷା ନିମନ୍ତେ ଜଣେ ସୁରକ୍ଷା କର୍ମୀ ଆବଶ୍ୟକ। ସେଥିପାଇଁ ସେ ନିଜ ଦେହର ମଳିରେ ଏକ ସୁନ୍ଦର ମୂର୍ତ୍ତି ଗଢି ଜୀବଦାନ କଲେ। ଚାହୁଁ ଚାହୁଁ ସେହି ମଳିରୁ ଜଣେ ଅତି ସୁନ୍ଦର ଶିଶୁ ଆବିର୍ଭୂତ ହେଲେ। ମାତା ପାର୍ବତୀ ତାଙ୍କୁ ପୁତ୍ରବତ ସ୍ନେହରେ ଆଲିଙ୍ଗନ କରି ତାଙ୍କ ନାଁ ରଖିଲେ ଶ୍ରୀଗଣେଶ। ସେ କଣପାଇଁ ଜନ୍ମିଛନ୍ତି ? ତାଙ୍କ ଜନ୍ମର ଉଦ୍ଦେଶ୍ୟ କଣ ? ଏଭଳି କିଛି ପଚାରିବାରୁ ମାତା ପାର୍ବତୀ କହିଲେ,'ପୁତ୍ର ! ମୁଁ ତୋତେ ଏକ ବଡ଼ ଉଦ୍ଦେଶ୍ୟ ନିମନ୍ତେ ସୃଷ୍ଟି କରିଛି। ତୁ ମୋର ଗୋଟେ ଆଦେଶ ମାନିବୁ ? 'ସଙ୍ଗେ ସଙ୍ଗେ ଶ୍ରୀଗଣେଶ କହିଲେ, 'ଆଦେଶ ଦିଅନ୍ତୁ ମାତା ! ଆପଣ ମୋର ଜନ୍ମଦାତ୍ରୀ। ଯାହା ଆଦେଶ ଦେବେ ଜୀବନକୁ ବାଜି ରଖି ପାଳନ କରିବି। 'ମାତା ଆଦେଶ ଦେଇ କହିଲେ, 'ବର୍ତ୍ତମାନଠାରୁ ମୁଁ ଦୀର୍ଘ ସମୟ ତପସ୍ୟାରେ ବସିବି। ଯେପର୍ଯ୍ୟନ୍ତ ମୋର ତପସ୍ୟା ସରି ନଥିବ ସେପର୍ଯ୍ୟନ୍ତ ତୁ ଦ୍ୱାରପାଳ ଭାବେ କୈଳାସପୁର ଦ୍ୱାର ଦେଶରେ ଜଗି ରହିବୁ। ମୋର ଆଜ୍ଞା ନପାଇବା ଯାଏ କାହାକୁ ଭିତରକୁ ପ୍ରବେଶ କରାଇ ଦେବୁନାହିଁ। 'ମାତାଙ୍କଠାରୁ ଆଦେଶ ପାଇ ଆଜ୍ଞାଧୀନ ପୁତ୍ର ଶ୍ରୀଗଣେଶ କୈଳାସପୁରର ଦ୍ୱାର ଜଗି ରହିଲେ। କୈଳାସପୁର ମଧ୍ୟରେ ମହାମାୟା ଶୁଦ୍ଧ ଶୌଚ ସମାପନ ସାରି ଯୋଗାସନରେ ବିସି ଧ୍ୟାନରେ ନିମଗ୍ନ ରହିଲେ। ତାଙ୍କ କଣ୍ଠରୁ କେବଳ ଓଁ ନମଃ ଶିବାୟ ଧ୍ୱନିର ତରଙ୍ଗ ଚାରିଦିଗ ପ୍ରକମ୍ପିତ ହେଉଥାଏ। କେତେଦିନ ପରେ ଭଗବାନ ସଦାଶିବ ଯୁଦ୍ଧ ସାରି କୈଳାସ ପୁରକୁ ଫେରିଲେ। ଦ୍ୱାର ଦେଶରେ ଜଣେ ବାଳକ ତାଙ୍କ ରାସ୍ତା ଅବରୋଧ କରି ଭିତରକୁ ପ୍ରବେଶ କରିବାକୁ ଦେଉନଥାନ୍ତି। ମହାଦେବ ବାରମ୍ବାର ଭିତରକୁ ପ୍ରବେଶ କରିବାକୁ ପ୍ରୟାସ କରିବା ସତ୍ତ୍ୱେ ବାଳକ ନିଜ ଜିଦରେ ଅଟଳ। ମାତାଙ୍କର ଆଜ୍ଞା ନପାଇବାଯାଏ ଭିତରକୁ ପ୍ରବେଶ କରିବାକୁ ଦେବେନାହିଁ ବୋଲି ସ୍ପଷ୍ଟରୂପେ ମନା କରୁଥାନ୍ତି। ଦେବର୍ଷି ନାରଦ, ଦେବରାଜ ଇନ୍ଦ୍ର ଓ ଅନ୍ୟ ଦେବତାଗଣ ମଧ୍ୟ ସେଠାରେ ଉପସ୍ଥିତ ହୋଇ ମହାଦେବଙ୍କୁ ଭିତରକୁ ଯିବା ନିହାତି ଆବଶ୍ୟକ ବୋଲି ଜଣାଇବା ପରେ ବି ବାଳକ ଶ୍ରୀଗଣେଶ ସମସ୍ତଙ୍କ ଅନୁରୋଧରେ କେବଳ ଏତିକି କହୁଥାନ୍ତି, ମାତାଙ୍କ ଆଜ୍ଞା ନପାଇବା ପର୍ଯ୍ୟନ୍ତ କାହାରିକୁ ମୁଁ ଭିତରକୁ ଛାଡ଼ିବି ନାହିଁ। ଭିତରକୁ ଯିବା ପାଇଁ ହେଲେ ପ୍ରଥମେ ମୋ ସହିତ ଯୁଦ୍ଧ କରି ମୋତେ ପରାସ୍ତ କରିବାକୁ ହେବ। ଅନେକ ଦେବଗଣ ତାଙ୍କ ସହିତ ଯୁଦ୍ଧ କରି ପରାସ୍ତ ପରାଭବରେ ମ୍ରିୟମାଣ। ଏସବୁ ଦେଖି ଭଗବାନ ସଦାଶିବ ଆଉ ସହ୍ୟ କରିପାରିଲେ ନାହିଁ। ଜଣେ ବାଳକର ଉଦଣ୍ଡତାରେ କ୍ଷୁବ୍ଧ ହୋଇ ସେ ବି ଯୁଦ୍ଧ କରିବାକୁ ପ୍ରସ୍ତାବ ଦେଲେ। ଦୁହିଁଙ୍କ ମଧ୍ୟରେ ତୁମୁଳ ଯୁଦ୍ଧ ହେଲା। କେହି କାହାକୁ ଊଣା ନୁହନ୍ତି। ବହୁ ସମୟ ଧରି ଯୁଦ୍ଧ ଚାଲିଲା। ଶ୍ରୀଗଣେଶ ବାଳକ ହେଲେ ମଧ୍ୟ ମହାମାୟାଙ୍କ ଆଶୀର୍ବାଦରୁ ଜାତ ହୋଇ ଥିବାରୁ ଯୁଦ୍ଧର ପାରଦର୍ଶୀ ଓ କୌଶଳ ବେଶ ଭଲଭାବେ ଜାଣିଥାଆନ୍ତି। ଶିବ କୌଣସି ପ୍ରକାରେ ଶ୍ରୀଗଣେଶଙ୍କଠାରୁ ଜିତିପାରୁ ନଥାନ୍ତି। ଚାରିଆଡେ ଯୁଦ୍ଧର କମ୍ପନରେ ଥରହର ହେଉଥାଏ। ଦେବଗଣ ପିତା ଓ ପୁତ୍ରଙ୍କର ସଂଗ୍ରାମ ଦେଖି ପ୍ରମାଦ ଗଣୁଥାନ୍ତି। ଶିବ ଯଦି ଶ୍ରୀଗଣେଶଙ୍କଠାରୁ ପରାସ୍ତ ହେବେ ସମସ୍ତ ଦେବତା କୂଳର ଅପମାନ ହେବ। ତେଣୁ ଭଗବାନ ଶ୍ରୀବିଷ୍ଣୁ ମାୟା ରଚନା କରି ଶ୍ରୀଗଣେଶଙ୍କଠାରୁ ସବୁ ଶକ୍ତି ହରିନେଲେ। ଆସ୍ତେ ଆସ୍ତେ ଶ୍ରୀଗଣେଶ ନିସ୍ତେଜ ହେବାକୁ ଲାଗିଲେ। ସେଇବେଳେ ମହାଦେବ ତ୍ରିଶୂଳ ଦ୍ୱାରା ଶ୍ରୀଗଣେଶ ଙ୍କର ଶିର ଛେଦନ କରି କୈଳାସପୁର ଭିତରକୁ ଗଲେ। ମହାମାୟାଙ୍କର ତପସ୍ୟା ସମାପ୍ତ ହୋଇ ସାରିଥାଏ। ମହାଦେବ କେମିତି ଦ୍ୱାର ଅତିକ୍ରମ କଲେ ମାତା ପଚାରିବାରୁ ସେ ସମସ୍ତ ବୃତାନ୍ତ ଜଣାଇଲେ। ଏହା ଶୁଣି ମାତା ପାର୍ବତୀ ଅତ୍ୟନ୍ତ ଦୁଃଖରେ କହିଲେ,'ଆପଣ ଏ କଣ କଲେ ପ୍ରଭୁ ! ଯାହାର ଶିର ଛେଦନ କରି ମୋ ନିକଟକୁ ଆସିଛନ୍ତି ସେ ହେଉଛି ମୋହରି ପୁତ୍ର ଶ୍ରୀଗଣେଶ।ଆପଣ ଯୁଦ୍ଧକୁ ଯିବାପରେ ମୁଁ ମୋ କଳ୍ପନାରେ ଏକ ପୁତ୍ର ସନ୍ତାନ ସୃଷ୍ଟି କରିଥିଲି। ମୋ ତପସ୍ୟାରେ ରାକ୍ଷସ ଓ ଅନ୍ୟମାନେ ଯେମିତି ବ୍ୟାଘାତ ନକରନ୍ତୁ ସେଥି ପାଇଁ ମୁଁ ତାକୁ ଦ୍ୱାର ଜଗିବାକୁ କହିଥିଲି। ଶେଷରେ ଆପଣ ତାକୁ ବଧ କରିଦେଲେ। ଫେରାଇ ଦିଅନ୍ତୁ। ମୋ ପୁତ୍ରକୁ ମୋତେ ଫେରାଇ ଦିଅନ୍ତୁ ପ୍ରଭୁ। 'ଭଗବାନ ଶିବ ପାର୍ବତୀଙ୍କଠାରୁ ସବୁ ଶୁଣିବାପରେ କହିଲେ, 'ତୁମେ ବ୍ୟସ୍ତ ହୁଅନା ସତୀ,ଯେମିତିହେଉ ମୁଁ ତୁମ ପୁଅକୁ ଫେରାଇବି। 'ତାପରେ ଦୁହେଁ ଦ୍ୱାର ନିକଟକୁ ଆସି ଦେଖନ୍ତିତ ଶ୍ରୀଗଣେଶଙ୍କ ଶିର ଶିବଙ୍କ ତ୍ରିଶୂଳ ଆଘାତରେ ଜଳି ପାଉଁଶ ହୋଇଯାଉଛି। ନିରୁପାୟ ସଦାଶିବଙ୍କୁ କିଛି ବୁଦ୍ଧି ବାଟ ଦେଖାଯାଉ ନଥାଏ। ଦେବୀ ପାର୍ବତୀ ଏହା ଦେଖି ଭୀଷଣ କ୍ରୋଧରେ ଜଳୁଆନ୍ତି। ଶ୍ରୀଗଣେଶଙ୍କୁ ଜୀବିତ ନକଲେ ସାରା ସଂସାରକୁ ଭଷ୍ମ କରିଦେବେ ବୋଲି ମହାମାୟା ମାତା କାଳୀଙ୍କ ରୂପ ଧାରଣ କରିବା ସମୟରେ ଭଗବାନ ଶ୍ରୀବିଷ୍ଣୁ ପହଞ୍ଚି ଆଶ୍ୱାସନା ଦେଇ କହିଲେ, ଦେବୀ ! କ୍ରୋଧ ସମସ୍ତଙ୍କ ପାଇଁ ବ୍ରହ୍ମ ଚଣ୍ଡାଳ। ଆପଣ କ୍ଷାନ୍ତ ହୁଅନ୍ତୁ। ଶ୍ରୀଗଣେଶ ନିଶ୍ଚିତ ଜୀବଦାନ ପାଇବେ। ଶ୍ରୀଗଣେଶଙ୍କଠାରୁ ମା' ଡାକ ନଶୁଣିବାଯାଏ ମାତା ପାର୍ବତୀ ମହାକାଳୀ ରୂପରେ ବହୁ ସମୟ ଅପେକ୍ଷା କରି ରହିଲେ। ଭଗବାନ ଶ୍ରୀବିଷ୍ଣୁ ନନ୍ଦୀ ଓ ବେତାଳଗଣଙ୍କୁ ମସ୍ତକ ଅନୁସନ୍ଧାନରେ ପଠାଇଲେ। ସେମାନେ ଅନେକ ସ୍ଥାନରେ ଖୋଜିଲେ। କୋଉଠି ହେଲେ ମନୁଷ୍ୟର ସନ୍ଧାନ ପାଇଲେ ନାହିଁ। ଶେଷରେ ଗୋଟେ ହାତୀ ଶାବକ ପଶ୍ଚିମ ଦିଗକୁ ମୁହଁ କରି ଶୋଇଥିବା ଦେଖି ତାହାରି ମସ୍ତକକୁ କାଟି ଆଣିଲେ। ଶ୍ରୀବିଷ୍ଣୁ ଉକ୍ତ ହସ୍ତୀ ଶାବକର ମସ୍ତକକୁ ଶ୍ରୀଗଣେଶଙ୍କ ଗଣ୍ଡିରେ ଯୋଡି ଜୀବଦାନ ପ୍ରଦାନ କଲେ। ଶ୍ରୀଗଣେଶ ପୁନର୍ଜନ୍ମ ପାଇ ମା' ଶବ୍ଦରେ ପ୍ରକମ୍ପିତ କରାଇଲେ। ସହସା ମାତା ମହାମାୟା ମହାକାଳୀଙ୍କ ରୁଦ୍ର ରୂପରୁ କ୍ଷାନ୍ତ ହୋଇ ଜଣେ ମମତାମୟୀ ମା' ରୂପରେ ଶ୍ରୀଗଣେଶଙ୍କୁ କୋଳେଇନେଲେ। ଶ୍ରୀଗଣେଶଙ୍କ ମସ୍ତକ ହସ୍ତୀର ହୋଇଥିବାରୁ ସେଇଦିନଠାରୁ ଗଜାନନ ନାମରେ ଖ୍ୟାତ ହେଲେ। ଶ୍ରୀଗଣେଶଙ୍କ ଆହୁରି ଅନେକ ନାମ ଅଛି। ସେ ଦେବଗଣ ମାନଙ୍କର ଗଣପତି ଓ ସମସ୍ତ ଦେବଙ୍କ ମଧ୍ୟରେ ଅଗ୍ରପୂଜ୍ୟ ଅଟନ୍ତି।

# ଗଣେଷ ଚତୁର୍ଥୀ ଓ ବକ୍ରତୁଣ୍ଡ



ଅମୂଲ୍ୟ କୁମାର ପଣ୍ଡା



ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀକୁ ଗଣେଶ ଚତୁର୍ଥୀ ଭାବେ ପାଳନ କରାଯାଏ। ଏହି ତିଥିରେ ପ୍ରଭୁ ଗଣେଶଙ୍କ ପୂଜା କରିବାର ବିଶେଷ ମହତ୍ୱ ରହିଛି। ଗଣେଶ ଚତୁର୍ଥୀକୁ ବିନାୟକ ଚତୁର୍ଥୀ ମଧ୍ୟ କୁହାଯାଏ। ଶାସ୍ତ୍ରରେ ଉଲ୍ଲେଖ ରହିଛି ଯେ, ଭଗବାନ ଗଣେଶ ସଙ୍କଟ, କଷ୍ଟ ଓ ଦାରିଦ୍ର୍ୟତାରୁ ମୁକ୍ତି ଦେଇଥାଆନ୍ତି। କୁହାଯାଏ, ଏହିଦିନ ଉଚିତ୍ ବିଧି-ବିଧାନ ଅନୁସାରେ ଗଣେଶଙ୍କୁ ପୂଜା କରିବା ଦ୍ୱାରା ମନସ୍କାମନା ପୂର୍ଣ୍ଣ ହୋଇଥାଏ। ବିଘ୍ନ ବିନାଶକ ଶ୍ରୀଗଣେଶଙ୍କ ଶରୀରର ବର୍ଣ୍ଣନା ସମ୍ବନ୍ଧରେ କିଛି ତଥ୍ୟ ଅଛି। ଶାସ୍ତ୍ରୀୟ ମତରେ ବାଧାବିଘ୍ନ ଦୂରୀକରଣ, ସୁଖସମୃଦ୍ଧି ଏବଂ ଜ୍ଞାନ ଆହରଣ ପାଇଁ ଯେଉଁ ଅଦୃଶ୍ୟ ଶକ୍ତି କାର୍ଯ୍ୟ କରିଥାଏ ତା'ର ପ୍ରତୀକ ହେଉଛନ୍ତି ଶ୍ରୀଗଣେଶ । ସେଇଥିପାଇଁ ସେ ବିଘ୍ନ ବିନାଶକ, ସିଦ୍ଧି ବିନାୟକ ଭାବରେ ମଧ୍ୟ ପରିଚିତ। ପ୍ରତ୍ୟେକ ଶୁଭକାର୍ଯ୍ୟ ଆରମ୍ଭ ପୂର୍ବରୁ ଶ୍ରୀଗଣନାଥଙ୍କ ପୂଜନ ନିଶ୍ଚିତ ଭାବରେ ସଂପାଦିତ ହୋଇଥାଏ। ଗଣପତିଙ୍କୁ ପୂଜନ କରିବା ସମୟରେ ଗଣପତିଙ୍କ ବନ୍ଦନା ସହିତ ମୁଖ୍ୟତଃ ଏକ ମନ୍ତ୍ର ବେବହାର କରାଯାଏ ଆଉ ତାହା ହେଲା -

'ବକ୍ରତୁଣ୍ଡ ମହାକାୟ , ସୂର୍ଯ୍ୟକୋଟି ସମପ୍ରଭଃ...
ନିର୍ବିଘ୍ନମ୍ କୁରୁମେ ଦେବଃ, ସର୍ବଃ କାର୍ଯ୍ୟେଷୁ ସର୍ବଦା'

ପୌରାଣିକ କିମ୍ବଦନ୍ତୀ ତଥା ଦୃଷ୍ଟିକୋଣରୁ ଦେଖିଲେ ମାଆ ପାର୍ବତୀ ଦେବୀ ଗାଧୋଇବା ପୂର୍ବରୁ ଶରୀରରେ ହଳଦୀ ପ୍ରଲେପନ ସମୟରେ ମନରେ ଏକ ସନ୍ତାନ ଚିନ୍ତନ ମାଧ୍ୟମରେ ଗଣେଶଙ୍କୁ ସୃଷ୍ଟି କରିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ସେହି ମୂର୍ତ୍ତିରେ ଜୀବନ୍ୟାସ ମଧ୍ୟ ଦେଇଥିଲେ। ସ୍ନାନାଗାରକୁ ବାହାରୁ ଯେମିତି କେହି ନ ଆସନ୍ତି ତା'ର ତଦାରଖ ପାଇଁ ଦ୍ୱାରପାଳ ଭାବରେ ଗଣେଶଙ୍କୁ ନିୟୋଜିତ କରିଥିଲେ। ମାତ୍ର ବିଡ଼ମ୍ବନାର ବିଷୟ ଯେ-ମାତା ପାର୍ବତୀଙ୍କ ସ୍ୱାମୀ ଶିବଶଙ୍କର ସେଠାରେ ପହଞ୍ଚି ଭିତରକୁ ଯିବା ପାଇଁ ଆଗେଇ ଚାଲିଲେ। ଦ୍ୱାରପାଳ ଭାବରେ କାର୍ଯ୍ୟରତ ଶ୍ରୀଗଣେଶ ତାଙ୍କୁ ଭିତରକୁ ଯିବା ପାଇଁ ବାରଣ କଲେ। ଏତାଦୃଶ ବ୍ୟବହାରରେ କ୍ରୋଧାନ୍ୱିତ ହୋଇ ଶିବ ଗଣେଶଙ୍କ ମସ୍ତକ ଛେଦନ କଲେ। ମାତା ପାର୍ବତୀ ଏହା ଜାଣିବା ପରେ ଭୀଷଣ ମନ ଦୁଃଖରେ କ୍ରନ୍ଦନ କରି ଶିବଙ୍କୁ ପ୍ରାର୍ଥନା କଲେ ଗଣେଶଙ୍କୁ ପୁନଃ ଜୀବନଦାନ କରିବାକୁ। ଶିବଙ୍କ ରାଗ ଶାନ୍ତ ହେବା ପରେ ମାତା ପାର୍ବତୀଙ୍କୁ ଆଶ୍ୱାସନା ଦେଇ ଗଣେଶଙ୍କୁ ଜୀବଦାନ ଦେଇ ଏକ ବର ଦେଇଥିଲେ। ତାହା ହେଉଛି ପ୍ରତ୍ୟେକ ଦେବ-ଦେବୀଙ୍କ ପୂଜନ ପୂର୍ବରୁ ଅଥବା କୌଣସି ଶୁଭକାର୍ଯ୍ୟ ଆରମ୍ଭରେ ଶ୍ରୀଗଣେଶ ପ୍ରଥମେ ପୂଜା ପାଇବେ। ଆଉ ଏକ ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଯେତେବେଳେ ବ୍ୟାସଦେବ ମହାଭାରତ ରଚନା ଆରମ୍ଭ କଲେ ସେତେବେଳେ ସେ ଶ୍ରୀଗଣେଶଙ୍କୁ ତାହା ଲେଖିବା ପାଇଁ ଅନୁରୋଧ କରିଥିଲେ। ଶ୍ରୀଗଣେଶ ତାଙ୍କ ଅନୁରୋଧ ରକ୍ଷାକରି ଗୋଟିଏ ସର୍ତ୍ତ ରଖିଥିଲେ। କହିଥିଲେ- ବ୍ୟାସଦେବ ମହାଭାରତ ରଚନା ବେଳେ ପ୍ରତ୍ୟେକ ବାକ୍ୟ ଅନର୍ଗଳ କହି ଚାଲିଥିବେ ଏବଂ ତାକୁ ସେ ଲିପିବଦ୍ଧ କରୁଥିବେ ମାତ୍ର ଅଟକିବେ ନାହିଁ। ଏହା ଶୁଣି ବ୍ୟାସଦେବ ଶ୍ରୀଗଣେଶଙ୍କୁ କହିଲେ ଠିକ୍ ଅଛି। ମୁଁ ସେଥିରେ ରାଜି ମାତ୍ର ମୋର ମଧ୍ୟ ଏକ ସର୍ତ୍ତ ରହିବ ତାହା ହେଉଛି ମୁଁ ଯେଉଁଠି ଅଟକିଯିବି ମୋର ପ୍ରତ୍ୟେକ ଶ୍ଳୋକର ସଠିକ ବ୍ୟାଖ୍ୟା ପୂର୍ବକ ଯାହା ଲେଖିବା ପାଇଁ ଉପଯୁକ୍ତ, ତାକୁ ପୂର୍ଣ୍ଣ କରିବା ଦାୟିତ୍ୱ ହେଉଛି ଶ୍ରୀଗଣେଶଙ୍କର। ଉଭୟେ ଉଭୟଙ୍କ ସର୍ତ୍ତରେ ରାଜି ହୋଇ କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ତିନିବର୍ଷ ପରେ ମହାଭାରତ କାବ୍ୟ ସଂପୂର୍ଣ୍ଣ ହୋଇଥିଲା।

ବୈଜ୍ଞାନିକ ଦୃଷ୍ଟିକୋଣରୁ ଅନୁଧ୍ୟାନ କଲେ ଜଣାଯାଏ ଯେ ହସ୍ତୀମସ୍ତକ ଧାରଣ, ସ୍ଥୂଳ ଉଦର, ବକ୍ରତୁଣ୍ଡ ତଥା ମୂଷିକ ବାହନଧାରୀ ଶ୍ରୀଗଣେଶ ହେଉଛନ୍ତି ସର୍ବଗୁଣ ସମ୍ପନ୍ନ ବ୍ୟକ୍ତିତ୍ୱର ପ୍ରକାଶକ ଏବଂ ବାଧାବିଘ୍ନ ଦୂରୀକରଣର ମୁଖ୍ୟ ସହାୟକ। ବର୍ତ୍ତମାନ ବୈଜ୍ଞାନିକ ଭାବନାର ଚେତନା କିପରି ଶ୍ରୀଗଣେଶଙ୍କ ଉଦ୍ଦେଶ୍ୟରେ ଅନୁଶୀଳନ କରାଯାଇଛି, ସେ ସଂପର୍କରେ କିଞ୍ଚିତ୍ ତଥ୍ୟ ଏଠାରେ ଉପସ୍ଥାପନ କରାଯାଉଛି। ଶ୍ରୀଗଣେଶ ହେଉଛନ୍ତି ସଜୀବ ଶକ୍ତିର ଉପାଦାନ ବା ଅନୁଭବ ଶକ୍ତି। ତାଙ୍କର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗ ବୈଜ୍ଞାନିକ ବାର୍ତ୍ତା ପ୍ରଦାନର ମାଧ୍ୟମ । ପ୍ରଥମ ଅଙ୍ଗ ହେଉଛି ଗଣେଷଙ୍କ ମସ୍ତକ। ଜୀବ ବିଜ୍ଞାନରେ ଏହା ଏକ ବୃହତ୍ ଅଙ୍ଗ, ଯାହା ଉତ୍ତମ ବିଚାର ଶକ୍ତିର ପ୍ରତୀକ। ଏହାକୁ ବିଜ୍ଞତା ବା ପ୍ରଜ୍ଞତା ମଧ୍ୟ କୁହାଯାଇପାରେ। ତାଙ୍କର ଦୀର୍ଘଶୁଣ୍ଢ ତେଜୋଦୀପ୍ତର ମାର୍ଗଦର୍ଶକ। ଶ୍ରୀଗଜାନନଙ୍କ ଦର୍ଶନ ମାଧ୍ୟମରେ ଦର୍ଶକ ନିଜର ବିବେକ ଏବଂ ମନକୁ ସୁ-ସଂଚାଳିତ କରିପାରେ ଏବଂ ନିଜକୁ ଜଣେ ପ୍ରତିଭାବାନ ସୁପୁରୁଷ ଭାବରେ ପ୍ରତିଷ୍ଠିତ କରିପାରେ। ଉତ୍ଥାନ ପତନ, ଭଲ, ମନ୍ଦ, ଆଚାର ବ୍ୟବହାର ପ୍ରତ୍ୟେକ କ୍ଷେତ୍ରରେ ସନ୍ତୁଳନ ରକ୍ଷାକରି କାର୍ଯ୍ୟ କରିପାରେ। ମୋଟାମୋଟି ଭାବରେ ଦେଖିଲେ ଜଣେ ନିଜକୁ ବୁଦ୍ଧିଜୀବୀ ଭାବରେ ପରିପ୍ରକାଶ କରିବା ପାଇଁ ଗଜାନନଙ୍କ ମସ୍ତକରୁ ପ୍ରେରଣା ପାଇଥାଏ। ଦ୍ୱିତୀୟ ହେଲା ଦୀର୍ଘଶୁଣ୍ଢ, ଯାହା ନୂତନ ଚିନ୍ତନ ଏବଂ ନୂତନ ଦିଗ୍‌ଦର୍ଶନର ପ୍ରତୀକ। ଏତଦ୍‌ଭିନ୍ନ ଆଧ୍ୟାତ୍ମିକ ଜ୍ଞାନ ଆହରଣ ପାଇଁ ନିର୍ଣ୍ଣାୟକ ଭୂମିକାର ମାଧ୍ୟମ ଭାବରେ କାର୍ଯ୍ୟ କରିଥାଏ। ତୃତୀୟ ହେଉଛି ଉଦର ଯାହା ମଣିଷ ଜୀବନରେ ଉତ୍ଥାନ, ପତନ ରହିବା ସ୍ୱାଭାବିକ। ଏହାକୁ ସହ୍ୟ କରିବାର ସହନଶୀଳତା ଏବଂ ଅନାୟସରେ ଟାଳି ନେବାର ଶକ୍ତି ଶ୍ରୀଗଣେଶଙ୍କ ଉଦର ଦର୍ଶନରୁ ପ୍ରେରଣା ମିଳିଥାଏ। ଚତୁର୍ଥ ହେଉଛି ମୂର୍ତ୍ତି ଉପବେସନର ମାହାତ୍ମ୍ୟ ଯାହା ଶ୍ରୀ ଗଣେଶଙ୍କ ଉପବେସନର ଢଙ୍ଗରେ ଅନେକ ମହତ୍ତ୍ୱ ରହିଛି। ଗୋଟିଏ ପାଦ ଭୂମିରେ ସ୍ପର୍ଶ କରୁଥିବାବେଳେ ଅନ୍ୟ ଏକ ପାଦ ଜଙ୍ଘ ଉପରେ ସ୍ଥାପିତ ହୋଇଥାଏ। ଏହାର ତାତ୍ପର୍ଯ୍ୟ ହେଉଛି, ଭୂମିରେ ସ୍ଥାପିତ ପାଦ ପ୍ରତ୍ୟେକ ଆହ୍ୱାନର ସମାଧାନ ପାଇଁ ଜଣକୁ ଦୃଢମନା କରିଥାଏ। ସେମିତି ଜଙ୍ଘ ଉପରେ ରହିଥିବା ପାଦ ଆତ୍ମା ସହିତ ବିବେକର ସଂଯୋଗ ସ୍ଥାପନ ଏବଂ ସମାଧାନର ମାର୍ଗ ନିର୍ଣ୍ଣୟନରେ ସହାୟକ ହୋଇଥାଏ। ପଞ୍ଚମରେ ତାଙ୍କର ମୂଷିକ ବାହନ, ଯାହା ଇଚ୍ଛାଶକ୍ତିକୁ ନିୟନ୍ତ୍ରଣ କରିବା ପାଇଁ ଏହା ଉତ୍ତମ ମାଧ୍ୟମ । ମୂଷା ଏକ ସର୍ବଗ୍ରାସୀ ପ୍ରାଣୀ, ତା'ର ସବୁ ଖାଇବାର ଏବଂ ପାଇବାର ଇଚ୍ଛା ଥାଏ। ସେହିପରି ମଣିଷ ମନରେ ଯେଉଁ ଅଦମ୍ୟ ପିପାସା ତାକୁ ନିଜ ଅଧୀନରେ ରଖିବାର ମାର୍ଗ ମୂଷାଠାରୁ ପ୍ରେରଣା ମିଳିଥାଏ । ଷଷ୍ଠ ରେ ଶ୍ରୀଗଣେଶଙ୍କର ଚାରିଗୋଟି ହସ୍ତର ମାହାତ୍ମ୍ୟ। ଶ୍ରୀଗଣେଶଙ୍କ ବାମ ଦୁଇ ହସ୍ତ ତଥା ଗୋଟିଏ ହସ୍ତରେ ପଦ୍ମଫୁଲ ଏବଂ ଅନ୍ୟଟିରେ ଲଡୁ। ପଦ୍ମଫୁଲ ହେଉଛି ଆତ୍ମ ନିରୀକ୍ଷଣର ମାନଦଣ୍ଡ। ଠିକ୍ ସେମିତି ଲଡୁ ଧାରଣ ଆଧ୍ୟାତ୍ମିକ ପ୍ରବର୍ତ୍ତନାର ମୂଳ ପ୍ରବର୍ତ୍ତକ। ଦକ୍ଷିଣରେ ଥିବା ଦୁଇ ହସ୍ତ ତଥା ଗୋଟିକରେ ଲେଖନୀ ଧାରଣ ଏବଂ ଅନ୍ୟଟିରେ ଆଶୀର୍ବାଦ ପ୍ରଦାନ ସଙ୍କେତ। ଲେଖନୀ ଧରିଥିବା ହସ୍ତ ଉତ୍ସାହପୂର୍ଣ୍ଣ ଲେଖନୀ ଚାଳନା ପାଇଁ ଉଦ୍ଦିଷ୍ଟ ଏବଂ ଅନ୍ୟଟି ଆଶୀର୍ବାଦ ପ୍ରଦାନ ପାଇଁ ନିଧାର୍ଯ୍ୟ । ସପ୍ତମରେ ଥାଳିରେ ଥିବା ପ୍ରସାଦ ଯାହା ପଞ୍ଚଭୂତାତ୍ମକ ଧନ ଏବଂ ଶକ୍ତି ପ୍ରଦାନର ପ୍ରତୀକ। ଏହି ଅଙ୍ଗପ୍ରତ୍ୟଙ୍ଗ ବର୍ଣ୍ଣନାରୁ ଯେଉଁ ସୂଚନା ମିଳୁଛି, ତହିଁରୁ ପ୍ରମାଣିତ ଯେ ଶ୍ରୀ ଗଣେଶଙ୍କ ଦର୍ଶନ ମାଧ୍ୟମରେ ଜଣେ ନିଜକୁ ସାବଧାନ କରିପାରିବାର ଶକ୍ତି ଆହରଣ କରିଥାଏ।

+ଅରଙ୍ଗାବାଦ, ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦

# ବିଦ୍ୟାଦାତା ଶ୍ରୀ ଗଣେଶ

ରମେଶ ଚନ୍ଦ୍ର ନାୟକ



'ଗଣେ ନାରାୟଣେ ରୁଦ୍ରେ ଅଗ୍ନିକେ ଭାସ୍କରେ ତଥା, ଭିନ୍ନାଭିନ୍ନ ନ କର୍ତ୍ତବ୍ୟଂ ପଂଚଦେବଂ ନମୋସ୍ତୁତେ'।

ବିଷ୍ଣୁ, ଶିବ, ଶକ୍ତି, ଓ ସୂର୍ଯ୍ୟଙ୍କ ସହିତ ଗଣେଶଙ୍କୁ ସମାନ ସ୍ଥାନ ଦିଆଯାଇଛି। ଏହି ପଂଚ ଦେବାତାଙ୍କ ମଧ୍ୟରେ ଗଣେଶ ଅଗ୍ରପୂଜ୍ୟ ହୋଇଥିବାରୁ କେବଳ ଗଣେଶଙ୍କୁ ପୂଜାକଲେ ଅନ୍ୟ ସମସ୍ତ ଦେବାଦେବୀ ପୂଜା ପାଆନ୍ତି ବୋଲି ପୌରାଣିକ ମତ ରହିଛି। 'ଶ୍ରୀ ଗଣେଶାୟ ନମଃ' ପ୍ରତ୍ୟେକ ଶୁଭକାର୍ଯ୍ୟର ଆଦ୍ୟ ଉଚ୍ଚାରଣ। ଯେକୌଣସି ଶୁଭ କାର୍ଯ୍ୟ ଆରମ୍ଭ ପୂର୍ବରୁ ଶ୍ରୀଗଣେଶଙ୍କ ପୂଜନ ନିଶ୍ଚିତ ଭାବେ ହୋଇଥାଏ। ସେ ସମସ୍ତ ବାଧାବିଘ୍ନ ଦୂରୀକରଣ, ସୁଖ ସମୃଦ୍ଧି ଏବଂ ଜ୍ଞାନର ଭଣ୍ଡାର। ସେଥିପାଇଁ ସେ ସିଦ୍ଧି ବିନାୟକ, ବିଘ୍ନ ବିନାଶକ। ଭାଦ୍ରବ ମାସ ଶୁକ୍ଳ ଚତୁର୍ଥୀ ଦିନ ବିଦ୍ୟାର ଦେବତା ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ଜନ୍ମ ଦିନ ହୋଇଥିବା ଯୋଗୁଁ ଏହି ଦିନର ମାହାତ୍ମ୍ୟ ହିନ୍ଦୁ ସଂସ୍କୃତିରେ ଏକ ମହାନ ଦିନ ଭାବେ ପରିଗଣିତ ହୋଇଛି।

ହିନ୍ଦୁ ଦେବାଦେବୀ ମାନଙ୍କ ମଧ୍ୟରେ ସବୁଠାରୁ ଅଧିକ ପୂଜିତ ହେଉଥିବା ଦେବତା ହେଉଛନ୍ତି ଶ୍ରୀଗଣେଶ। ସେ ମହାଦେବ ଶିବ ଓ ଦେବୀ ପାର୍ବତୀଙ୍କ ସାନ ପୁଅ ଓ କାର୍ତ୍ତିକେୟଙ୍କର ଭ୍ରାତା। ଗଣେଶଙ୍କ ପ୍ରତିକୃତି ଭାରତ ଓ ନେପାଳରେ ସର୍ବତ୍ର ପରିଦୃଷ୍ଟ ହୁଏ। ହିନ୍ଦୁମାନେ ଜାତି, ଭାଷା, ବର୍ଣ୍ଣ ନିର୍ବିଶେଷରେ ଗଣେଶଙ୍କୁ ପୂଜା କରିଥାନ୍ତି। ଏପରିକି ଜୈନ, ବୌଦ୍ଧ ଧର୍ମର ତଥା ଅଣଭାରତୀୟମାନେ

ମଧ୍ୟ ଗଣେଶଙ୍କ ଉପାସନା କରିଥାନ୍ତି। ଅନେକ ବିଶେଷତ୍ୱ ମଧ୍ୟରୁ ଗଣେଶ ତାଙ୍କର ହାତୀ ମୁଣ୍ଡ ଯୋଗୁଁ ସହଜରେ ଚିହ୍ନା ପଡନ୍ତି। ବିଘ୍ନ ନାଶକ ରୂପେ ସେ ସର୍ବତ୍ର ପୂଜିତ ହୁଅନ୍ତି ... କଳା, ବିଜ୍ଞାନ ଓ ବୁଦ୍ଧିମତାର? ଦେବତା ଓ ସଂରକ୍ଷକ ରୂପେ ସେ ପରିଚିତ। ଆଦି ଦେବତା ହିସାବରେ ପ୍ରତ୍ୟେକ ଶୁଭ କାର୍ଯ୍ୟ , ପୂଜା , ଲେଖାପଢ଼ା ଓ ଧାର୍ମିକ କ୍ରିୟା ଆରମ୍ଭରେ ତାଙ୍କର ଆବାହନ କରାଯାଏ। ତାଙ୍କୁ ପଞ୍ଚ ଦେବତାମାନଙ୍କ ମଧ୍ୟରୁ ଜଣେ ବୋଲି ଗଣାଯାଏ।

ଶିବ ପୁରାଣ ଅନୁସାରେ ଦେବୀ ପାର୍ବତୀ ନିଜ ଦେହରୁ ନିର୍ଗତ ମଇଳାରୁ ଏକ ମୂର୍ତ୍ତି ଗଠନ କଲେ ଓ ଏହାକୁ ଜୀବନଦାନ ଦେଲେ। ପାର୍ବତୀ ତାକୁ ଦ୍ୱାର ଜଗାଇ ଏବଂ ଭିତରକୁ କାହାକୁ ପ୍ରବେଶ ନ କରେଇବା ପାଇଁ ଆଦେଶ ଦେଇ ସ୍ନାନ କରିବାକୁ ଗଲେ। ଠିକ୍ ସେହି ସମୟରେ ମହାଦେବ ଘରକୁ ଫେରି ଭିତରକୁ ପ୍ରବେଶ କରନ୍ତେ ବାଳକ ଗଣେଶ ଆପଣା ପିତାଙ୍କୁ ଚିହ୍ନି ନ ପାରି ବାଟ ଛାଡ଼ିଲେ ନାହିଁ। ମହାଦେବ ଯେତେ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବା ପରେ କ୍ରୋଧ ଜର୍ଜରିତ ହୋଇ ଗଣେଶଙ୍କ ଶିର ଛେଦନ କଲେ। ପରେ ପାର୍ବତୀଙ୍କ ନିକଟରୁ ଏହାଙ୍କର ପରିଚୟ ପାଇ ଫେରିଆସି ଦେଖିଲା ବେଳକୁ ମୁଣ୍ଡହୀନ ଗଣ୍ଡିଟି ପଡିଛି। ମହାଦେବ ମୁଣ୍ଡ ଖୋଜି ନ ପାଇ ଉତ୍ତର ଦିଗକୁ ମୁଣ୍ଡ କରି ଶୋଇଥିବା ଏକ ହାତୀର ମୁଣ୍ଡକୁ କାଟି ଆଣି ଏହାଙ୍କ ଗଣ୍ଡିରେ ଯୋଡ଼ି ଜୀବନ ଦାନ ଦେଲେ।- ସେହି ଦିନଠାରୁ ସେ ହେଲେ ଗଜାନନ ଓ ମହାଦେବଙ୍କ ପ୍ରମଥ ଗଣର ସେନାପତି। ପୌରାଣିକ ମତେ ଗଣେଶ ବ୍ୟାସୋକ୍ତ ମହାଭାରତର ଲେଖକ। ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଦିନ ଗଣେଶଙ୍କର ସ୍ୱତନ୍ତ୍ର ପୂଜା ପାଳିତ ହୁଏ। ଏହାଙ୍କର ଗଜ ମସ୍ତକ , ଏକଦନ୍ତ , ଥନ୍ତଲ ପେଟ , ମୋଟା ପଇତା ଓ ବାହନ ମୂଷା ସଭିଙ୍କୁ ଆକୃଷ୍ଟ କରେ।

ଶ୍ରୀଗଣେଶ ବିଘ୍ନନାଶକ ଓ ବିଦ୍ୟାର ସାଗର ହୋଇଥିବାରୁ ଛାତ୍ରଛାତ୍ରୀମାନେ ଏହିଦିନରେ ସ୍କୁଲ କଲେଜରେ ଗଣେଶଙ୍କୁ ପୂଜା ଆରଧନା କରି ବିଦ୍ୟା ଅର୍ଜନ ପାଇଁ ସ୍ତୁତି କରିଥାନ୍ତି। ଶିଶୁଟିଏ ପାଠପଢାର ପ୍ରଥମ ଦିନ ଏହି ଗଣେଶ ପୂଜାରୁ ହିଁ ଆରମ୍ଭ କରିଥାଏ। ବିଦ୍ୟା ଅର୍ଜନ ପାଇଁ ସେ ପ୍ରଥମେ ଗଣେଶଙ୍କୁ ସୁମରଣା କରି ଆର୍ଶୀବାଦ କାମନା କରି ସ୍ଲେଟ ବା ଚଟାଣ ଉପରେ ଖଡ଼ି ଧରି ପ୍ରଥମ ଅକ୍ଷର ଛୁଆଁ ଦେଇ ବିଦ୍ୟା ଆରମ୍ଭ କରିଥାଏ। ଯାହାକି ଏହାକୁ ଶିଶୁର ପ୍ରଥମ ବିଦ୍ୟାରମ୍ଭର ଖଡ଼ିଛୁଆଁ ପର୍ବ କହନ୍ତି। ଖଡ଼ିଛୁଆଁ ପରେ ଶିଶୁ ତା'ର ବିଦ୍ୟା ଅଧ୍ୟୟନ ପାଇଁ ବିଦ୍ୟାଳୟକୁ ଯାଇଥାଏ। ଖଡ଼ିଛୁଆଁ ପର୍ବ ହେଉଛି ଶିଶୁଙ୍କ ପାଇଁ ବିଦ୍ୟା ଅଧ୍ୟୟନର ଏକ ମହାନ ପରମ୍ପରା। ଯାହା ଯୁଗେ ଯୁଗେ ରହି ଆସିଛି।

ମାତ୍ର ବିଦ୍ୟାଳୟ ଗୁଡ଼ିକରେ ଏହି ପବିତ୍ର ଗଣେଶ ପୂଜା ପାଳନ ଉପରେ ବାଧକ ସାଜିଛି କରୋନା। ଗତ ବର୍ଷଠାରୁ ଚଳିତ ବର୍ଷ କରୋନା ପ୍ରଭାବ ଅପେକ୍ଷାକୃତ କମ ଥିବାରୁ କୋଭିଡ୍ ଗାଇଡ୍ ଲାଇନ୍ ଭିତରେ ଗଣେଶ ପୂଜା ଆୟୋଜନ ହେବ ବୋଲି ଆଶା କରାଯାଏ। ବିଦ୍ୟାଦାତା ଶ୍ରୀଗଣେଶଙ୍କ ପାଦପଦ୍ମ ରେ କୋଟି କୋଟି ପ୍ରଣାମ ଜଣାଇବା ସହ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଗଣେଶ ପୂଜାର ଅନେକ ଅନେକ ଶୁଭେଚ୍ଛା ।

+କେଶରପୁର , ବକ୍ସି ବଜାର , କଟକ
ମୋ: ୭୯୭୮୧୫୧୭୧୦

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୦ ସେପ୍ଟେମ୍ବର ୨୦୨୧, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଅନିଶ୍ଚିତତାରେ ଆଫଗାନିସ୍ତାନ...

ଆଫଗାନିସ୍ତାନରେ ତାଲିବାନ ଗୋଷ୍ଠୀ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ କରିଥିଲେ ସୁଦ୍ଧା ସେଠାରେ ଜନ ପ୍ରତିରୋଧ କିମ୍ବା ବିଭିନ୍ନ ଗୋଷ୍ଠୀଙ୍କ ଭିତରେ ଲାଗିଥିବା ସାମରିକା ସଂଘର୍ଷରେ ପୂର୍ଣ୍ଣଚ୍ଛେଦ ପଡ଼ିନାହିଁ । ରାଜଧାନୀ କାବୁଲରେ ହଜାର ହଜାର ବିକ୍ଷୋଭକାରୀ ତାଲିବାନ ଓ ପାକିସ୍ତାନ ବିରୋଧୀ ସ୍ଲୋଗାନମାନ ଦେଇ ପ୍ରତିବାଦ କରିଚାଲିଛନ୍ତି ଏବଂ ସେମାନଙ୍କୁ ଉପରକୁ ତାଲିବାନ ବନ୍ଧୁକଧାରୀମାନେ ସମୟାନ୍ତରେ ଗୁଳି ଚଳାଇବା ଘଟଣା ନଜରକୁ ଆସିଛି । କାବୁଲରେ ତାଲିବାନ ଗୋଷ୍ଠୀ ସରକାର ଗଠନ କରିବା ନିମନ୍ତେ ପାକିସ୍ତାନ ଯେଉଁ ତତ୍ପରତା ପ୍ରକାଶ କରିଛି ଏବଂ ନିଜର ଆଇଏସଆଇକୁ ସେଠାକୁ ପଠାଇ ବିଭିନ୍ନ ଗୋଷ୍ଠୀଙ୍କ ମଧ୍ୟରେ ସହମତ ସୃଷ୍ଟି କରିଛି ତାହା ସୂଚୀତ କରେର ଯେ ଏହି ସମଗ୍ର ପ୍ରକ୍ରିୟା ପଛରେ ପାକିସ୍ତାନର ପ୍ରଚ୍ଛନ୍ନ ହାତ ରହିଛି ଏବଂ ବିଶ୍ୱ ଆତଙ୍କବାଦ ଦୃଶ୍ୟପଟରେ ପାକିସ୍ତାନ ପ୍ରଚ୍ଛନ୍ନ ହାତ ରହିଛି ଏବଂ ବିଶ୍ୱ ଆତଙ୍କବାଦ ଦୃଶ୍ୟପଟରେ ପାକିସ୍ତାନ ଏକ ନୂଆ ଖେଳ ଖେଳିବାକୁ ଯାଉଛି । କେବଳ ପାକିସ୍ତାନ ନୁହେଁ, ଆଫଗାନିସ୍ତାନରେ ତାଲିବାନ ସରକାର ଗଠନ ନିମନ୍ତେ କତାର, ସଂଯୁକ୍ତ ଆରବ ଏମିରେଟ୍ସ, ତର୍କୀ, ଚୀନ ଏବଂ ରୁଷିଆ ମଧ୍ୟ ସେମାନଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ସମର୍ଥନ ଜଣାଇଛନ୍ତି । ମୁଲ୍ଲା ମହମ୍ମଦ ଆଖୁନ୍ଦଙ୍କ ନେତୃତ୍ୱରେ ସେଠାରେ ଯେଉଁ ନୂତନ ମଧ୍ୟବର୍ତ୍ତୀ ସରକାର ଗଠନ କରାଯାଇଛି ସେଥିରେ ମୁଲ୍ଲା ଅବଦୁଲ ଘନୀ ବରାଦର ଏବଂ ମୌଲବୀ ଅବଦୁଲ ସଲାମ ହନାଫୀ ମଧ୍ୟ ଉପ ମୁଖ୍ୟ ଅଛନ୍ତି । କିନ୍ତୁ ଆଭ୍ୟନ୍ତରୀଣ ମନ୍ତ୍ରୀ ଭାବେ ଚୟନ କରାଯାଇଛି ଶିରାଜୁଦ୍ଦିନ ହକାରୀଙ୍କୁ ଯିଏକି ଦୀର୍ଘ ଦିନରୁ ଜଣେ ବିଶ୍ୱ ଆତଙ୍କବାଦୀ ଭାବେ ଘୋଷିତ ହୋଇସାରିଛି । ଅନ୍ୟ ଭାଷାରେ କହିଲେ ହକାନୀ ଗୋଷ୍ଠୀ ହିଁ ଏବେ ମଧ୍ୟବର୍ତ୍ତୀ ସରକାରକୁ ନିୟନ୍ତ୍ରଣ କରିବ ଏବଂ ହକାନୀ ଗୋଷ୍ଠୀ ଓ ପାକିସ୍ତାନ ସରକାର (ଆଇଏସଆଇ, ସେନା ଓ ମୌଳବାଦୀ ଗୋଷ୍ଠୀ)ଙ୍କ ମଧ୍ୟରେ ଥିବା କ୍ଷୀର-ନୀର ସମ୍ପର୍କ ବିଷୟରେ ସମସ୍ତଙ୍କୁ ଜଣା । ସ୍ମରଣଯୋଗ୍ୟ ଯେ ଏକଦା ଆମେରିକା ଅଲ କାଏଦା, ତାଲିବାନ, ଲସ୍କରର କିମ୍ବା ଜୈସ -ଏ-ମହମ୍ମଦ ଆତଙ୍କବାଦୀ ସଂଗଠନ ଠାରୁ ହକାନୀ ଗୋଷ୍ଠୀକୁ ଅଧିକ ଭୟଙ୍କର ବୋଲି ବିବେଚନା କରୁଥିଲା ଏବଂ ନିକଟରେ ହକାନୀ ଗୋଷ୍ଠୀର ହଜାର ହଜାର କୋଟି ଡଲାର ଠାରୁ ଅର୍ଥକୁ ଆମେରିକା ଜବତ କରିଛି । ଏହା ସତ୍ତ୍ୱେ ବାସ୍ତବତା ସୂଚାଏ ଯେଏବେ ତାଲିବାନ ଗୋଷ୍ଠୀଙ୍କ ନିୟନ୍ତ୍ରଣରେ ଆଫଗାନିସ୍ତାନ ଏବଂ ହକାନୀ ଗୋଷ୍ଠୀ ନିୟନ୍ତ୍ରଣରେ ତାଲିବାନ ସଂଗଠନ । ହକାନୀ ଗୋଷ୍ଠୀକୁ ପାକିସ୍ତାନର ଆଇଏସଆଇ ନିୟନ୍ତ୍ରଣ କରୁଥିବା ବେଳେ ଚୀନ ପାକିସ୍ତାନ ଜରିଆରେ ଆଫଗାନିସ୍ତାନରେ ତା'ର ନିୟନ୍ତ୍ରଣ ଜାହିର କରିବାକୁ ପଡୁଛି । କୂଟନୀତିର ପଶାପାଲିରେ ଏବେ ଯେଉଁ ଖେଳ ଚାଲିଛି ସେଥିରେ ସେ ଦେଶର କୋଟି କୋଟି ସାଧାରଣ ନାଗରିକ କେବଳ ବଳିବୋଦା ସାଜିବା ହିଁ ସାର ହୋଇଛି । ଗଣତନ୍ତ୍ର ପାଇଁ ସେମାନେ ଛାଡୁଥିବା ଆର୍ତ୍ତ ଚିତ୍କାର ନା ପଡୁଛି ତାଲିବାନଙ୍କ କାନରେ ନା ପଡୁଛି ବିଶ୍ୱ ସମୁଦାୟଙ୍କ କାନରେ । ଆଫଗାନିସ୍ତାନରେ ଶାନ୍ତି ବିରାଜମାନ କରିବ ଏବଂ ସେଠାରେ ଗଣତନ୍ତ୍ର ପ୍ରତିଷ୍ଠା ହେବ ବୋଲି ଅତୀତରେ ଅନେକ ବିଶ୍ୱ ମହାଶକ୍ତି ଆସ୍ଫାଳନ କରିଥିଲେ, କିନ୍ତୁ ସେମାନେ ସଭିଏଁ ଏବେ ସେଠାରୁ ପୃଷ୍ଠଭଙ୍ଗ ଦେଇଛନ୍ତି । ଆଫଗାନବାସୀ ନିଜେ ନିଜର ଭାଗ୍ୟ ନିର୍ଦ୍ଧାରଣ କରିବେ ବୋଲି ସେମାନେ କହିଛନ୍ତି । ତଥାପି ସେଠାରେ ଲାଗିଥିବା ରାଜନୈତିକ ପଶାପାଲିରେ ସଭିଏଁ ପ୍ରଚ୍ଛନ୍ନରେ ରହି ଗୋଟି ଚାଳନା କରୁଛନ୍ତି । ପଞ୍ଜସିର କ୍ଷେତ୍ରରେ ତାଲିବାନ ଓ ଅହମ୍ମଦ ମାସୁଦଙ୍କ ନେତୃତ୍ୱାଧୀନ ପ୍ରତିରୋଧ ବାହିନୀଙ୍କ ମଧ୍ୟରେ ଯେଉଁ ରକ୍ତାକ୍ତ ସଂଘର୍ଷ ଚାଲିଛି ସେଥିରେ ହଜାର ହଜାର ନାଗରିକ ମୃତ୍ୟୁବରଣ କରୁଛନ୍ତି । ଏ ସଂଘର୍ଷ ଜାରି ରହୁ ତାହା ସମ୍ଭବତଃ ବାହ୍ୟଶକ୍ତିଙ୍କ ଇଚ୍ଛା । କିନ୍ତୁ ଶହ ଶହ ବର୍ଷ ଧରି ସଂଗ୍ରାମରତ ଆଫଗାନବାସୀ ଯେପରି କ୍ଳାନ୍ତ ଓ ଶ୍ରାନ୍ତ ଏବଂ ସେମାନେ ଏବେ ଶାନ୍ତିରେ ଜୀବନ ବଞ୍ଚିବାକୁ ଚାହାନ୍ତି । ଏଥିରେ ବିଶ୍ୱ ସମୁଦାୟ ମଧ୍ୟ ସହଯୋଗ କରିବାର ଆବଶ୍ୟକତା ଅଛି । କାରଣ ଏକବିଂଶ ଶତାବ୍ଦୀରେ ଆଉ କୌଣସି ରାଷ୍ଟ୍ର ନିଜକୁ ଏକ ଦ୍ୱୀପ ଭାବେ ଅନ୍ୟମାନଙ୍କଠାରୁ ପୃଥକ୍ ରଖିପାରିବ ନାହିଁ । ଆଫଗାନିସ୍ତାନରେ ଶାନ୍ତି ପ୍ରତିଷ୍ଠା ସହ ବିଶ୍ୱଶାନ୍ତି ମଧ୍ୟ ପ୍ରତ୍ୟକ୍ଷ ଭାବେ ଜଡ଼ିତ । ଏହା ବିଶ୍ୱ ଇତି ପୂର୍ବରୁ ଦେଖିସାରିଛି । ତେଣୁ ସେଠାରେ ଯେଉଁଭଳି ଶାନ୍ତି ବିରାଜମାନ କରିବ ସେ ଦିଗରେ ସଭିଏଁ ସହଯୋଗର ହାତ ବଢ଼ାଇବା ଉଚିତ ।

# ବକ୍ରତୁଣ୍ଡ ମହାକାୟ



ଜୟଶ୍ରୀ ପଟ୍ଟନାୟକ

ବକ୍ରତୁଣ୍ଡ ମହାକାୟ
ସୂର୍ଯ୍ୟକୋଟୀ ସମପ୍ରଭଃ
ନିର୍ବିଘ୍ନଂ କୁରୁ
ମେ ଦେବ ସର୍ବକାର୍ଯ୍ୟେସୁ ସର୍ବଦା।

ଭାରତୀୟ ସଂସ୍କୃତିରେ ପ୍ରତ୍ୟେକ ରାଜ୍ୟରେ ଋତୁ ଅନୁସାରେ ପର୍ବପର୍ବାଣୀ ପାଳନ କରିଥାନ୍ତି। ସଂସ୍କୃତି ଓ ମୂଲ୍ୟବୋଧକୁ ସମ୍ମାନ ଜଣାଇ ଆମ ଦେଶରେ ଅନୁଷ୍ଠିତ ହୁଏ ଜାତୀୟ ପର୍ବ ସ୍ୱାଧୀନତା ଦିବସ, ଗାନ୍ଧି ଜୟନ୍ତୀ, ଗଣତନ୍ତ୍ର ଦିବସ ଇତ୍ୟାଦି। ଏଗୁଡ଼ିକୁ ବାଦ୍‌ଦେଲେ ଆମର ଧର୍ମ, ସଂସ୍କୃତି ପରମ୍ପରାରେ ପାଳିତ ହୁଏ ଅନେକ ପର୍ବପର୍ବାଣୀ ଯାହା ଜୀବନକୁ କରିଥାଏ ସରସ, ସୁନ୍ଦର ଏବଂ ମଧୁମୟ। କ୍ଳାନ୍ତ, ଅବସାଦ ମନରେ ଉତ୍ସାହ ଜଗାଇଥାଏ। ସେହିପରି ଏକ ଗଣପର୍ବ ହେଲା ଗଣେଶ ପୂଜା। ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଏହା ଏକ ସାର୍ବଜନୀନ ପୂଜା। ଏହି ପୂଜା ଲୋକ ମାନଙ୍କର ଆଧାତ୍ମିକ ଚେତନାକୁ ଜାଗ୍ରତ କରାଏ, ମନରେ ନୂତନ ଉନ୍ମାଦନା ଜଗାଏ। ସମାଜରେ ଲୋକ ମାନଙ୍କ ମଧ୍ୟରେ ସଦ୍ଭାବନା, ପାରସ୍ପରିକ ସହଯୋଗ, ଭାବର ଆଦାନ ପ୍ରଦାନ ବଢ଼ାଏ। କର୍ମକ୍ଳାନ୍ତ ଜୀବନରେ ଆଣିଥାଏ ଉତ୍ସାହ ଓ ଆନନ୍ଦ ।

ଆମ ଦେଶର ଚାରିଆଡେ ଋତୁ ଅନୁସାରେ ଭିନ୍ନ ଭିନ୍ନ ଧରଣର ପର୍ବ ହୋଇଥାଏ ଆସାମରେ ବିହୁ, କେରଳରେ ଓନାମ, ପଂଜାବରେ ବୈଶାଖି, ତାମିଲନାଡୁ ଓ ଆନ୍ଧ୍ର ପ୍ରଦେଶରେ ପୋଙ୍ଗଲ ଇତ୍ୟାଦି। ସାରା ଭାରତର ଲୋକମାନେ କିନ୍ତୁ ଗଣେଶଙ୍କୁ ପୂଜା କରିଥାନ୍ତି। ଶ୍ରୀ ସିଦ୍ଧି ବୁଦ୍ଧି ଦାତା ଓ ବିଦ୍ୟାର ଦେବତା ରୂପେ ଗଣେଶ ବୈଦିକ ଧର୍ମରୁ ଅଗ୍ର ଦେବତାଙ୍କ ସ୍ଥାନରେ ଅଧିଷ୍ଠିତ। ତେଣୁ ପ୍ରତ୍ୟେକ ମାଙ୍ଗଳିକ କାର୍ଯ୍ୟର ଶୁଭାରମ୍ଭକୁ ଶ୍ରୀ ଗଣେଶ ବୋଲି କୁହାଯାଏ। ବୈଦିକ ଧର୍ମର ଯେ କୌଣସି ପୂଜାବିଧିରେ ଗଣେଶଙ୍କୁ ଅବାହନ କରାଯାଏ। ଗଣେଶ ପଞ୍ଚ ମହାଭୂତର ଅଧିଷ୍ଠାତା ଯଥାକ୍ରମେ କ୍ଷିତି(ଈଶ), ଶିବ, ଆପ୍ (ଗଣେଶ), ତେଜଃ(ଦୁର୍ଗା), ମରୁତ(ସୂର୍ଯ୍ୟ), ବ୍ୟୋମ(ବିଷ୍ଣୁ)। ଯଜୁର୍ବେଦରେ ଗଣେଶଙ୍କୁ ସ୍ତୁତି କରାଯାଇ କୁହାଯାଇଛି- ଗଣାନାଂ ତ୍ୱା ଗଣପତିଂ ହବାମହେ, ପ୍ରିୟାଣାଂ ତ୍ୱା ପ୍ରିୟପତିଂ ହବାମହେ, ନିଧିନାଂ ତ୍ୱା ନିଧିପତିଂ ହବାମହେ। କୃଷ୍ଣ ଯଜୁର୍ବେଦର ତୈତ୍ତିରିୟ ସଂହିତା ମନ୍ତ୍ରରେ ତତ୍ ପୁରୁଷାୟ ବିଦ୍ମହେ ବକ୍ରତୁଣ୍ଡାୟ ଧିମହି ତନ୍ନୋଦନ୍ତୀ ପ୍ରଚୋଦୟାତ୍ ବୋଲି ସ୍ତୁତି କରାଯାଇଅଛି।

ହିନ୍ଦୁ ଶାସ୍ତ୍ରାନୁଯାୟୀ ଗଣେଶଙ୍କ ଜନ୍ମ ଭାଦ୍ରବ ମାସ ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ । ହିନ୍ଦୁ ଶାସ୍ତ୍ରରେ ଗଣେଶଙ୍କୁ ଅଗ୍ରପୂଜ୍ୟ ଦେବତା ଆଦ୍ୟୌ ପୂଜ୍ୟୋ ବିନାୟକ: ଏହି ଉକ୍ତି ଅନୁସାରେ ସମସ୍ତ ଶୁଭ ଓ ମାଙ୍ଗଳିକ କାର୍ଯ୍ୟର ପ୍ରାରମ୍ଭରେ ଗଣେଶଙ୍କ ପୂଜା କରାଯାଏ। ସମସ୍ତ କାମରେ ବିଘ୍ନ ନ ଘଟିବା ପାଇଁ ଗଣେଶଙ୍କୁ ପ୍ରାର୍ଥନା କରାଯାଏ। ଇହଲୋକ, ପରଲୋକ ସର୍ବତ୍ର ସଫଳତା ପାଇବା ନିମନ୍ତେ ଏକ ମାତ୍ର ଉପାୟ ଗଜାନନ, ଗଣପତି, ସିଦ୍ଧିଦାତା, ଲମ୍ବୋଦର, ଏକଦନ୍ତ, ବିଘ୍ନ ବିନାଶକ ଗଣେଶଙ୍କ ଉପାସନା କରିବା। ତେଣୁ କୁହାଯାଇଛି- ଯଦି ଅନନ୍ତ କୋଟୀ ବ୍ରହ୍ମାଣ୍ଡ ନାୟକ ପରାତ୍ପର ବ୍ରହ୍ମ ଭଗବାନ ଶ୍ରୀ ଗଣେଶ ପ୍ରସନ୍ନ ହୁଅନ୍ତି ତେବେ ସମସ୍ତ କାର୍ଯ୍ୟ ଅଚିରେ ସଫଳ ହେବ। ଏହି ଗଣେଶ ପୂଜା କେବଳ ଭାରତରେ ନାହିଁ ଚୀନ, ଜାପାନ, ବାଲି, ନେପାଳ, ତିବତ, ଭୁଟାନ, ବ୍ରହ୍ମଦେଶ, ଆଫଗାନିସ୍ଥାନ, ଜାଭା, ସୁମାତ୍ରା, ଶ୍ରୀଲଙ୍କାରେ ବି ପୂଜା କରାଯାଏ।

ମନରେ ପ୍ରଶ୍ନ ଉଠେ ଯେ ଗଣେଶଙ୍କୁ କାହିଁକି ଅଗ୍ରପୂଜ୍ୟ ଦେବତା କହିବା ? ଗଣେଶ ପାର୍ବତୀଙ୍କ ପୁତ୍ର। ଭଗବାନ ଶିବଙ୍କ ଅର୍ଦ୍ଧାଙ୍ଗିନୀ ପାର୍ବତୀ ଶିବଙ୍କୁ ପାଇବା ନିମନ୍ତେ ଗୁମ୍ଫା ଭିତରେ ତପସ୍ୟାରତ ହେବା ପୂର୍ବରୁ ପୁତ୍ର ଗଣେଶଙ୍କୁ ଗୁମ୍ଫା ଦ୍ୱାରରେ ଜଗାଇ, କାହାରିକୁ ଗୁମ୍ଫା ଭିତରକୁ ପ୍ରବେଶ କରେଇ ନ ଦେବା ପାଇଁ ଆଦେଶ ଦେଇଥିଲେ। ଗଣେଶ ମାତାଙ୍କ ଆଦେଶକୁ ପାଳନ କରିବା ନିମନ୍ତେ ଗୁମ୍ଫା ଦ୍ୱାରରେ ଜଗି ରହିଲେ। ଗୁମ୍ଫା ଭିତରକୁ ଶିବଙ୍କ ଅନୁଚର ମାନେ ପ୍ରବେଶ କରିବାକୁ ଉଦ୍ୟତ ହୁଅନ୍ତେ ଗଣେଶ ସେମାନଙ୍କୁ ଯୁଦ୍ଧରେ ପରାଜିତ କଲେ ଏହା ଶୁଣି ଦେବ ଦେବ ମହାଦେବ କ୍ରୁଧିତ ହୋଇ ଗଣେଶଙ୍କ ସହ ଲଢ଼େଇ କରି ତାଙ୍କୁ ପରାଜିତ କରି ଶିରଚ୍ଛେଦ କଲେ। ଗୁମ୍ଫା ଭିତରେ ପାର୍ବତୀ ଶିବଙ୍କ ମୁହଁରୁ ପୁତ୍ରର ନିଧନ କଥା ଶୁଣି ଅତ୍ୟନ୍ତ ମର୍ମାହତ ହୋଇ ରୋଦନ କରିବାରୁ ଉତର ଦିଗକୁ ମୁଣ୍ଡ କରି ଶୋଇଥିବା ହସ୍ତୀର ଶିର ଛେଦନ କରି ଗଣେଶଙ୍କ ଦେହରେ ସଂଯୁକ୍ତ କରିବାରୁ ଗଣେଶ ପୁନର୍ଜନ୍ମ ଲାଭ କଲେ। ଗଜାନନ ଯୋଗୁଁ ପାର୍ବତୀଙ୍କର ସନ୍ତୋଷ ବିଧାନ ପାଇଁ ଶିବ ତାଙ୍କୁ ବର ପ୍ରଦାନ କରି କହିଥିଲେ ଯେ ସେ ମହାଜ୍ଞାନୀ, ମହା ପଣ୍ଡିତ, ଜ୍ଞାନ, ବୁଦ୍ଧି, ସିଦ୍ଧିର ଦାତା। ସବୁ ଦେବତାଙ୍କ ଆଶିର୍ବାଦରୁ ଏ ମାନସ ପୁତ୍ର ଗଣେଶ ନାମରେ ବିଶ୍ୱବିଖ୍ୟାତ ହେବ। ସେ ଦେବଗଣ, ଆର୍ଯ୍ୟ, ଅନାର୍ଯ୍ୟ, ସବୁ ଦେବତାଙ୍କ ଆଗରୁ ପୂଜା ହେବ। ସବୁ ବିଘ୍ନ ସେ ଦୂର କରିବ। ସବୁ ଠାରୁ ଜ୍ଞାନୀ ସେ ହେବ।




କେହି କେହି କହନ୍ତି ପାର୍ବତୀଙ୍କ ମଳୁଖରୁ ଗଣେଶଙ୍କ ଜାତ। ପାର୍ବତୀ ସ୍ନାନ କରୁଥିବା ସମୟରେ ହଳଦୀରେ ପିତୁଳା ଗଢ଼ି ବିଷ୍ଣୁ ମନ୍ତ୍ରରେ ଜୀବନ୍ୟାସ ଦେଇଥିଲେ। ଆଉ ଏକ ସମୟରେ ଭଗବାନ ପର୍ଶୁରାମଙ୍କ ସହିତ ଗଣେଶଙ୍କର ପ୍ରଚଣ୍ଡ ଯୁଦ୍ଧ ହୋଇଥିଲା। ଗଣେଶ ସୁରକ୍ଷା ଦାୟିତ୍ୱରେ ଥିବା ବେଳେ ସେ ଭଗବାନ ପର୍ଶୁରାମଙ୍କୁ ପ୍ରବେଶ ପାଇଁ ପଥରୋଧ କରିଥିଲେ। ଫଳରେ ଭୟଙ୍କର ଯୁଦ୍ଧରେ ହାରି ଶ୍ରୀ ଗଣେଶ ଏକଦନ୍ତ ହେଲେ। ପରବର୍ତୀ ସମୟରେ ପର୍ଶୁରାମ ଏବଂ ଗଣେଶଙ୍କ ଭିତରେ ସୁସମ୍ପର୍କ ସ୍ଥାପିତ ହୋଇଥିଲା। ଅନେକ ଦେଶ ଓ ଧର୍ମରେ ଗଣେଶଙ୍କ ଉପାସନା କରାଯାଏ। ବୌଦ୍ଧ ଧର୍ମରେ ଶ୍ୱେତହସ୍ତୀକୁ ପବିତ୍ର କୁହାଯାଇଛି। ଶୈବ, ଶାକ୍ତ, ବୈଷ୍ଣବ ଧର୍ମାବଲମ୍ବୀ ମାନେ ଗଣେଶଙ୍କୁ ସର୍ବ ପ୍ରଥମ ଦେବତା ବୋଲି ମାନି ଆସିଛନ୍ତି।

ଗଣେଶଙ୍କ ଅଷ୍ଟ ଅବତାର:

୧. ବକ୍ରତୁଣ୍ଡ : ଭଗବାନ ଗଣେଶ ବକ୍ରତୁଣ୍ଡ ରୂପରେ ମତ୍ସରାସୁରକୁ ହରାଇଲେ।

୨. ଏକଦନ୍ତ: ଏକଦା ପରଶୁରାମ ଶିବ ପାର୍ବତୀଙ୍କ ଦର୍ଶନାର୍ଥେ କୈଳାଶ ପର୍ବତକୁ ଆସିଥିଲେ। କୈଳାଶ ପର୍ବତରେ ଶିବ ପାର୍ବତୀ ଶୟନରତ ଥିଲେ ବାହାରେ ଗଣେଶ ଥିଲେ ଏବଂ ସେ ପରଶୁରାମଙ୍କୁ ଭିତରକୁ ଯିବାକୁ ବାରଣ କରିବାରୁ ପର୍ଶୁରାମଙ୍କ ମନରେ କ୍ରୋଧ ଜାତ ହେଲା। ସେ ଫାର୍ଶାରେ ଗଣେଶଙ୍କ ଦାନ୍ତ ଭାଙ୍ଗି ଦେବାରୁ ଗଣେଶ ଏକଦନ୍ତ ହେଲେ। ଏଣୁ ଗଣେଶଙ୍କ ହାତୀ ପରି ଗୋଟିଏ ଦାନ୍ତ ଥିବାରୁ ତାଙ୍କୁ ଏକଦନ୍ତ କୁହାଯାଏ।

୩. ଗଜାନନ: ହାତୀ ଶୁଣ୍ଢ ପରି ମସ୍ତକ ଥିବାରୁ ତାଙ୍କୁ ଗଜାନନ କୁହାଯାଏ।

୪. ଲମ୍ବୋଦର: ତାଙ୍କର ହାତୀ ଥୋଡ ପାହାର ପରି ମୁହଁ, ଲମ୍ବା ଉଦର ହେତୁ ଲମ୍ବୋଦର କୁହାଯାଏ।

୫. ବିକଟ: ମୟୂର ବାହାନ ବିକଟ ରୂପରେ ପ୍ରକଟ ହୋଇ ଗଣେଶ କାମାସୁରର ଦାଉରୁ ସଂସାରକୁ ମୁକ୍ତ କରିଥିଲେ।

୬. ବିଘ୍ନରାଜ: ସେ ସର୍ବ ବିଘ୍ନକୁ ହରଣ କରନ୍ତି ବୋଲି ବିଘ୍ନରାଜ ଅଟନ୍ତି। ସେ ବିଘ୍ନ ବିନାଶକ ଭାବରେ ପୂଜିତ, ଆରାଧିତ। ଶ୍ରୀ ଗଣେଶଙ୍କୁ ପୂଜାର୍ଚ୍ଚନା କଲେ ସମସ୍ତ ପ୍ରକାର ବିଘ୍ନ ଦୂର ହୋଇଥାଏ ।

୭. ଖର୍ବକାୟ: ତାଙ୍କର ଶରୀର ଅତ୍ୟୁଚ୍ଚ। ତାଙ୍କ ମସ୍ତକ ଗଜ ମସ୍ତକ। ସୁତରାଂ ଏକ ଅଦ୍ଭୁତ ଶରୀର। ପୃଥୁଳ ଉଦର। ଉପର ଦୁଇ ହସ୍ତରେ ପାଶ, ଅଙ୍କୁଶ ଧାରଣ କରିଛନ୍ତି ତଳ ବାମ ହସ୍ତରେ ମୋଦକ ଥାଳି ବା ଲଡୁ ଏବଂ ଦକ୍ଷିଣ ହସ୍ତରେ ଅଭୟ ମୁଦ୍ରା ଶୋଭା ପାଉଛି।

୮. ଧୂମ୍ରବର୍ଣ୍ଣ : ଅଗ୍ରପୂଜ୍ୟ ଗଣେଶଙ୍କ ବର୍ଣ୍ଣ ଧୂମ୍ରବର୍ଣ୍ଣ। ମା ପାର୍ବତୀ ତାଙ୍କୁ ହଳଦୀ ମଳୁଖରୁ ସୃଷ୍ଟି କରିଥିଲେ।

ଏହାଛଡା ଗଣେଶଙ୍କୁ ବିନାୟକ, ସୁମୁଖ, ଭାଲଚନ୍ଦ୍ର, ସିଦ୍ଧି ବିନାୟକ ପ୍ରଭୃତି ଅନେକ ନାମରେ ନାମିତ କରାଯାଇଛି।

ପ୍ରବାଦ ଅଛି ଏହି ଗଣେଶ ଚତୁର୍ଥୀ ଦିନ ଚନ୍ଦ୍ର ଦର୍ଶନ ବର୍ଜନୀୟ। ଏହିଦିନ ଶ୍ରୀକୃଷ୍ଣ ସୂର୍ଯ୍ୟକାନ୍ତ ମଣି ଚୋରୀ କରିଥିବାର ମିଛ ଅଭିଯୋଗ କରାଯାଇଥିଲା। ଦିନେ ଚନ୍ଦ୍ରମା ନିଜ ସୌନ୍ଦର୍ଯ୍ୟରେ ଅଭିମାନ କରି ଗଣେଶଙ୍କୁ ଉପହାସ କଲେ। ନିଜର ତିରସ୍କାର ସହି ନ ପାରି ଗଣେଶ ଅଭିଶାପ ଦେଲେ ଯେ ଆଜିଠୁ ତୁମ ଉପରେ କଳାର କଳଙ୍କ ପଡିବ ଏବଂ ଆଜି ଯିଏ ତୁମକୁ ଦେଖିବ ସେ ବି କଳଙ୍କର ଶିକାର ହେବ। ଚନ୍ଦ୍ରମା ନିଜ ଭୁଲ ବୁଝି ପାରି କ୍ଷମା ପ୍ରାର୍ଥନା କଲେ। ଗଣେଶ କହିଲେ ଆଗରୁ ତୁମେ ସୂର୍ଯ୍ୟଙ୍କର ପ୍ରକାଶରେ ଗୋଟିଏ ମାସରେ ଗୋଟିଏ ଥର ପୂର୍ଣ୍ଣତା ପ୍ରାପ୍ତି କରୁଥିଲ ମୋର ଏହି ଅଭିଶାପ ଫଳରେ କେବଳ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ପାଇଁ ଏହିଦିନ ତୁମର କମ୍ ଆଲୋକ ରହିବ। ଚତୁର୍ଥୀ ତିଥିର ସ୍ୱାମୀ କେବଳ ଗଣପତି ଅଟନ୍ତି ସେଦିନଠାରୁ ଚନ୍ଦ୍ର ଦର୍ଶନ ବର୍ଜନୀୟ ହୋଇଛି। ଆମ ଦେଶରେ ସମସ୍ତ ଧାର୍ମିକ କାମର ଆରମ୍ଭରେ ଗଣେଶଙ୍କ ପୂଜା କରାଯାଏ। ଗଣେଶ ବିଦ୍ୟାଦାତା, ବୁଦ୍ଧିଦାତା ସମଗ୍ର ବିଘ୍ନ ବିନାଶକାରୀ।

ବିଦ୍ୟାରମ୍ଭେ ବିବାହେ ଚ
ପ୍ରବେଶେ ନିର୍ଗମେ ତଥା
ସଂଗ୍ରାମେ ସଂକଟେ,
ଚୈବ ବିଘ୍ନସ୍ତସ୍ୟ ନଜାୟତେ

ଓଡିଶାର ସମସ୍ତ ତୀର୍ଥସ୍ଥଳୀର ମନ୍ଦିର ମାନଙ୍କରେ ଗଣେଶ ମୂର୍ତ୍ତି ଅଗ୍ରେ ପୂଜା ପାଉଛି। ଇତିହାସ କହେ କାଞ୍ଚିବିଜୟ କରି ଗଜପତି ପୁରୁଷୋତମ ଦେବ କାଞ୍ଚିରାଜାଙ୍କ ଇଷ୍ଟଦେବ ଗଣେଶ ମୂର୍ତ୍ତି ଅଣାଇ ଶ୍ରୀ ମନ୍ଦିରରେ ଅଧିଷ୍ଠିତ କରାଇଥିଲେ। ସାମାଜିକ ମୂଲ୍ୟବୋଧ ଅନୁସାରେ ଗଣେଶ ପୂଜା ଏକ ସାର୍ବଜନୀନ ପୂଜା। ହିନ୍ଦୁଙ୍କର ପଂଚଦେବତା ମଧ୍ୟରେ ଗଣେଶ, ରୁଦ୍ର, ଅମ୍ବିକା, ନାରାୟଣ, ସୂର୍ଯ୍ୟ ଚିର ବନ୍ଦନୀୟ। ଜ୍ୟେଷ୍ଠ ପୂର୍ଣ୍ଣମା ବା ସ୍ନାନ ପୂର୍ଣ୍ଣମାରେ ଶ୍ରୀ ଜୀଉଙ୍କର ଗଜବେଶ ବା ଗଣେଶ ବେଶ ହୁଏ। ଆମ ସଂସ୍କୃତିରେ ଗାଣପତ୍ୟମାନେ ଶ୍ରୀ ଜୀଉଙ୍କୁ ଗଣେଶ ରୂପରେ ଆରାଧନା କରନ୍ତି। ପରମ୍ପରା ଅନୁସାରେ ପୁରୀର ରାଘବଦାସ ମଠ ଓ ଗୋପାଳ ତୀର୍ଥ ମଠ ଶ୍ରୀ ଗଣେଶ ବେଶର ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଇଥାନ୍ତି। ମହାରାଷ୍ଟ୍ରର ମୁମ୍ବାଇ ସହର ଗଣେଶ ପୂଜା ପାଇଁ ପ୍ରସିଦ୍ଧ। ଏହି ପୂଜା ଭାଦ୍ରବ ଶୁକ୍ଳପକ୍ଷ ଚତୁର୍ଥୀ ଠାରୁ ଆରମ୍ଭ ହୋଇ ଚତୁର୍ଦ୍ଦଶୀ ଯାଏଁ ଚାଲେ ପୂର୍ଣ୍ଣମା ଦିନ ଠାକୁର ବିସର୍ଜନ ହୋଇ ପାଣିରେ ପଡନ୍ତି। ଓଡିଶାର ଯାଜପୁର ଜିଲ୍ଲାର ଧାନମଣ୍ଡଳ ଷ୍ଟେସନ ନିକଟବର୍ତୀ ମହାବୀଣା ମନ୍ଦିରର ଅଧିନାୟକ ହେଉଛନ୍ତି ମହାବିନାୟକ। ଚଣ୍ଡିଖୋଲ ନିକଟରେ ଅବସ୍ଥିତ ମହାବିନାୟକ ହେଉଛନ୍ତି ହିନ୍ଦୁ ପଂଚ ଦେବତାଙ୍କ ସାଙ୍କେତିକ ପୀଠ। ଜଗନ୍ନାଥ ତତ୍ତ୍ୱାଧିକାରୀଙ୍କ ମତରେ ଗାଣପତ୍ୟ, ଶାକ୍ତ, ଶୈବ, ବିଷ୍ଣୁ ଏବଂ ସୂର୍ଯ୍ୟଙ୍କ କ୍ଷେତ୍ର ରୂପେ କୋଣାର୍କ ପୁରୀ, ବିରଜା(ଯାଜପୁର), ଲିଙ୍ଗରାଜ (ଭୁବନେଶ୍ୱର) ପ୍ରସିଦ୍ଧ। ଗଣେଶ ବିଦ୍ୟା ବୁଦ୍ଧିର ଦେବତା ହୋଇଥିବାରୁ ବିଦ୍ୟାର୍ଥୀ ମାନଙ୍କର ଲେଖା ପଢ଼ା ଭଲ ହୁଏ।

ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ମାନଙ୍କରେ ଖୁବ୍ ଧୂମ୍‌ଧାମରେ ଏହି ପୂଜା ପାଳନ କରାଯାଏ। ଏହିଦିନ ପିଲାମାନେ ସକାଳୁ ଗାଧୋଇ ପାଧୋଇ ଫୁଲ ତୋଳି,ଗଣେଶ ମୂର୍ତି କିଣି, ରଙ୍ଗୀନ ବାନା କାଗଜରେ ସ୍କୁଲ ମାନଙ୍କୁ ସଜେଇଥାନ୍ତି। ସହର, ଗାଁରେ ଲୋକମାନେ ଚାନ୍ଦା ଆଦାୟ କରି ବଡ ବଡ ତୋରଣରେ ପୂଜା ମଣ୍ଡପ ମାନଙ୍କୁ ସଜେଇଥାନ୍ତି। ବଡ ବଡ ମେଢ଼ ମାନ ଜରି କାଗଜରେ ସଜା ଯାଇଥାଏ ପୂଜା ମଣ୍ଡପକୁ ବିଜୁଳି ଆଲୁଅରେ ଝଲସା ଯାଇଥାଏ। ଏହି ଦିନ ବିଦ୍ୟାର୍ଥୀ ମାନେ ନୂଆ ଲୁଗା ପିନ୍ଧି ଗଣେଶଙ୍କୁ ପୂଜା କରନ୍ତି। ଘଂଟ ଘଂଟା ଶଙ୍ଖ ବାଜେ। ଧୂପଦୀପର ସୁଗନ୍ଧରେ ବାତାବରଣ ମହକି ଉଠେ। (ଅବଶିଷ୍ଟାଂଶ - ପୃଷ୍ଠା-୭ରେ)

# ଆସନ୍ନ ଆଶଙ୍କାରେ ଆତଙ୍କିତ ବିଶ୍ୱ

ସୌମେନ୍ଦ୍ର ଜେନା

(ପୂର୍ବ ପ୍ରକାଶିତ ଉତ୍ତାରୁ)

୨୦୧୧ରେ ସିରିଆ ଅଶାନ୍ତି ବେଳେ ସଂଖ୍ୟାଧିକ ଶରଣାର୍ଥୀ ଇଉରୋପର ଅନେକ ଦେଶରେ ପ୍ରବେଶ କଲେ । ସେମାନଙ୍କ ମଧ୍ୟରେ ଆଇଏସ୍ ଗୋଷ୍ଠୀ ମଧ୍ୟ ରହିଥିଲେ, ଯେଉଁମାନେ ପରବର୍ତ୍ତୀ କାଳରେ ଭିନ୍ନ ଭିନ୍ନ ଦେଶରେ ଇସଲାମିକ ଜିହାଦର କାରଣ ହୋଇଛନ୍ତି । ଏବେ ଆଫଗାନିସ୍ଥାନରୁ ଅନେକ ଶରଣାର୍ଥୀ ଦେଶଛାଡି ଯିବାବେଳେ ସେମାନଙ୍କ ମଧ୍ୟରେ ଭିନ୍ନ ଭିନ୍ନ ଗୋଷ୍ଠୀର ସନ୍ତ୍ରାସବାଦୀ ଲୁଚିଛପି ଯିବା କିଛି ଅସମ୍ଭବ ନୁହେଁ । ଏହି ଶରଣାର୍ଥୀମାନେ ସାଧାରଣତଃ ଅଣଇସଲାମିକ ଓ ଗଣତାନ୍ତ୍ରିକ ଦୃଷ୍ଟିରୁ ସମୃଦ୍ଧ ରାଷ୍ଟ୍ରକୁ ଯିବା ପାଇଁ ପସନ୍ଦ କରୁଛନ୍ତି । ସେଠାରେ ମୁସଲିମ ଲୋକଙ୍କ ପ୍ରବେଶ ପରେ ସେମାନେ ଗଣତାନ୍ତ୍ରିକ ଢାଞ୍ଚାତଳେ ରହି ଇସଲାମିକ ଜିହାଦର ବନ୍ଧୁକ ମୁନରେ ସେଠାକାର ଶାସନ, ପ୍ରଶାସନ ଓ ଜନସାଧାରଣଙ୍କୁ ଭୟଭୀତ କରିବାକୁ ସୁଯୋଗ ପାଇବେ । ତାଲିବାନ କ୍ଷମତା ଦଖଲ ପରେ ଏବେ ଆଫଗାନ ଜେଲରେ ବନ୍ଦୀଥିବା ହଜାର ହଜାର ଆନ୍ତର୍ଜାତିକ ସନ୍ତ୍ରାସବାଦୀଙ୍କୁ ମୁକ୍ତ କରାଯାଉଛି । ସେମାନେ ନିଜ ନିଜର ଦେଶକୁ ଫେରି ଇସଲାମିକ ସନ୍ତ୍ରାସ ପାଇଁ ସକ୍ରୀୟ ଭାବେ କାର୍ଯ୍ୟ କରିବାକୁ ଚେଷ୍ଟା କରିବେ । ଉଦାହରଣ ସ୍ୱରୂପ ଭାରତର ଦକ୍ଷିଣାଞ୍ଚଳର କେରଳ, ତେଲେଙ୍ଗାନା, କର୍ଣ୍ଣାଟକ ଆଦି ରାଜ୍ୟରୁ ଅନେକ ଯୁବକ ଯୁବତୀ ଆଫଗାନିସ୍ଥାନର ଜେଲରେ ବନ୍ଦୀ ରହିଥିଲେ । ସେମାନଙ୍କ ମଧ୍ୟରୁ କେତେକ ମୁକ୍ତ ହୋଇ ଭାରତ ଫେରିବା ପରେ ଏଠାରେ ଆଇଏସ ପାଇଁ କାର୍ଯ୍ୟ କରିବାର ସମ୍ଭାବନା ରହିଛି । ଯେଉଁଥିପାଇଁ ଭାରତ ସରକାର ଅଧିକ ଚିନ୍ତିତ ରହିଛନ୍ତି । ତାଲିବାନ, ଆଇଏସ୍‌ଆଇଏଲ, ଅଲ-କାୟଦାର ବନ୍ଦୀ ସନ୍ତ୍ରାସବାଦୀ ଏବେ ମୁକ୍ତ ହେଲାପରେ ଆଫଗାନିସ୍ଥାନର ପଡୋଶୀ କେନ୍ଦ୍ର ଏସିଆର ରାଷ୍ଟ୍ରସମୂହ ସମେତ ଚୀନ, ପାକିସ୍ଥାନ, ଭାରତ, ଇରାନ, ଇରାକ, ସିରିଆ, ୟେମେନ, ଲେବାନନ, ପାଲେଷ୍ଟାଇନ, ବଙ୍ଗଳାଦେଶ, ଆଫ୍ରିକାର ଅନେକ ରାଷ୍ଟ୍ର, ଇଉରୋପ ଏବଂ ଆମେରିକାରେ ସନ୍ତ୍ରାସୀ କାର୍ଯ୍ୟ ବୃଦ୍ଧି କରିବେ ନିଶ୍ଚୟ । ଯାହାକୁ ନେଇ ଆଗାମୀ ଦିନରେ ଆମେରିକା ବଡ ଆକ୍ରମଣର ସମ୍ମୁଖୀନ ହେବାର ଆଶଙ୍କା ରହିଥିବା ବିଷୟ ସେଠାକାର ସୁରକ୍ଷା ବିଶେଷଜ୍ଞମାନେ କହିଲେଣି । ତାଲିବାନ କ୍ଷମତା ଦଖଲ କରିବା ପରେ ବିଶ୍ୱବ୍ୟାପି ଇସଲାମିକ ସନ୍ତ୍ରାସ ସପକ୍ଷରେ ଯୁକ୍ତି ଦର୍ଶାଇବା ସହ ସମର୍ଥନ ମଧ୍ୟ ଦେବ । କାଶ୍ମୀର ମାମଲାକୁ ନେଇ ତାଲିବାନ ନେତାଙ୍କ ମନ୍ତବ୍ୟ ଏହାର ସ୍ପଷ୍ଟ ପ୍ରମାଣ । ତେଣୁ ଆଗାମୀ ଦିନରେ ପୃଥିବୀର ଭିନ୍ନ ଭିନ୍ନ ଦେଶରେ ଯଦି ଇସଲାମିକ ସନ୍ତ୍ରାସ ଦେଖାଯାଏ ତେବେ ସେଥିରେ ଅଧିକ ବିସ୍ମିତ ହେବାର ନୁହେଁ, ଏହା ସ୍ୱାଭାବିକ । ଆମେରିକା ତାଲିବାନର କବଜାରୁ ନିଜକୁ ବାହାର କରିବାକୁ ଏବେ ଯେପରି ସବୁ ଭୁଲ କରି ଚାଲିଛି, ଅସ୍ତ୍ରଶସ୍ତ୍ର ଛାଡିଦେଇ ଆଫଗାନିସ୍ଥାନରେ ଚାଲିଆସିଛି । ତାର ପରିଣାମ ବିଶ୍ୱବାସୀ ଦେଖିବାକୁ ପାଇବେ ।

ତେଣୁ ଏହି ସମସ୍ୟାର ସମାଧାନ ପାଇଁ ବିଶ୍ୱର ଭିନ୍ନ ଭିନ୍ନ ରାଷ୍ଟ୍ରଗୁଡିକ ମଧ୍ୟରେ ସହଯୋଗ ଏକାନ୍ତ କାମ୍ୟ । ସନ୍ତ୍ରାସର ତଥ୍ୟ ଦେଣନେଣ, ପାରସ୍ପରିକ ସାହାଯ୍ୟ, ମିଳିତ କାର୍ଯ୍ୟାନୁଷ୍ଠାନ, ଜନତାଙ୍କ ମଧ୍ୟରେ ବ୍ୟାପକ ସଚେତନତା, ସୁରକ୍ଷାକର୍ମୀଙ୍କୁ ପ୍ରଶିକ୍ଷଣ, ଗୁଇନ୍ଦା ଅଧିକାରୀଙ୍କ ସକ୍ରୀୟତା, ସୁରକ୍ଷାଗତ ଆଧୁନିକୀକରଣ, ଦର୍ଶକର ଆସନରେ ନବସି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ, ସନ୍ତ୍ରାସକୁ ସମର୍ଥନ ଦେଉଥିବା ରାଷ୍ଟ୍ରଗୁଡିକ ବିରୋଧରେ ଆର୍ଥିକ କଟକଣା ଲାଗୁ କରିବା ଆବଶ୍ୟକ । ଯାହା ଫଳରେ ସେମାନେ କ୍ଷତିଗ୍ରସ୍ତ ହେବାର ଭୟ ରହିବ । ଧାର୍ମିକ ମୌଳବାଦକୁ ଏକ ଦର୍ଶନ ଭାବେ ଗ୍ରହଣ କରିବା ପାଇଁ ଯେଉଁ ପାଗଳାମୀ ପ୍ରକାଶ ପାଉଛି ତା ଉପରେ କଟକଣା ଲଗାଯିବା ଆବଶ୍ୟକ । ବିଶ୍ୱରୁ ଗଣତନ୍ତ୍ରକୁ ହଟାଇବା ପାଇଁ ସାମ୍ୟବାଦ, ଇସଲାମିକ ମୌଳବାଦ ଓ ଏକଛତ୍ରବାଦୀ ନେତୃତ୍ୱ ଏବେ ସାମିଲ ହୋଇଛନ୍ତି । ଏହି ଗୋଷ୍ଠୀରେ ଥିବା ରାଷ୍ଟ୍ରଗୁଡିକ ସହ ବାଣିଜ୍ୟିକ କଟକଣା ରହିଲେ ଅନ୍ୟାନ୍ୟ ଛୋଟ ରାଷ୍ଟ୍ରଗୁଡିକୁ ଏମାନେ ଚାପ ପ୍ରୟୋଗ କରି ନିଜ ଗୋଷ୍ଠୀରେ ସାମିଲ କରିପାରିବେ ନାହିଁ । ବିଶ୍ୱର ନେତୃବୃନ୍ଦ ଏବେଠାରୁ ଏଥିପ୍ରତି ସତର୍କ ରହି ସକ୍ରୀୟତାର ସହ କାର୍ଯ୍ୟକଲେ ଆଗାମୀ ଦିନରେ ଆଶଙ୍କା ଅନେକ ପରିମାଣରେ ହ୍ରାସ ପାଇପାରନ୍ତା । ସନ୍ତ୍ରାସର ଆର୍ଥିକ ସ୍ରୋତଗୁଡିକୁ ବନ୍ଦ କରାଯିବାକୁ ସାମୂହିକ ପ୍ରୟାସ ହେଲେ ବିଶ୍ୱ ବାସୀଙ୍କ ମଙ୍ଗଳ ହୋଇପାରନ୍ତା । ଆଗାମୀ କାଲିର ବିଶ୍ୱ ଯେପରି ଆତଙ୍କମୁକ୍ତ ଓ ସୁରକ୍ଷିତ ସମୃଦ୍ଧଶାଳୀ ହେବ ସେଥିପାଇଁ ଏବେଠୁ ବିଶ୍ୱସ୍ତରରେ ଉଦ୍ୟମ ଆରମ୍ଭ ହେବା ଉଚିତ୍ । (ସମାପ୍ତ)


+ ଭାରତୀୟ ସମ୍ବାଦ ସେବା(ଭାସ୍)
ଭୁବନେଶ୍ୱର-୭୫୧୦୦୩







## ଘେନା କର ମୋର ଅଳି

ସୁଧାକର ରାଉତ

ପ୍ରଭୁ ଗଜାନନ ଗିରିଜା ନନ୍ଦନ
ଘେନି ପ୍ରଣତି ମୋହର
ଆହେ ଲମ୍ବୋଦର ପ୍ରଭୁ ଶ୍ରୀଗଣେଶ
ସର୍ବ ବିଘ୍ନ ଦୂର କର ।

ଜ୍ଞାନ ବୁଦ୍ଧି ଦାତା ସିଦ୍ଧି ପ୍ରଦାୟକ
ବକ୍ରତୁଣ୍ଡ ମହାକାୟ
ସର୍ବ ଦେବତାଙ୍କ ଅଗ୍ରେ ପାଅ ପୂଜା
ଦୂରକର ସବୁ ଭୟ ।

ମୂଷିକ ବାହନ ହେ ଗଜ ବଦନ
ତୁମେ ଦୟାର ସାଗର
ତୁମ ଆଗମନେ ହରଷିତ ମନେ
ଚାହିଁଛି ସାରା ସଂସାର

ମହା ବିନାୟକ ହେ ଗଣ ନାୟକ
ତୁମ ଶୁଭ ଦୃଷ୍ଟି ବଳେ
ଅଜ୍ଞାନ ଅନ୍ଧାର ଦୂରୀଭୂତ ହୋଇ
ଜ୍ଞାନର ଆଲୋକ ଖେଳେ ।

ତୁମ ଆଶିଷରୁ ବିଦ୍ୟା ମହାଧନ
ସହଜେ ଲାଭ ହୁଅଇ
ମହାଜ୍ଞାନୀ ବୋଲି ସାରା ସଂସାରରେ
ପ୍ରଶଂସା ସିଏ ଲଭଇ ।

ଆମେ କୋମଳ ମତି ନାହିଁ ଭାବ ଭକ୍ତି
ବାରେ କୃପା ବାରି ଢ଼ାଳି
ଭଲ ମଣିଷଟେ କର ଗଜାନନ
ଏତିକି କରୁଛୁ ଅଳି ।


+ ପ୍ରତାପ ନଗରୀ, କଟକ
(ମୋ) ୮୨୪୯୯୩୨୭୯୨






## ଅଗ୍ର ପୂଜ୍ୟ ଗଣେଶ

ଝରଣା ବାରିକ

ଜାଣି ନାହିଁ ପୂଜା ର୍ଚ୍ଚନା
ନାହିଁ ମୋର ଭକ୍ତି
ମାଗୁ ନାହିଁ ଧନ ରତ୍ନ
ମାଗୁ ନାହିଁ ଶକ୍ତି

ସକଳ ଶକ୍ତି ଆଧାର
ତୁମେ ଗଜାନନ
ଜ୍ଞାନ ଦାତା ବୁଦ୍ଧି ଦାତା
ଦିଅ ଦିବ୍ୟଜ୍ଞାନ।

ବକ୍ର ତୁଣ୍ଡ ମହା କାୟ
ପାର୍ବତୀ ନନ୍ଦନ
ଅଗ୍ର ପୂଜ୍ୟ ଦେବ ତୁମେ
ମୂଷିକ ବାହନ।

ତୁମ ଆରାଧନା କଲେ
ମିଳଇ ସୁଫଳ,
ଅଜ୍ଞାନକୁ ଜ୍ଞାନ ଦିଅ
ନ ହୁଏ ବିଫଳ।

ଏତିକି କରୁଣା କର
ଆହେ ଗଣପତି,
ଅନ୍ଧାର ଦୂରେଇ ଯାଇ
ପାହୁ ନୂଆ ରାତି।

ଅଜ୍ଞାନକୁ ଢାଳି ଦିଅ
କରୁଣାର ବାରି,
ଏ ଭବ ସଂସାରୁ ପ୍ରଭୁ
କରିଦିଅ ପାରି।


+ ସମଲ, ତାଳଚେର, ଅନୁଗୋଳ


## ଶ୍ରୀ ଗଣେଶ

ତୁଷାରକାନ୍ତ ମିଶ୍ର



ହିନ୍ଦୁ ସମାଜରେ ବହୁ ଆଡ଼ମ୍ବରେ
ହୁଏ ଶ୍ରୀଗଣେଶ ପୂଜା
ବିଦ୍ୟାଳୟ, ପୁର, ପଲ୍ଲୀ ସହରରେ
ଆନନ୍ଦେ କରନ୍ତି ମଜା ।
ଅଗ୍ରପୂଜ୍ୟ ଦେବ ପିତା ମହାଦେବ
ମାତା ପାର୍ବତୀଙ୍କ ସୂତ
ମାତାଙ୍କ ଆଦେଶେ ରହି ଦ୍ୱାର ଦେଶେ
ପାଳୁଥିଲେ ନିଜ ବ୍ରତ ।
କାହାରିକୁ ଦ୍ୱାରେ ନଛାଡିବେ ପୁରେ
ଥିଲା ମାତାଙ୍କ ଆଦେଶ
ସେହି ଆଦେଶରେ ପରି ପାଳନରେ
ନ କରାଇଲେ ପ୍ରବେଶ ।
ପାର୍ବତୀଙ୍କ ତପ ସାଧନରେ କୋପ
ପ୍ରକାଶିଲେ ମହାଦେବ
ନନ୍ଦି ଓ ଭୃଙ୍ଗି କୁ ପ୍ରେରଣ ସେଠାକୁ
ଦୁହେଁ ହେଲେ ଆବିର୍ଭାବ ।
ନଛାଡିଲେ ଦ୍ୱାର ପାର୍ବତୀ କୁମର
ହୋଇଲା ଘୋର ଲଢେଇ
ଯୁଦ୍ଧେ ଯୋଦ୍ଧା ଦୁଇ ମୂର୍ଚ୍ଛା ହୋଇଯାଇ
ଶିବ ପ୍ରବେଶିଲେ ଯାଇ ।
ଦେଖିଲେ ଈଶ୍ୱର କୋପେ ଥରହର
ଜାଣି ବାଳକର କ୍ରୋଧ
ସହି ନପାରିଲେ ଯୁଦ୍ଧ ସେ କରିଲେ
ଶେଷେ କଲେ ଶିର ଛେଦ ।
ଏ ସମୟେ ମାତା ସନ୍ତାନ ଅବସ୍ଥା
ଦେଖି ହେଲେ ମର୍ମାହତ
ପରିଚୟ ଦେଲେ ବାହୁନି କାନ୍ଦିଲେ
ଶିବ ହେଲେ ସ୍ତମ୍ଭିଭୂତ ।
ଆଦେଶିଲେ ଶିବ କରି ଅନୁଭବ
ଜୀବନ ଦେବେ ପିଲାକୁ
ବିଡମ୍ବନା ହେଲା ଶିର ନ ମିଳିଲା
କ'ଣ କହିବେ କାହାକୁ ?
ଚିନ୍ତା କରି କରି ଦେଲେ ସେ ଉଚ୍ଚାରି
ଯାଅ ଆଣ ଏକ ଶିର
ଯେଉଁ ଶିଶୁ ସୁପ୍ତ ହୋଇଯିବ ପ୍ରାପ୍ତ
ମସ୍ତକ ଥିବ ଉ ର ।
ନ ପାଇଲେ କେହି ଖୋଜି ମନଦେଇ
ଏମିତିକା ସ ଥାଇ
ପରିଶେଷେ ଏକ ହସ୍ତି ର ଶାବକ
ସ ଅନୁଯାୟୀ ଶୋଇ ।
ମସ୍ତକ ତାହାର କାଟି ଅନୁଚର
ଆଣିଲେ ଶିବଙ୍କ ପାଶ
ମସ୍ତକ ଖଞ୍ଜିଲେ ସର୍ବେ ତୋଷ ହେଲେ
ନ ରହିଲା ଅବଶୋଷ ।
ଗଜାନନଙ୍କର ମହିମା ଅପାର
ହୋଇଲେ ସେ ଜ୍ଞାନଦାତା
ଦେବତା ପୂଜନେ ହେଲେ ଅଗ୍ର ଗଣ୍ୟେ
ଆମ ଆରାଧ ଦେବତା ।।


+ ଗ୍ରାମ/ପୋ - କୃଷ୍ଣ ଚନ୍ଦ୍ର ପୁର
ଭାୟା- ବାଲିମୀ, ଜିଲ୍ଲା - ଢେଙ୍କାନାଳ
(ମୋ)୮୯୧୭୪୦୩୧୧୩


## ସିଦ୍ଧି ବିନାୟକ

ରାମ ଚନ୍ଦ୍ର ପ୍ରଧାନ

ଦିଅ ଶୁଭବୁଦ୍ଧି ଦିଅ ଦିବ୍ୟଜ୍ଞାନ
ଆହେ ସିଦ୍ଧି ବିନାୟକ
ସଞ୍ଜ ଆଳତୀରେ ପ୍ରାର୍ଥନା ସଭାରେ
ତୁମେ ହିଁ ପ୍ରଥମ ଶ୍ଳୋକ ।
ସକଳ ପୂଜାର ତୁମେ ଆଦ୍ୟ ଧୂପ
ବକ୍ରତୁଣ୍ଡ ମହାକାୟ
ହେ ସୃଷ୍ଟି ରକ୍ଷକ ଜୀବନ ନାବିକ
ତୁମେ ଥିଲେ ସବୁ ଜୟ ।
ଅନ୍ଧାର ପଥର ତୁମେ ହିଁ ଆଲୋକ
ବିଦ୍ୟାପତି ଦୟାବନ୍ତ
ଦେବାଶ୍ରୀ ଗଣେଶ ବାବାଶ୍ରୀ ଗଣେଶ
ଆହେ ପ୍ରଭୁ ଏକଦନ୍ତ ।
ହେ ଗୌରୀ ନନ୍ଦନ ବିଘ୍ନ ବିନାଶନ
ଗୁଣନିଧି ଗଜାନନ
କାର୍ତିକେୟ ଭ୍ରାତା ପ୍ରଭୁଶ୍ରୀ ଗଣେଶ
ଜ୍ଞାନଦାତା ଭଗବାନ ।
ସକଳ ଶକ୍ତିର ତୁମେ ହିଁ ଆଧାର
କୋଟିସୂର୍ଯ୍ୟ ତୁମ ଜ୍ୟୋତି
ତୁମେ ମହାରଥୀ ଆହେ ଗଜପତି
ତୁମ ବିନୁ ନାହିଁ ଗତି ।
ଅବତରି ଆସ ତୁମେ ଏ ଧରାକୁ
ସାଜି ବିଘ୍ନ ବିନାଶକ
ବୁଣ ପୁଣ୍ୟ ବୀଜ ଏ ଭବ ସଂସାରେ
ପ୍ରଭୁ ସିଦ୍ଧି ବିନାୟକ ।


+ ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
(ମୋ)୯୮୬୧୬୩୮୭୩୬

# ନିଆରା ବେଶରେ ନେହା-ଆୟଶା



ବିକିନି ଓ ମୋନୋକିନୀ ପରିହିତ ହେଇ ସୋସିଆଲ୍ ମିଡିଆରେ ଅଭିନେତ୍ରୀ ଭଗିନୀ ନେହା ଶର୍ମା ଓ ଆୟଶା ଶର୍ମା ନିଆରା ବେଶରେ ନିଜକୁ ଉପସ୍ଥାପିତ କରିଛନ୍ତି। ଦୁଇ ଭଉଣୀ ଏକାଠି ଏକ ଫାସନେବଲ୍ ଗେଟଅପରେ କାହିଁକି ହଠାତ୍ ସର୍ବସାଧାରଣଙ୍କ ନଜରକୁ ଆସିଲେ, ଏହାର ରହସ୍ୟ କିଛି ବୁଝି ହେଉନାହିଁ। ଏଥିପାଇଁ ଉଭୟ ଦର୍ଶକଙ୍କ ଦୃଷ୍ଟିଆକର୍ଷଣ କରିଛନ୍ତି ଯେ ଦୁହେଁ ବିଲକୁଲ ହଟ୍ ଦିଶୁଛନ୍ତି। ନେହା ଓ ଆୟଶା ଏକାବେଳେ ନିଜ ନିଜର ଫଟୋସୁଟ୍ କରିଛନ୍ତି। ଯେଉଁ ଫଟୋ ଦେଖିବା ଲୋକଙ୍କୁ ଖୁବ୍ କ୍ରେଜି କରିଛି। ନେହା ଏକ ସଲ୍‌ଟ୍ରି ବ୍ଲାକ୍ ରଙ୍ଗର ବିକିନି ପିନ୍ଧିଥିବା ବେଳେ ମଥାରେ ଥିବା ଲମ୍ୱା କେଶକୁ କାଟି ଛୋଟ କରିଦେଇଛନ୍ତି। ଏପାଖେ ଆୟଶା ବି ଭଉଣୀ ନେହାଙ୍କ ସହ ଟକ୍କର ଦେଇଛନ୍ତି। ଏକ କଳାରଙ୍ଗର ବଡିସୁଟ୍ ପିନ୍ଧି ପ୍ଲଙ୍ଗିଙ୍ଗ୍ ନେକଲିନ୍ ପିନ୍ଧି ପୂରାପୂରି ହଟ୍ ଦିଶୁଛନ୍ତି। ଆୟଶା ନିଜ କେଶକୁ ଖୋଲି ସୁନ୍ଦର ଭାବେ ସଜେଇ ହେଇଛନ୍ତି। ଦୁଇ ଭଉଣୀଙ୍କ ବେଶ ଆବେଶ ଏମିତି ହେଇଛି ଯେ ଯିଏ ଦେଖିବ ଚକିତ ହେଇଯିବ। ତେଲୁଗୁ ମୁଭି 'ଚିରୁଥା'ରୁ ଚଳଚ୍ଚିତ୍ର ଜଗତରେ ପାଦ ଦେଇଥିବା ନେହା ଶର୍ମା 'କ୍ୟା ସୁପର କୁଲ୍ ହେ ହମ୍', 'ୟାମଲା ପଗଲା ଦିୱାନା-୨', 'ୟଙ୍ଗିସ୍ତାନ', 'ତୁମ୍ ବିନ୍-୨', 'ମୁବାରକ', 'ତନ୍‌ହାଜୀ' ଆଦି ଚଳଚ୍ଚିତ୍ରରେ ଅଭିନୟ କରିବା ପରେ ଏବେ ନୂଆ ସିନେମା 'ଯୋଗିରା ସାରା ରା ରା'ର ସୁଟିଂରେ ବ୍ୟସ୍ତ ଅଛନ୍ତି। 'ବାବା କୀ ଚେକି'ରେ ଅଭିନୟ କରିଥିବା ଆୟଶା ୨୦୧୮ରେ ମୁକ୍ତିଲାଭ କରିଥିବା ତାଙ୍କ ଅଭିନୀତ ଫିଲ୍ମ 'ସତ୍ୟମେବ ଜୟତେ'କୁ ନେଇ ଏବେ ବି କ୍ରେଜି ଅଛନ୍ତି।

# କାଠଗଡ଼ାରେ ହନି-ଶାଲିନୀ: ୨୦ କୋଟି ଦାବି କଲେ ଶାଲିନୀ

ବଲିଉଡ୍‌ର ଚର୍ଚ୍ଚିତ କଣ୍ଠଶିଳ୍ପୀ ତଥା ରାପର ୟୋ ୟୋ ହନି ସିଂହ ଓ ତାଙ୍କ ସହଧର୍ମିଣୀ ଶାଲିନୀ ତଓ୍ୱାରଙ୍କ ମଧ୍ୟରେ କିଛି ଦିନ ହେବ କଳିତକରାଳ ଲାଗି ରହିଛି। ଉଭୟଙ୍କ ଭିତରେ ହେଇଥିବା ଅବୁଝାମଣା ପରିସ୍ଥିତି ଶେଷରେ କୋର୍ଟରେ ପହଞ୍ଚିଛି। ଗତ ଶୁକ୍ରବାର ହନି ସିଂହଙ୍କୁ ଡକରା ଆସିବା ପରେ ସେ ନୂଆଦିଲ୍ଲୀର ତିସ ହଜାରି କୋର୍ଟରେ ଉପସ୍ଥିତ ହେଇଥିଲେ। ହନିଙ୍କ ବିରୋଧରେ ପତ୍ନୀ ଶାଲିନୀ ଘରୋଇ ହିଂସା, ଯୌନ ହିଂସା, ମାନସିକ ନିର୍ଯାତନା; ଏମିତି ଅନେକ ପ୍ରକାର ଅଭିଯୋଗ କରି ଗତ ଅଗଷ୍ଟ ୩ ତାରିଖରେ ଥାନାରେ ମାମଲା ରୁଜୁ କରିଥିଲେ। ଖାଲି ମାମଲା ନୁହେଁ, ସେ ହନିଙ୍କୁ ଛାଡ଼ପତ୍ର ଦେବା ସହ ଭରଣପୋଷଣ ବାବଦକୁ ତାଙ୍କୁ ୨୦ କୋଟି ଟଙ୍କା ଦେବାକୁ ଦାବି କରିଛନ୍ତି। ରିପୋର୍ଟ ଅନୁସାରେ, ହନି ନିଜ ପିତାମାତାଙ୍କ ସହିତ କୋର୍ଟରେ ହାଜର ହୋଇଥିଲେ। କୋର୍ଟ ରାୟ ଦେଇଛନ୍ତି ଯେ ଶାଲିନୀ ଉଭୟ ପକ୍ଷର ଓକିଲଙ୍କ ଉପସ୍ଥିତିରେ ତାଙ୍କ ସ୍ୱାମୀଙ୍କ ଘରେ ଥିବା ନିଜର ସମସ୍ତ ଆସବାବପତ୍ର ଓ ଆବଶ୍ୟକ ଉପକରଣ ନେଇଆସିବେ। ତେବେ ଶାଲିନୀ ଦାବି କରିଥିବା ଭରଣପୋଷଣ ବାବଦକୁ ଅର୍ଥରାଶିର ଫଇସଲା ପରବର୍ତ୍ତୀ ଶୁଣାଣିରେ କରାଯିବ।

# ନରମିଲା କଙ୍ଗନାଙ୍କ ସ୍ୱର



ବଦଳିଲା ବଲିଉଡର ପଙ୍ଗା କୁଇନ୍ କଙ୍ଗନାଙ୍କ ମିଜାଜ। ସର୍ବଦା ରୋକଠୋକ କହୁଥିବା ଓ ରୁବାବ ଦେଖାଉଥିବା କଙ୍ଗନା ହଠାତ୍ ପଡି ଯାଇଛନ୍ତି ଶାନ୍ତ। ନରମି ଯାଇଛି ତାଙ୍କ ସ୍ୱର। ଫିଲ୍ମ ରିଲିଜ ପୂର୍ବାରୁ ବଦଳି ଯାଇଛି ତାଙ୍କ ମୁଡ୍। ଅପ୍‌କମିଂ ଫିଲ୍ମ 'ଥଲାଇଭି' ପାଇଁ ଆଗ୍ରି ଉମେନ୍‌ରୁ କଙ୍ଗନା ପାଲଟିଗଲେ ସୁଇଟ୍ ଗାର୍ଲ। ଶୁକ୍ରବାର ରିଲିଜ ହେବ ଫିଲ୍ମ 'ଥଲାଇଭି'। ଯେଉଁ ସବୁ ସ୍ଥାନରେ ସିନେମାଘର ଖୋଲିଛି ସେହି ସ୍ଥାନରେ ଏହି ଫିଲ୍ମଟି ପରଦାକୁ ଆସିବ। କରୋନା ଯୋଗୁଁ ଏବେବି ମହାରାଷ୍ଟ୍ରରେ ଫିଲ୍ମ ହଲ ସବୁ ବନ୍ଦ ପଡିଛି। ଏଭଳି ସ୍ଥିତିରେ ସର୍ବଦା ମହାରାଷ୍ଟ୍ର ସରକାରଙ୍କୁ ଟାର୍ଗେଟ କରୁଥିବା କଙ୍ଗନା ତାଙ୍କୁ ନରମ ସ୍ୱରରେ ଅପିଲ କରିଛନ୍ତି। ମହାରାଷ୍ଟ୍ରରେ ସିନେମା ଘର ଖୋଲିବା ପାଇଁ ଅନୁମତି ଦେବାକୁ ସେ ଅନୁରୋଧ କରିଛନ୍ତି। ନିଜ ଇନ୍‌ଷ୍ଟାଗ୍ରାମ ଷ୍ଟୋରିରେ କଙ୍ଗନା କହିଛନ୍ତି, 'ମହାରାଷ୍ଟ୍ରରେ ଏବେ କରୋନା ମାମଲା ପ୍ରାୟତଃ କମିଛି। ତେଣୁ ମହାରାଷ୍ଟ୍ର ସରକାରଙ୍କୁ ମୁଁ ଅପିଲ କରୁଛି ଯେ, ଏଠି ସିନେମା ହଲ୍ ସବୁ ଖୋଲି ଦିଆଯାଉ। ଲୋପ ପାଇବାକୁ ବସିଥିବା ଫିଲ୍ମ ଇଣ୍ଡଷ୍ଟ୍ରି ଏବଂ ଥିଏଟର ବିଜେନେସ୍‌କୁ ରକ୍ଷା କରନ୍ତୁ।' ତାମିଲନାଡୁର ଦିବଙ୍ଗତ ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ଜୀବନୀ ଉପରେ ତିଆରି ଫିଲ୍ମ 'ଥଲାଇଭି'। ଏଥିରେ କଙ୍ଗନାଙ୍କୁ ଜୟଲଳିତା ଭୂମିକାରେ ଦେଖିବାକୁ ମିଳିବ। ଏଏଲ୍ ବିଜୟ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମଟି ହିନ୍ଦୀ ବ୍ୟତୀତ ତାମିଲ, ମଲୟାଲମ, ତେଲୁଗୁ, କନ୍ନଡ ଆଦି ଭାଷାରେ ରିଲିଜ ହେବ।

# ବାଦ ପଡ଼ିଲା ଆଲିଆ ଓ ଶାନ୍ତନୁଙ୍କ ଅନ୍ତରଙ୍ଗ ଦୃଶ୍ୟ



ସଞ୍ଜୟ ଲୀଳା ଭଁସାଲୀଙ୍କ ନିର୍ଦ୍ଦେଶିତ ନୂଆ ଚଳଚ୍ଚିତ୍ର 'ଗଙ୍ଗୁବାଇ କାଠିଆୱାଡ଼ି'ରେ ନାୟକ ଓ ନାୟିକାଙ୍କ ମଧ୍ୟରେ କିଛି ଅନ୍ତରଙ୍ଗ ଦୃଶ୍ୟ ଦେଖିବାକୁ ମିଳିଥାନ୍ତା। ଚଳଚ୍ଚିତ୍ରର ଚିତ୍ରନାଟ୍ୟରେ କାହାଣୀର ମୁଖ୍ୟଚରିତ୍ର ତଥା ନାୟିକା ଗଙ୍ଗା ହାରଜିବନ୍ଦାସଙ୍କ ସହ ତାଙ୍କର ପ୍ରେମିକ ରାମଣିକ୍ ଲାଲ୍‌ଙ୍କର ଅନ୍ତରଙ୍ଗ ଦୃଶ୍ୟ ରଖାଯାଇଥିଲା। ସୂଚନା ଅନୁସାରେ, ମହିଳା ଗ୍ୟାଙ୍ଗଷ୍ଟର୍ ଗଙ୍ଗୁବାଈ କାଠିଆୱାଡ଼ି ଓରଫ୍ ଗଙ୍ଗା ଜଣେ ସୁନ୍ଦରୀ ଯୁବତୀ ଥିଲା। ଗଙ୍ଗା ସହ ରାମଣିକଙ୍କର ସଚ୍ଚା ପ୍ରେମ ସମ୍ପର୍କ ଥିଲା। ଗଙ୍ଗା ଓ ରାମଣିକ୍‌ଙ୍କ ପ୍ରେମକୁ ଆଉ ଟିକେ ସତେଜ କରିବାକୁ ଯାଇ ନିର୍ଦ୍ଦେଶକ ଭଁସାଲୀ ଉଭୟଙ୍କ ପ୍ରେମପ୍ରଣୟର ଦୃଶ୍ୟକୁ ଅଧିକ ଅନ୍ତରଙ୍ଗ କରିବାକୁ ଚାହୁଁଥିଲେ। ଏହି ଦୁଇ ଚରିତ୍ରରେ ଆଲିଆ ଭଟ୍ଟ ଓ ଶାନ୍ତନୁ ମାହେଶ୍ୱରୀ ଅଭିନୟ କରୁଛନ୍ତି। ହେଲେ କୋଭିଡ୍ -୧୯ର ସଂକ୍ରମଣ ଏବଂ ଏଥିପାଇଁ ଲାଗୁ ହୋଇଥିବା କଟକଣାକୁ ଆଖି ଆଗରେ ରଖି ଭଁସାଲୀ ଏଇ ଅନ୍ତରଙ୍ଗ ଦୃଶ୍ୟକୁ ଏଥିରୁ ବାଦ କରିଛନ୍ତି। ସଞ୍ଜୟ କହିଛନ୍ତି, ମହାମାରୀ ପରିସ୍ଥିତିରେ ଏଭଳି ଦୃଶ୍ୟର ସୁଟିଂ କରିବା ଏବଂ ଦର୍ଶକଙ୍କୁ ଦେଖାଇବା ସମୀଚିନ ହେବ ବୋଲି ଆମେ ଭାବୁ ନାହୁଁ। ସାରା ଦେଶରେ ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହେଇଥିବା ବେଳେ ସିନେମାରେ ଏଭଳି ଶାରିରୀକ ଅନ୍ତରଙ୍ଗତା ଦର୍ଶକାଦୃତ ହେବନାହିଁ ବୋଲି ଆମେ ସନ୍ଦେହ କରୁଛୁ। ବରଂ ସେଇ ଅନ୍ତରଙ୍ଗ ଦୃଶ୍ୟ ଜାଗାରେ ଆମେ କିଛି ଭାବପ୍ରବଣତା ଭରା ଦୃଶ୍ୟର ଅବତାରଣା କଲେ ତାହା ଦର୍ଶକଙ୍କୁ ପ୍ରଭାବିତ କରିବ ବୋଲି ସଞ୍ଜୟ କହିଛନ୍ତି।

# 'ବଚପନ୍ କା ପ୍ୟାର' ପରେ ସହଦେବଙ୍କ ଆଉଏକ ଗୀତ ଭାଇରାଲ୍

'ବଚପନ୍ କା ପ୍ୟାର' ଭାଇରାଲ୍ ଗୀତ ଜରିଆରେ ଲୋକପ୍ରିୟତା ହାସଲ କରିଥିବା ଛତିଶଗଡ଼ର ସହଦେବ ଦିର୍ଦୋଙ୍କର ଆଉ ଏକ ଗୀତ ଭାଇରାଲ୍ ହେଉଛି। ସେ 'ମନୀ ହିଷ୍ଟ'ର ଆଇକନିକ୍ ଗୀତ 'Bella Ciao' ଗୀତ ଗାଇଛନ୍ତି। ଏହି ଭିଡିଓ ଫ୍ୟାନଙ୍କୁ ଖୁବ୍ ପସନ୍ଦ ଆସୁଛି ଏବଂ ଏହା ସୋଶାଲ ମିଡିଆରେ ଖୁବ୍ ଭାଇରାଲ୍ ହେଉଛି।

'ମନି ହିଷ୍ଟ'ର ଆଇକନିକ୍ ଗୀତ 'Bella




Ciao' ଏବେ ଚାରିଆଡ଼େ ଧୁମ୍ ମଚାଇଛି। ଓ୍ୱେବ ସିରିଜକୁ ନେଇ ଚାଲିଥିବା କ୍ରେଜ୍ ଭିତରେ କିଛି ଦିନ ତଳେ ମୁମ୍ବାଇ ପୁଲିସର ପାଖାପାଖି ୨୦ ଜଣ କର୍ମଚାରୀ ବିଭିନ୍ନ ବାଦ୍ୟଯନ୍ତ୍ର ସହିତ ଏହି ଲୋକପ୍ରିୟ ଗୀତ ବଜାଇଲେ। ଏହା ପରେ ଏବେ ସହଦେବଙ୍କର 'ଇରକ୍ଷକ୍ଷବ ଉସବଙ୍କ' ଭର୍ସନ୍ ଖୁବ୍ ଭାଇରାଲ୍ ହେଉଛି।

ଫେସବୁକ୍ ପେଜ୍ 'ଦେଶୀ ହୋମୀ' ଦ୍ୱାରା ଶେଆର୍ କରାଯାଇଥିବା ଏହି ଭିଡିଓକୁ ପୋଷ୍ଟ କରାଯିବାର କେଇ ଘଣ୍ଟା ଭିତରେ ହଜାର ହଜାର ଲାଇକ୍ସ ଓ ଅନେକ କମେଣ୍ଟ ମିଳିଛି। କିଛି ଲୋକେ ସହଦେବଙ୍କୁ ପ୍ରଶଂସା ମଧ୍ୟ କରିଛନ୍ତି। ଏଠାରେ କହିରଖୁଛୁ ଯେ ୧୯୬୨ରେ ଇଟାଲୀୟ ଲୋକ ଗାୟକ ଜିଓଭାନ୍ନା ଡେଫାନୀ 'Bella Ciao' ଗୀତର ରେକର୍ଡ କରିଥିଲେ। ଛତିଶଗଡ଼ର ସହଦେବ ଚଳିତ ବର୍ଷ ଆରମ୍ଭରେ ନିଜର ଦୁଇଟି ପୁରୁଣା ଭିଡିଓ ପାଇଁ ରାତାରାତି ଲୋକପ୍ରିୟତା ହାସଲ କରିଥିଲେ। ଗୋଟିଏ ଭିଡିଓରେ ତାଙ୍କୁ ସ୍କୁଲ୍ ପୋଷାକରେ 'ବଚପନ୍ କା ପ୍ୟାର' ଗୀତ ଗାଉଥିବାର ଦେଖିବାକୁ ମିଳିଥିଲା। ତାଙ୍କର ଏହି ଭିଡିଓ ଏତେ ଭାଇରାଲ୍ ହେଲା ଯେ ଶେଷରେ ଜଣାଶୁଣା ରାପର୍ ବାଦଶାହ୍ ତାଙ୍କୁ ନେଇ ଏହା ଉପରେ ଏକ ଗୀତ ପ୍ରସ୍ତୁତ କରିଥିଲେ।

# ଫ୍ୟାଟ୍‌ରୁ ଫିଟ୍ ହୋଇଗଲେଣି ଭାରତୀ



ଚର୍ଚ୍ଚାରେ ଟେଲିଭିଜନର କମେଡି କୁଇନ୍। ନୂଆ ଲୁକ୍‌ରେ ନଜର ଆସିଛନ୍ତି ଭାରତୀ ସିଂ। ସେ ହୋଇଯାଇଛନ୍ତି ଫ୍ୟାଟ୍‌ରୁ ଫିଟ୍। ନିଜ ଓଜନକୁ ନେଇ କମେଡି କରୁଥିବା ଭାରତୀ ଏବେ ବନି ଯାଇଛନ୍ତି ସ୍ଲିମ୍ ଟ୍ରିମ୍। ନିଜର ୧୫ କିଲୋ ଓଜନ କମାଇ ସେ ସମସ୍ତଙ୍କୁ କରିଦେଇଛନ୍ତି ଚକିତ। ନିକଟରେ କପିଲ ଶର୍ମା ଶୋ'ରେ ଭାରତୀ ସିଂହ ନିଜେ ନିଜ ଓଜନ କମାଇଥିବା କଥା ସ୍ୱୀକାର କରିଛନ୍ତି। ସେ ପ୍ରଥମେ ୯୧ କିଲୋ ଥିଲେ। ଏବେ କିନ୍ତୁ ତାଙ୍କ ଓଜନ କମି ୭୬ କିଲୋ ହୋଇଯାଇଛି। ତେବେ ତାଙ୍କର ଏହି ଓଜନ କମାଇବା ରାଜ୍ ହେଉଛି ତାଙ୍କ ଡାଇଟିଂ। ଖାଦ୍ୟପେୟରେ ପରିବର୍ତ୍ତନ କରି ସେ ଏଭଳି ପତଳା ହୋଇଥିବା କଥା କହିଛନ୍ତି ଭାରତୀ। ସମସ୍ତେ ଜାଣନ୍ତି ଭାରତୀ ଖାଇବାକୁ ବେଶ୍ ଭଲପାଆନ୍ତି। ହେଲେ ସେ ଏବେ ବେଳେବେଳେ ଇଣ୍ଟରମିଟେଣ୍ଟ ଫାଷ୍ଟିଂ ଅର୍ଥାତ ରାତି ୭ଟାରୁ ତା'ପରଦିନ ୧୨ଟା ଯାଏଁ କିଛି ଖାଦ୍ୟ ଗ୍ରହଣ କରୁନାହାନ୍ତି। ଏପରି କରିବା ଦ୍ୱାରା ତାଙ୍କ ଓଜନ କମିଯାଇଛି। ଏବେ ସେ ନିଜକୁ ଫିଟ୍ ଏବଂ ସୁସ୍ଥ ଅନୁଭବ କରୁଛନ୍ତି। ପୂର୍ବରୁ ଭାରତୀଙ୍କ ଆସ୍ଥମା ଏବଂ ଡାଇବେଟିସ ସମସ୍ୟା ଥିଲା। ହେଲେ ଏବେ ସେ ସବୁ କିଛି ନିୟନ୍ତ୍ରଣରେ ରହିଛି। ୩୦-୩୨ ବର୍ଷ ଯାଏଁ ବହୁତ ଖାଇଛି। ଏବେ ବର୍ଷେ ଧରି ସେ ନିଜ ଶରୀର ପାଇଁ ସମୟ ଦେଇଛନ୍ତି। ନଜକୁ ପତଳା ଦେଖି ବହୁତ ଖୁସି ଲାଗୁଛି। ନିଜ ଉପରେ ଗର୍ବ ଅନୁଭବ ହେଉଛି ବୋଲି କମେଡି କୁଇନ୍ କହିଛନ୍ତି। ସେପଟେ ସ୍ୱାମୀ ହର୍ଷ ଲିମ୍ବାଚିଆ ମଧ୍ୟ ଭାରତୀଙ୍କ ନୂଆ ଟ୍ରାନ୍ସଫରମେସନକୁ ଦେଖି ଖୁସି ଅଛନ୍ତି। ସେ ଭାରତୀଙ୍କ ମୋଟା ଗାଲକୁ ମିସ୍ କରୁଥିବା କଥା ସେ କହିଛନ୍ତି। ଭାରତୀ ନିଜ ଡାଇଟିଂ ପାଇଁ ବେଳେ ବେଳେ ତାଙ୍କ ସହ ଡିନର ଡେଟ୍‌ରେ ଯିବା ପାଇଁ ମଧ୍ୟ ମନା କରି ଦେଉଥିବା ହର୍ଷ କହିଛନ୍ତି।

# ଅଭିନେତାଙ୍କ ନାଁରେ ଏଫ୍‌ଆଇଆର



ଅଡୁଆରେ ବଲିଉଡର ଆଉ ଜଣେ ଅଭିନେତା। 'କୋଇ ମିଲ୍ ଗୟା' ଫେମ ଅଭିନେତା ରଜତ ବେଦୀଙ୍କ ନାଁରେ ରୁଜୁ ହେଲା ଏତଲା। ସେ ତାଙ୍କ କାରରେ ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଥିବା ନେଇ ଅଭିଯୋଗ ହୋଇଛି। ରଜତ ବେଦୀଙ୍କ ବିରୋଧରେ ମୁମ୍ବାଇର ଡିଏନ୍ ନଗର ପୁଲିସ ଷ୍ଟେସନରେ ଏଫ୍‌ଆଇଆର ହୋଇଛି। ସୂଚନାନୁସାରେ, ରଜତ ବେଦୀ ଗତକାଲି ସନ୍ଧ୍ୟାରେ ତାଙ୍କ କାରରେ ଜଣେ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲେ। ଏଥିରେ ବ୍ୟକ୍ତି ଜଣକ ଗୁରୁତର ହୋଇଥିଲେ। ଏହି ମାମଲାରେ ଡିଏନ୍ ନଗର ପୁଲିସ କହିଛି, କାରରେ ଧକ୍କା ଦେବା ପରେ ରଜତ ଆହତ ବ୍ୟକ୍ତିଙ୍କୁ କୁପର୍ ହସ୍ପିଟାଲକୁ ନେଇ ତାଙ୍କ ଚିକିତ୍ସା କରାଇଛନ୍ତି। ଏଥିସହ ସେ ନିଜ ଦୋଷ ମଧ୍ୟ ସ୍ୱୀକାର କରିଛନ୍ତି। ରିପୋର୍ଟ ମୁତାବକ, ରଜତ ଯେଉଁ ବ୍ୟକ୍ତିଙ୍କୁ ଧକ୍କା ଦେଇଥିଲେ ସେହି ବ୍ୟକ୍ତିଙ୍କ ବୟସ ୩୯ ବର୍ଷ। ସେ ଡିଏନ୍ ନଗର ବାସିନ୍ଦା। ସୋମବାର ଦିନ ସେ ନିଜ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ ରଜତଙ୍କ କାର ତାଙ୍କୁ ଧକ୍କା ଦେଇଥିଲା। ତାଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ଉକ୍ତ ବ୍ୟକ୍ତିଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଡାକ୍ତରଙ୍କ କହିବା ମୁତାବକ, ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେପଟେ ଗୁରୁତର ବ୍ୟକ୍ତି ଏବଂ ତାଙ୍କ ପରିବାରକୁ ସମସ୍ତ ପ୍ରକାରର ସହାୟତା ଯୋଗାଇବା ପାଇଁ ରଜତ ପ୍ରତିଶ୍ରୁତି ଦେଇଛନ୍ତି। ରଜତ ବେଦୀ ଅନେକ ବଲିଉଡ ଫିଲ୍ମରେ କାମ କରିଛନ୍ତି।

# 'ପୁଅର ବାପା କହିବେ, କେବେ ତା' ଝଲକ ଦେଖାଇବେ'



କିଛି ଦିନ ପୂର୍ବେ ଏକ ପୁତ୍ର ସନ୍ତାନର ଜନନୀ ହୋଇଥିବା ଟିଏମ୍‌ସି ସାଂସଦ ତଥା ଅଭିନେତ୍ରୀ ନୁସରତ ଜାହାଁଙ୍କୁ ନେଇ ପୁଣି ଚର୍ଚ୍ଚା। ନିଜ ପ୍ରଥମ ବିବାହକୁ ଅବୈଧ ବୋଲି କହି ସାରିଥିବା ଏହି ଅଭିନେତ୍ରୀ ନିଜ ପୁତ୍ରର ପିତା କିଏ ସେ ନେଇ ଏ ଯାଏ ଖୁଲାସା କରିନାହାନ୍ତି। ହେଲେ ଗଣମାଧ୍ୟମ ସମ୍ମୁଖରେ ଦେଇଥିବା ବୟାନକୁ ନେଇ ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି ନୁସରତା ।

ନିକଟରେ ଏକ ସାଲୋନ୍ ଓପନିଂ ସେରିମନିରେ ଯୋଗ ଦେଇଥିଲେ ଅଭିନେତ୍ରୀ ନୁସରତ । ମା' ହେବା ପରେ ପ୍ରଥମ ଥର ପବ୍ଲିକ୍ ଇଭେଣ୍ଟରେ ଯୋଗ ଦେଇଥିବା ନୁସରତ ଖୁବ୍ ଗର୍ଜିଅସ୍ ଲାଗୁଥିଲେ। ଏହି ସମୟରେ ଜଣେ ସାମ୍ବାଦିକା ପୁଅର ଝଲକ କେବେ ଦେଖାଇବେ ବୋଲି ପଚାରିଥିଲେ। ଏହାର ଉତ୍ତରରେ ନୁସରତ ଯାହା କହିଥିଲେ ତାହା ଗସିପ୍‌କୁ ବେଶ୍ ଖୋରାକ ଯୋଗାଇଥିଲା। ସାମ୍ବିଦିକାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ନୁସରତ କହିଛନ୍ତି, ଏନେଇ ଆପଣ ମୋ ପୁଅର ବାପାଙ୍କୁ ପଚାରନ୍ତୁ। ହେଲେ ଏ ପର୍ଯ୍ୟନ୍ତ ନିଜ ପୁତ୍ରର ପିତାଙ୍କ ପରିଚୟ ଦେଇ ନାହାନ୍ତି ନୁସରତ । ହେଲେ ମା' ହୋଇ ଖୁବ୍ ଖୁସି ଥିବା ନୁସରତ ଏହା ଏକ ନୂଆ ଜୀବନର ଆରମ୍ଭ ବୋଲି କହିଛନ୍ତି । ନୁସରତ ନିଜ ପୁଅ ନାମ ୟିଶାନ ରଖିଛନ୍ତି। ଗତ ମାସ ୨୬ ତାରିଖରେ କୋଲକାତାର ଏକ ଘରୋଇ ହସ୍ପିଟାଲରେ ନୁସରତ ଜାହାଁ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ଅଭିନେତା ୟଶ ଦାସଗୁପ୍ତା ନୁସରତଙ୍କୁ ହସ୍ପିଟାଲ ନେଇ ଯାଇଥିବା ବେଳେ ତାଙ୍କ ପାଖେ ପାଖେ ମଧ୍ୟ ଉପସ୍ଥିତ ଥିଲେ। ନିଖିଲ ଜୈନଙ୍କ ସହ ନିଜ ବିବାହକୁ ଅବୈଧ କହିଥିବା ନୁସରତ ୟଶ ଦାସଗୁପ୍ତାଙ୍କ ସହ ସୋଶାଲ ମିଡିଆରେ ଫଟୋ ପୋଷ୍ଟ କରୁଥିବାରୁ ଉଭୟଙ୍କ ମଧ୍ୟରେ କିଛି ରିଲେସନ୍ ରହିଥିବା ଗସିପ୍ ହେଉଛି। ହେଲେ ୟଶଙ୍କ ସହ ନିଜ ସମ୍ପର୍କ ତଥା ସିଏ ହିଁ ନିଜ ସନ୍ତାନର ପିତା ବୋଲି ଏଯାଏ ମୋହର ମାରି ନାହାନ୍ତି ନୁସରତ।

ସୂଚନା ମୁତାବକ ୨୦୧୯ରେ ନୁସରତ ଏବଂ ନିଖିଲଙ୍କ ବିବାହ ତୁର୍କୀରେ ହୋଇଥିଲା। ତେବେ ବିବାହର କିଛି ଦିନ ପରେ ନିଖିଲ ଏବଂ ନୁସରତଙ୍କ ସମ୍ପର୍କରେ ଫାଟ ସୃଷ୍ଟି ହୋଇଥିଲେ। ପରେ ୨୦୨୧ରେ ଉଭୟ ଅଲଗା ହୋଇ ରହିଥିଲେ। ନିଖିଲ ଏବଂ ନୁସରତ ଏଯାଏଁ ଛାଡପତ୍ର ନେଇନଥିଲେ ସୁଦ୍ଧା ଆଉ ଏକାଠି ରହୁନାହାନ୍ତି। ନୁସରତ ଏକ ପ୍ରେସ ବିବୃତ୍ତି ଜରି କରି ଖୁଲାସା କରିଥିଲେ ଯେ ତାଙ୍କର ବିବାହ ଅବୈଧ ଥିଲା। ସେ ତାଙ୍କ ବିବାହକୁ ରେଜିଷ୍ଟର କରିନଥିଲେ। ତୁର୍କୀ ବିବାହ ନିୟମାବଳୀ ଅନୁଯାୟୀ ବିଦେଶୀ ମାଟିରେ ଥିବାରୁ ତାଙ୍କ ବିବାହ ଅବୈଧ ବୋଲି ନୁସରତ ଦାବି କରିଛନ୍ତି। ଭାରତରେ ଏହାକୁ ଆଇନଗତ ମାନ୍ୟତା ଦିଆଯିବା ଆବଶ୍ୟକ ଥିଲା କିନ୍ତୁ ତାହା ହୋଇ ନଥିଲା। ସେ ନିଖିଲଙ୍କ ସହ ଲିଭ-ଇନ୍ ରିଲେସନସିପ୍‌ରେ ଥିବା କହିଥିଲେ। ସେପଟେ ନିଖିଲ ଅଭିଯୋଗ କରିଛନ୍ତି ଯେ ନୁସରତ ସବୁବେଳେ ବିବାହ ପଞ୍ଜିକରଣ କରିବାକୁ ନେଇ ଦୂରେଇ ରହୁଥିଲେ।

# ୮୮ରେ ପାଦ ଥାପିଲେ ଆଶା



ବଲିଉଡ୍‌ର ପ୍ରଖ୍ୟାତ ଗାୟିକା ଆଶା ଭୋସଲେ ଆଜି ୮୮ ବର୍ଷରେ ପାଦ ଥାପିଛନ୍ତି। ସେ ବଲିଉଡ୍‌କୁ ଅନେକ ସୁପରହିଟ୍ ଗୀତ ଭେଟି ଦେଇଛନ୍ତି। ଏଯାବତ ସେ ପ୍ରାୟ ୧୨ହଜାର ଗୀତ ଗାଇଛନ୍ତି। ହିନ୍ଦୀ ବ୍ୟତୀତ ସେ ମରାଠୀ, ବଙ୍ଗାଳୀ, ଗୁଜୁରାଟୀ, ପଞ୍ଜାବୀ, ତାମିଲ, ମାଲାୟାଲମ୍, ଓଡ଼ିଆ ଭାଷାରେ ମଧ୍ୟ ଗୀତ ଗାଇଛନ୍ତି। ମାତ୍ର ଇଣ୍ଡଷ୍ଟ୍ରିରେ ଏହି ସଫଳତା ହାସଲ କରିବା ଆଶାଙ୍କ ପାଇଁ ଏତେ ସହଜ ନଥିଲା। ପିଲା ବେଳୁ ଆଶା ଗୀତ ଗାଇବା ଆରମ୍ଭ କରିଥିଲେ। ସେ ଭଉଣୀ ଲତା ମଙ୍ଗେସକରଙ୍କ ସେକ୍ରେଟାରି ଗଣପତି ରାଓଙ୍କ ପ୍ରେମରେ ପଡ଼ି ତାଙ୍କୁ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ସେହି ସମୟରେ ଆଶା ୧୬ ବର୍ଷ ବୟସର ହୋଇଥିବାବେଳେ ଗଣପତିଙ୍କୁ ୩୧ ବର୍ଷ ହୋଇଥିଲା। ପରିବାର ଲୋକେ ଆଶାଙ୍କ ଏହି ସମ୍ପର୍କକୁ ବିରୋଧ କରୁଥିଲେ। ମାତ୍ର ସେ ପରିବାର ସଦସ୍ୟଙ୍କ ବିରୁଦ୍ଧରେ ଯାଇ ଗଣପତିଙ୍କୁ ବିବାହ କରିଥିଲେ। ଏହା ମଧ୍ୟ ଲତା ଏବଂ ଆଶାଙ୍କ ସମ୍ପର୍କକୁ ଖରାପ କରିଦେଇଥିଲା। ଅପରପକ୍ଷରେ ଆଶା ଏବଂ ଗଣପତିଙ୍କ ବିବାହ ଅଧିକ ଦିନ ତିଷ୍ଠି ରହି ନଥିଲା। ଦୁହେଁ ଅଲଗା ହୋଇଯାଇଥିଲେ। ଏହାପରେ ଆଶାଙ୍କ ଜୀବନରେ ପ୍ରଖ୍ୟାତ ସଂଗୀତ ନିର୍ଦ୍ଦେଶକ ଆରଡି ବର୍ମନ ଆସିଥିଲେ। ଆରଡି ଏବଂ ଆଶାଙ୍କ ପ୍ରଥମ ଦେଖା ୧୯୫୬ ମସିହାରେ ହୋଇଥିଲା। ସେତେବେଳକୁ ଆଶା ଇଣ୍ଡଷ୍ଟ୍ରିରେ ନିଜର ସ୍ଥାନ ସୃଷ୍ଟି କରିସାରିଥିଲେ ଏବଂ ଆରଡି ପ୍ରସିଦ୍ଧ ସଂଗୀତଜ୍ଞ ସଚିନ ଦେବ ବର୍ମନଙ୍କ କିଶୋର ପୁତ୍ର ଥିଲେ। ପ୍ରାୟ ୧୦ ବର୍ଷ ପରେ ଆରଡି ବର୍ମନ୍ ଫିଲ୍ମ 'ତିସରୀ ମଞ୍ଜିଲ୍' ପାଇଁ ଆଶାଙ୍କ ସହ ସମ୍ପର୍କ କରିଥିଲେ। ଏହାପରେ ଆଶା ଏବଂ ଆରଡିଙ୍କ ସାକ୍ଷାତ କ୍ରମାଗତ ଭାବରେ ବଢ଼ିବାକୁ ଲାଗିଲା। ସେହି ସମୟରେ ଆରଡିଙ୍କର ତାଙ୍କ ପ୍ରଥମ ପତ୍ନୀ ରୀତା ପଟେଲଙ୍କ ସହ ସମ୍ପର୍କ ଭଲ ନଥିଲା ଏବଂ ଦୁହେଁ ଅଲଗା ରହିବା ରହୁଥିଲେ। ଆଶା ଏବଂ ଆରଡି ଏକାଠି ଏକାଧିକ ସୁପରହିଟ୍ ଗୀତ କରିଥିଲେ। ପରେ ଦୁହିଁଙ୍କ ମଧ୍ୟରେ ପ୍ରେମରେ ପଡ଼ି ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ।

# ରାଜ୍ୟ ଅର୍ଥନୀତିର ଅଧୋଗତି : ରଣ ବୋଝରୁ ରଣ ଯନ୍ତାକୁ ଦ୍ରୁତଗତି

## ରାଜ୍ୟ କରିଥିବା ରଣ ଟଙ୍କାର ସଠିକ୍ ବିନିଯୋଗ ନେଇ ଶ୍ୱେତପତ୍ର ଦାବି କଲା କଂଗ୍ରେସ

ଭୁବନେଶ୍ୱର,୯/୯ (ନି.ପ୍ର): ରାଜ୍ୟ ସରକାର ଚଳିତ ବିଧାନ ସଭାରେ ବିଭିନ୍ନ ସୂତ୍ରରୁ କରିଥିବା ରଣ, ଏହାର ସୁଧ ହାର ଓ ଏହାରବିନିଯୋଗର ବ୍ୟବସ୍ଥାକୁ ନେଇ ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ ବୋଲି ଦାବି କରିଛି କଂଗ୍ରେସ । ସେହିପରି ୨.ବିଗତ ୨୧ ବର୍ଷ ଧରି ଶାସନ କରୁଥିବା ବି.ଜେ.ଡ଼ି ସରକାର ରଣକୁ ପୁଞ୍ଜିଭାବରେ ବ୍ୟବହାର କରି ରାଜ୍ୟର ଆୟ କେତେ ବୃଦ୍ଧି କରିଛନ୍ତି ତାକୁ ସର୍ବସାଧାରଣଙ୍କ ସାମ୍ନାରେ ଉପସ୍ଥାପନ କରନ୍ତୁ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଓ ଅର୍ଥମନ୍ତ୍ରୀ, କେନ୍ଦ୍ର ସରକାରଙ୍କ ଠାରୁ ଆଣିଥିବା ରଣର ପରିମାଣ ଓ ଖର୍ଚ୍ଚ କରୁଥିବା ଦିଗ ଗୁଡ଼ିକ ସଂପର୍କରେ ରାଜ୍ୟବାସୀଙ୍କ ଆଗରେ ସ୍ୱଷ୍ଟ ଚିତ୍ର ପ୍ରଦାନ କରନ୍ତୁ ବୋଲି ଦାବି କରିଛନ୍ତି କଂଗ୍ରେସ ମୁଖପାତ୍ର ପ୍ରଶାନ୍ତ ସତପଥୀ। ସେ କହିଛନ୍ତି ଯେ - ଓଡ଼ିଶା ସରକାରଙ୍କ ଅର୍ଥନୀତିର କୁ-ପରିଚାଳନା ଯୋଗୁଁ ରାଜ୍ୟ ରଣବୋଝରୁ ଯାଇ ରଣ ଜନ୍ତାରେ ପଡ଼ିବାର ପରିସ୍ଥିତି ସୃଷ୍ଟି ହୋଇଛି। ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ମୁଖପାତ୍ର ପ୍ରଶାନ୍ତ ଶତପଥି ରାଜ୍ୟ ସରକାରଙ୍କ ତୃଟିପୂର୍ଣ୍ଣ ଆର୍ଥିକ ନୀତିକୁ କଡ଼ା ସମାଲୋଚନା କରି କହିଥିଲେ ଯେ, ରାଜ୍ୟରେ ମୁଣ୍ଡ ପିଛା ରଣ ଭାର ୨୩ ହଜାର ୭ ଶହ ୬୧ ଟଙ୍କାକୁ ବୃଦ୍ଧି ପାଇବା ରାଜ୍ୟ ଅର୍ଥନିତୀର ବିକଳ ଚିତ୍ରକୁ ସାମ୍ନାକୁ ଆଣିଛି। ପବିତ୍ର ବିଧାନସଭା ଗୃହ ଭିତରେ ଅର୍ଥମନ୍ତ୍ରୀଙ୍କ ସ୍ୱୀକାରୋକ୍ତି ସ୍ୱଷ୍ଟ କରିଛି ଯେ, ବିଗତ ୧୦ ବର୍ଷ ଭିତରେ ରାଜ୍ୟର ମୁଣ୍ଡ ପିଛା ରଣ ଭାର ୨ଗୁଣାରୁ ଅଧିକ ବୃଦ୍ଧି ପାଇଛି। ୨୦୧୧ - ୨୦୧୨ ମସିହାରେ - ୯ ହଜାର ୧ ଶହ ୪୪ ଟଙ୍କା ଥିବାବେଳେ ବର୍ତ୍ତମାନ ୨୦୨୧-୨୨ ମସିହାରେ -୨୩ ହଜାର ୭ ଶହ ୬୧ ଟଙ୍କାରେ ପହଂଚିଛି। ଏହା ପୂର୍ବରୁ ୨୦୧୯ ମସିହାରେ - ୧୮ ହଜାର ୨ ଶହ ୨୮ ଟଙ୍କା ଥିବାବେଳେ, ୨୦୨୦ ମସିହାରେ - ୨୩ ହଜାର ୫ ଶହ ୨୪ ଟଙ୍କାକୁ ବୃଦ୍ଧି ପାଇଥିଲା। ଏଥିରୁ ସ୍ୱଷ୍ଟ ଯେ, ଓଡ଼ିଶାର ମୁଣ୍ଡ ପିଛା ରଣ ଭାର କ୍ରମାଗତ ଭାବେ ବଢ଼ି ବଢ଼ି ଚାଲିଛି। ଶାସକ ବିଜୁ ଜନତା ଦଳ ତରଫରୁ ସଫେଇ ଦିଆଯାଇ ଯାହା କୁହାଯାଉଛି ଯେ, ରାଜ୍ୟର ରଣଭାର ଜି.ଏସ୍.ଡ଼ି.ପି. ବା ରାଜ୍ୟର ସକଳ ଘରୋଇ ଉତ୍ପାଦର ଏଫ୍.ଆର.ବି.ଏମ୍. ଆଇନ୍ ବା ବିତିୟ ଦାୟିତ୍ୱ ଓ ବଜେଟ ପରିଚାଳନା ନିୟମ - ୨୦୦୩ ଅନୁସାରେ ୨୫ ପ୍ରତିଶତ ଭିତରେ ରହିଛି, ତେଣୁ ଏହାଚିନ୍ତାଜନକ ବିଷୟ ନୁହେଁ, ଯାହା ଆଦୌ ଗ୍ରହଣ କରାଯାଇନପାରେ। ରାଜ୍ୟର ରଣଭାର ଚଳିତ ଆର୍ଥିକ ବର୍ଷ ଶେଷ ସୁଧା ୧,୨୨,୯୧୭ କୋଟି ଟଙ୍କାରେ ପହଂଚିବାରେ ଆକଳନ କରାଯାଇଛି। ଏକଥା ସତ୍ୟ ଯେ, ପୂର୍ବରୁ ଥିବା ରଣ ଉପରେ ସ୍ଥାୟୀ ସୁଧ ହାର ଯଥାକ୍ରମେ ୧୪ ପ୍ରତିଶତ ଓ ୧୮ ପ୍ରତିଶତ ଥିବାବେଳେ ଦ୍ୱାଦଶ ଅର୍ଥକମିଶନଙ୍କ ସୁପାରିଶ ଆଧାରରେ ଏହାକୁ କମ୍ କରାଯାଇ ବର୍ତ୍ତମାନ ୩ ପ୍ରତିଶତ, ୫ ପ୍ରତିଶତ ଓ ୭ ପ୍ରତିଶତ କରାଯାଇଅଛି। ତେଣୁ ରାଜ୍ୟ ସରକାର ରଣ ଉପରେ ପ୍ରଦାନ କରୁଥିବା ସୁଧ କମିଛି। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଯେ, ରାଜ୍ୟ ସରକାର କରୁଥିବା ରଣ କିଭଳି ଭାବେ ବିନିଯୋଗ କରୁଛନ୍ତି ଯଦ୍ୱାରା କି ଦୀର୍ଘ ମିଆଦି ସୁତ୍ରରେ ସରକାରଙ୍କର ଆୟବୃଦ୍ଧି ଘଟିବ। ଶ୍ରୀ ଶତପଥି ଏକଥା ସ୍ୱଷ୍ଟଭାବେ ଉଲ୍ଲେଖ କରିଛନ୍ତି ଯେ, ପ୍ରଦେଶ କଂଗ୍ରେସ ବିକାଶଶୀଳ ଅର୍ଥନୀତିକୁ ଆଗକୁ ନେବା ପାଇଁ ଯେଉଁ ରଣ କରିବାର ବ୍ୟବସ୍ଥା ରହିଛି ତାକୁ ବିରୋଧ କରେ ନାହିଁ। କିନ୍ତୁ ରଣ କରିଥିବା ଅର୍ଥକୁ ସରକାର ସଠିକ୍ ମାର୍ଗରେ ବିନିଯୋଗ ନ କରି ଶସ୍ତା ଲୋକପ୍ରିୟତା ହାସଲ କରିବା ଓ ଭୋଟ ହାତେଇବା ପାଇଁ ନେଉଥିବା ପଦକ୍ଷେପକୁ ବିରୋଧ କରେ। ସରକାର ବିଭିନ୍ନ ସୁତ୍ରରୁ ରଣ କରି ତାକୁ ପୁଞ୍ଜି ଭାବରେ ବିନିଯୋଗ କରି ରାଜ୍ୟର ଆୟବୃଦ୍ଧି ଘଟାଇବା ତଥା ଦୀର୍ଘ ମିଆଦି ସୂତ୍ରରେ ଉପାର୍ଜନକ୍ଷମ ସ୍ଥାୟୀ ସଂପତ୍ତି ସୃଷ୍ଟି କରିବା ପରିବର୍ତ୍ତେ ରଣ ଟଙ୍କାର କୁ-ବିନିଯୋଗ ରାଜ୍ୟର ମୁଣ୍ଡ ପିଛା ରଣଭାର ବଢ଼ାଇ ଚାଲିଛନ୍ତି। ଅତ୍ୟନ୍ତ ଉଦ୍‌ବେଗଜନକ ବିଷୟ ଏହି ଯେ, ସରକାର ରଣ ଟଙ୍କାର ୯୭ ପ୍ରତିଶତ ଦୀର୍ଘ ମିଆଦି ସୂତ୍ରରେ ଉପାର୍ଜନକ୍ଷମ ସ୍ଥାୟୀ ସଂପତି ସୃଷ୍ଟି କରିବାରେ ବିନିଯୋଗ କରନ୍ତି ନାହିଁ। ଯାହାଫଳରେ ଆଜି ଓଡ଼ିଶା ଭଳି ରାଜ୍ୟ ଦାଦନ ଶ୍ରମିକ ସମସ୍ୟା ନେଇ ଜର୍ଜରିତ ଅବସ୍ଥାରେ ରହିଛି। ରାଜ୍ୟରେ ରୋଜଗାରର ଅବକାସ ନାହିଁ, କର୍ମନିଯୁକ୍ତି ଆଶାରେ ଲକ୍ଷ ଲକ୍ଷ ଲୋକ ରାଜ୍ୟ ବାହାରକୁ ଯାଉଛନ୍ତି। ବିଗତ ଦଶବର୍ଷ ଭିତରେ ସରକାର ସ୍ଥାୟୀ ସଂପତି ସୃଷ୍ଟି କରିବାରେ ରଣ ଟଙ୍କାକୁ ଆଦୌ ବିନିଯୋଗ କରିନାହାନ୍ତି। ବଜେଟରେ କ୍ୟାପିଟାଲ ଇନ୍‌ଭେଷ୍ଟମେଂଟ ପାଇଁ ଥିବା ଅର୍ଥ ରାଶି ଅନ୍ୟବାବଦରେ ଖର୍ଚ୍ଚ କରାଯାଏ। ରାଜ୍ୟରେ ୧୫ ହଜାରରୁ ଅଧିକ କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗ ଏମ୍.ଏସ୍.ଏମ୍.ଇ ବନ୍ଦ ପଡ଼ିଛି। ନବୀନ ବାବୁ ୨୦୧୫ ମସିହାରେ ଘୋଷଣା କରିଥିଲେ ଯେ, ପ୍ରତ୍ୟେକ ଏମ୍.ଏସ୍.ଏମ୍.ଇ କୁ କ୍ୟାପିଟାଏ ଇନ୍‌ଭେଷ୍ଟମେଂଟ ଉପରେ ୨୫ ପ୍ରତିଶତ ସବ୍‌ସିଡ଼ି ଦିଆଯିବ, ଯାହା ଆଜି ପର୍ଯ୍ୟନ୍ତ ପୂରଣ କରାଗଲା ନାହିଁ। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମୁଖପାତ୍ର ମନୋରଞ୍ଜନ ଦାସ, ପଦ୍ମାକର ଗୁରୁ ଉପସ୍ଥିତ ଥିଲେ।

# ପିଲାଙ୍କ ଉପରେ ନଜର ରଖନ୍ତୁ ଅଭିଭାବକ, ଶିକ୍ଷକ : ଡିଏମଇଟି

ଭୁବନେଶ୍ୱର,୯/୯ (ନି.ପ୍ର): ପିଲା ମାନଙ୍କର ସଂକ୍ରମଣ ହାର କମ । ରୋଗର ତୀବ୍ରତା କମ୍ । ବିଦେଶରେ କିଛି ପିଲାଙ୍କୁ ହାଇବ୍ରିଡ୍ ମୋଡରେ ପଢ଼ା ଯାଉଛି । ପ୍ରାଇମେରୀ ସ୍କୁଲ୍ ଖୋଲିବା ପାଇଁ ଅନୁକୂଳ ପରିସ୍ଥିତି ସୃଷ୍ଟି କରିବା ଆମର ଦାୟିତ୍ୱ । ଯେହେତୁ ଭ୍ୟାକ୍ସିନ ଆସିନାହିଁ, ତେଣୁ ପିଲା ମାନଙ୍କୁ କୋଭିଡ୍ ନିୟମ କେମିତି ପାଳନ କରିବେ ତାହା ଧ୍ୟାନ ଦେବାକୁ ହେବ । ସ୍କୁଲରେ ୬ରୁ ୮ ଘଂଟା ପିଲାମାନେ ରହୁଛନ୍ତି, ବାକି ସମୟ ଘରେ ରହୁଛନ୍ତି । ତେଣୁ ସ୍କୁଲରେ ଶିକ୍ଷକ ମାନେ ଓ ଘରେ ବାପାମାଆ ମାନେ ପିଲା ମାନଙ୍କ ଉପରେ ନଜର ରଖନ୍ତୁ । ଦ୍ୱିତୀୟ ଲହରରେ କରୋନା ସଂକ୍ରମଣ ତୀବ୍ରତା ଅଧିକ ଥିଲା । ସେ ସମୟରେ ଯାହା ସବୁ ସଚେତନ କରା ଯାଉଥିଲା ସେହି ସବୁ କରିବାକୁ ପଡ଼ିବ । ଯେଉଁ ଜିଲ୍ଲାରେ ସଂକ୍ରମଣ ବଢ଼ିବ ସେହି ଜିଲ୍ଲାର ଜିଲ୍ଲାପାଳ ମାନଙ୍କୁ ତ୍ୱରିତ ପଦକ୍ଷେପ ନେବାକୁ କୁହାଯାଇଛି । ସଂକ୍ରମଣର ପ୍ରତିଶତ ନୁହେଁ, ସଂଖ୍ୟା କେତେ ଅଛି ଦେଖିବାକୁ ପଡ଼ିବ ବୋଲି କହିଛନ୍ତି ଡିଏମଇଟି ସିବିକେ ମହାନ୍ତି । ବୟସ୍କ ଲୋକମାନେ ଟୀକା ନେଇ ଗଲେଣି । କିନ୍ତୁ ଶିଶୁ ମାନେ ଏବେ ବି ବିପଦରେ ଅଛନ୍ତି । ବୟସ୍କ ମାନଙ୍କ ଠାରୁ ହିଁ ପିଲା ସଂକ୍ରମିତ ହେବେ । ତେଣୁ ସଂକ୍ରମଣ ସୋର୍ସକୁ ନିୟନ୍ତ୍ରଣ କରିବାକୁ ହେବ । ତାହେଲେ ପିଲାମାନଙ୍କୁ ସଂକ୍ରମଣ ହେବ ନାହିଁ। ପିଲାଙ୍କୁ କେମିତି ସଂକ୍ରମଣ ନହେବ ତାହା ବନ୍ଦ କରିବାର ମୁଖ୍ୟ ଭୂମିକା ଅଭିଭାବକ ମାନଙ୍କର । ପିଲା ସ୍କୁଲରେ କେମିତି ସୁରକ୍ଷିତ ରହିବେ। ତାହା ସ୍କୁଲ ଶିକ୍ଷକ ଓ କର୍ମଚାରୀଙ୍କର ଦାୟିତ୍ୱ। ଅଭିଭାବକ ମାନେ ସ୍କୁଲ କର୍ତ୍ତୃପକ୍ଷଙ୍କ ସହ କଥା ହୁଅନ୍ତୁ । ରାଜ୍ୟରେ ୮ ହଜାରରୁ ଅଧିକ ସ୍କୁଲ ଅଛି । ଯେଉଁଠି ପଜିଟିଭ୍ ବାହାରୁଛନ୍ତି ସେଠାରେ ପଦକ୍ଷେପ ନିଆଯାଉଛି। ପିଲା ମାନଙ୍କ ସଂକ୍ରମଣ ପାଇଁ ମାନସିକ ସ୍ତରରେ ଟେନସନ ରହିବ। କିନ୍ତୁ ସଂକ୍ରମଣ ରୋକିବା ପାଇଁ କେମିତି ପଦକ୍ଷେପ ନିଆଯିବ ତାହା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ।

# ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ତରଫରୁ ୩ .୭୪ କୋଟି ଟଙ୍କା ମଞ୍ଜୁର

ଭୁବନେଶ୍ୱର,୯/୯ (ନି.ପ୍ର): ପଶ୍ଚିମ ଓଡ଼ିଶାର ୭ଟି ଜିଲ୍ଲାର କେତେକ ପ୍ରଶାସନିକ ମଞ୍ଜୁରିପ୍ରାପ୍ତ ଉନ୍ନୟନ କାର୍ଯ୍ୟ ସକାଶେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ତରଫରୁ ୩ କୋଟି ୭୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଏଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାରେ ୫୨ଟି ପ୍ରକଳ୍ପ ପାଇଁ ସର୍ବାଧିକ ୧ କୋଟି ୮୮ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ଏହି ଅର୍ଥରେ ଜିଲ୍ଲାରେ ବିଜୁଳି ଯୋଗାଣ, ପାନୀୟ ଜଳ ଯୋଗାଣ, ଶିକ୍ଷା ବ୍ୟବସ୍ଥାର ଉନ୍ନତିକରଣ, ରାସ୍ତା ଓ ଗମନାଗମନ ବ୍ୟବସ୍ଥା ଓ କମ୍ୟୁନିଟି ସେଂଟର ଏବଂ କଲ୍ୟାଣ ମଣ୍ଡପ ନିର୍ମାଣ ଆଦି ରହିଛି । ସେହିପରି ସୁବର୍ଣ୍ଣପୁର ଜିଲ୍ଲାର ୪୭ ପ୍ରକଳ୍ପ ନିମନ୍ତେ ୧ କୋଟି ୩୯ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବାବେଳେ ଏଥିରେ ବିଦ୍ୟାଳୟଗୁଡ଼ିକର ଉନ୍ନତିକରଣ ସହ କମ୍ୟୁନିଟି ସେଂଟର ଓ କଲ୍ୟାଣ ମଣ୍ଡପ ନିର୍ମାଣ କରାଯିବ। ସମ୍ବଲପୁର ଜିଲ୍ଲାରେ ରାସ୍ତା ନିର୍ମାଣ ଓ ରାସ୍ତାର ଉନ୍ନତିକରଣ ନିମନ୍ତେ ୨୦ ଲକ୍ଷ, ଝାରସୁଗୁଡ଼ା ଜିଲ୍ଲାର ଲଇକେରା ବ୍ଲକ୍ ସାହସପୁର ଗ୍ରାମପଂଚାୟତର ଧଉଳଟିକ୍ରାର ଆରଡ଼ି ରୋଡ଼ଠାରୁ ନୂଆ ସ୍କୁଲପଡ଼ା ଯାଏ ସିମେଂଟ କଂକ୍ରିଟ୍ ରୋଡ଼ ନିର୍ମାଣ ନିମନ୍ତେ ୫ ଲକ୍ଷ, ବଲାଙ୍ଗୀର ଜିଲ୍ଲା କଂଟାବାଂଝି ନିର୍ବାଚନ ମଣ୍ଡଳୀରେ ଦୁଇଟି କମ୍ୟୁନିଟି ସେଂଟର ନିର୍ମାଣ ୫ ଲକ୍ଷ ଲେଖାଏଁ ଓ ଅନୁଗୋଳ ଜିଲ୍ଲାର ଅଁଳାବେରିନି ଓ ଷଣ୍ଢପଲା-୨ଠାରେ ଥିବା ଉଠାଜଳସେଚନ ପଏଂଟର ଉନ୍ନତିକରଣ ନିମନ୍ତେ ୬ ଲକ୍ଷ ଟଙ୍କା ଲେଖାଏଁ ବ୍ୟୟ କରାଯିବ ବୋଲି ଜଣାପଡ଼ିଛି ।

# ଲଙ୍ଗଳ ଧରି କନିଷ୍ଠ ଶିକ୍ଷକ ଆଶାୟୀ ସଂଘର ପ୍ରତିବାଦ

ଭୁବନେଶ୍ୱର,୯/୯ (ନି.ପ୍ର): ଦୀର୍ଘ ୫ ବର୍ଷ ଧରି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ହୋଇନଥିବାରୁ ତୁରନ୍ତ କନିଷ୍ଠ ଶିକ୍ଷକ ନିଯୁକ୍ତି ପାଇଁ ଦୀର୍ଘ ୨୦ଦିନ ହେଲା ଲୋୟର ପି.ଏମ୍.ଜି.ରେ ଧାରଣାରେ ବସିଥିବା ଓଡ଼ିଶା କନିଷ୍ଠ ଶିକ୍ଷକ ଆଶାୟୀ ସଂଘର ପ୍ରତିନିଧି ମଣ୍ଡଳିକୁ ଗଣଶିକ୍ଷାମନ୍ତ୍ରୀ "ପେଟ ପୋଷିବାର ଅଛି, ତେବେ ବିଲରେ ଯାଇ ଚାଷ କର" ବୋଲି ଦେଇଥିବା ମନ୍ତବ୍ୟର ପ୍ରତିବାଦରେ ଓ.ଜେ.ଟି.ଏ.ଏ. ପକ୍ଷରୁ ଆଜି ମାଷ୍ଟରକ୍ୟାଂଟିନ୍‌ଠାରେ ହଳ ଲଙ୍ଗଳ ଆଦି କୃଷି ସରଞ୍ଜାମ ଧରି ଅଭିନବ ଢଙ୍ଗରେ ପ୍ରତିବାଦ କରାଯିବା ସହ ଗଣଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କର କୁଶପୁ ଳିକା ଦାହ ଏବଂ ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି । ବାସ୍ତବରେ ଗଣଶିକ୍ଷାମନ୍ତୀଙ୍କର ଏପରି ମନ୍ତବ୍ୟ ସମଗ୍ର ଶିକ୍ଷିତ ଯୁବସମାଜ ପାଇଁ ଅପମାନ । ଯଦିଓ କୃଷକ ଦେଶର ଅନ୍ନଦାତା, କିନ୍ତୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ପ୍ରଶିକ୍ଷିତ ଯୁବକ ଯୁବତୀଙ୍କୁ "ବିଲରେ ଯାଇ ଚାଷ କର କିମ୍ବା ଘରୋଇ ବିଦ୍ୟାଳୟରେ ଗୋଡି ଖଟ" ବୋଲି କହିବା ସମ୍ପୂର୍ଣ୍ଣ ନିନ୍ଦନୀୟ । ବର୍ତମାନ ଦେଶରେ ଯେପରି କୃଷକଙ୍କ ଅବସ୍ଥା ରହିଛି, ସେପରି ଶିକ୍ଷିତ ଯୁବକମାନେ ଦୁର୍ଦ୍ଦିନରେ କାଳ କାଟନ୍ତୁ କିମ୍ବା ଆତ୍ମହତ୍ୟା କରନ୍ତୁ ବୋଲି ମନ୍ତ୍ରୀ ପ୍ରକାରାନ୍ତରେ କହିଛନ୍ତି ବୋଲି ସଂଘର ସମ୍ପାଦକ ସୁବ୍ରତ କୁମାର ପଣ୍ଡା ଅଭିଯୋଗ କରିଛନ୍ତି ।

### ସରକାର ଖଣି ଦୁର୍ନୀତି ଆଲୋଚନାକୁ ଡରୁଛନ୍ତି : ସାଲୁଜା

ଭୁବନେଶ୍ୱର,୯/୯ (ନି.ପ୍ର): କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ରାଜ୍ୟରେ ୧ ଲକ୍ଷ କୋଟି ଟଙ୍କାର ଖଣି ଦୁର୍ନୀତି ହୋଇଛି । ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ । ଏନେଇ କଂଗ୍ରେସ ପକ୍ଷରୁ ମୁଲତବୀ ଆଲୋଚନା ପାଇଁ ନୋଟିସ ଦିଆଯାଇଥିଲା। ସରକାର ଖଣି ଦୁର୍ନୀତି ଆଲୋଚନା ଡରୁଛନ୍ତି। ସେ କହିଛନ୍ତି ଯେ ସେଥିପାଇଁ ସରକାରୀ ଆଲୋଚନାରୁ ଦୂରେଇ ରହୁଛନ୍ତି ।

### ବିଜେଡିର ସମାଲୋଚନା

ଭୁବନେଶ୍ୱର,୯/୯ (ନି.ପ୍ର): ବିଜେଡି ବିଧାୟକ ପ୍ରତାପ ଦେବ ବିରୋଧୀଙ୍କୁ କଡା ସମାଲୋଚନା କରିଛନ୍ତି। ସେ କହିଛନ୍ତି, ଚାଷୀ ପ୍ରସଙ୍ଗରେ ଆଲୋଚନା ପାଇଁ ବିରୋଧୀଙ୍କର ଆନ୍ତରିକତା ନାହିଁ। ସେ କହିଛନ୍ତି ଯେ ବିରୋଧୀ ପଳାୟନ ପନ୍ଥୀ ଓ ଜନସାଧାରଣଙ୍କୁ ବିଭ୍ରାନ୍ତ କରୁଛନ୍ତି, ଅପ୍ରସଙ୍ଗଙ୍କୁ ପ୍ରସଙ୍ଗ କରୁଛନ୍ତି, ବିରୋଧୀ ଲୁଚକାଳି ଖେଳୁଛନ୍ତି । ସେ କହିଛନ୍ତି ଯେ ମରୁଡି ପ୍ରସଙ୍ଗ ଉଠାଇଲେ ସରକାର ଆଲୋଚନ କୁ ଆସିଲେ, ରଣ ଓ ସାର ପ୍ରସଙ୍ଗ କାହିଁକି ଉଠଉ ନାହାନ୍ତି ବିରୋଧୀ ବୋଲି ସେ ଓଲଟା ପ୍ରଶ୍ନ କରିଛନ୍ତି।

# ବିଦ୍ୟୁତ ଶୁଳ୍କ ବୃଦ୍ଧି ପ୍ରତିବାଦରେ ବିଜେପିର ବିଧାନସଭା ଘେରାଉ ଉଦ୍ୟମ

ଭୁବନେଶ୍ୱର,୯/୯ (ନି.ପ୍ର): ରାଜ୍ୟ ସରକାରଙ୍କ ଅହେତୁକ ବିଦ୍ୟୁତ ଶୁଳ୍କ ବୃଦ୍ଧି, ଅଘୋଷିତ ବିଜୁଳି କାଟ୍ ଏବଂ ଲୋ ଭୋଲଟେଜ ପ୍ରତିବାଦରେ ଭୁବନେଶ୍ୱର ଜିଲ୍ଲା ବିଜେପି ତରଫରୁ ସଭାପତି ବାବୁ ସିଂଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ସହ ବିଧାନସଭା ଘେରାଓ କରାଯାଇଥିଲା । ହଜାର ହଜାର ବିଜେପି କାର୍ଯ୍ୟକର୍ତା ମାଷ୍ଟର କ୍ୟାଂଟିନ ଛକରୁ ଶାନ୍ତିପୂର୍ଣ୍ଣ ଭାବେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବିଧାନସଭା ଅଭିମୁଖେ ଯାଉଥିବାବେଳେ ପୋଲିସ ଅଟକାଇଥିଲା । ପୋଲିସ ସହ ଧସ୍ତାଧସ୍ତିରେ ବହୁ କାର୍ଯ୍ୟକର୍ତା ଓ ମହିଳା କାର୍ଯ୍ୟକର୍ତା ଆହତ ହୋଇଛନ୍ତି । ଶ୍ରୀ ସିଂ କହିଛନ୍ତି ଗତ ୬ ମାସରେ ବିଜୁଳି ଶୁଳ୍କ ୟୁନିଟ ପିଛା ୫୦ ପଇସା ଦର ବୃଦ୍ଧି କରି ରାଜ୍ୟ ସରକାର ସାଧାରଣ ଜନତାଙ୍କ ବୋଝ ଉପରେ ନଳିତା ବିଡା ଲଦି ଦେଇଛନ୍ତି । ନିଜ ସ୍ୱତନ୍ତ୍ରତା ହରାଇଥିବା ଓଇଆରସି ଜରିଆରେ ରାଜ୍ୟ ସରକାର ବୃଦ୍ଧି କରିଥିବା ବିଦ୍ୟୁତ ଦର କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ । ବିଧାନସଭାର ପବିତ୍ର ଗୃହରେ ବିଭାଗୀୟ ମନ୍ତ୍ରୀ ବିଦ୍ୟୁତ ଦର ବୃଦ୍ଧି ଉପରେ ପୁର୍ନବିଚାର କରିବା ପାଇଁ ଓଇଆରସିକୁ ଚିଠି ଲେଖିବେ ବୋଲି ପ୍ରତିଶୃତି ଦେଇଥିଲେ ସୁଦ୍ଧା ୬ ମାସ ବିତିଗଲାଣି, କିନ୍ତୁ ଶକ୍ତିମନ୍ତ୍ରୀ ଏପର୍ଯ୍ୟନ୍ତ ଚିଠି ଖଣ୍ଡେ କାହିଁକି ଲେଖି ନାହାନ୍ତି ? ରାଜ୍ୟ ସରକାର ଘରୋଇ କମ୍ପାନୀ ପ୍ରୀତି ଛାଡି ବର୍ଦ୍ଧିତ ବିଦ୍ୟୁତ ଶୁଳ୍କକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଶ୍ରୀ ସିଂ ଦାବି କରିଛନ୍ତି । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ଏଥି ପାଇଁ ଶାସକ ବିଜେଡିର ବହୁ ମନ୍ତ୍ରୀ, ବିଧାୟକ ଓ ନେତାମାନେ ପ୍ରତ୍ୟକ୍ଷ ଭାବେ ଦାୟୀ । ବହୁର୍ଚ୍ଚିତ ମାହାଙ୍ଗା ଡବଲ୍ ମର୍ଡର ଘଟଣାରେ ରାଜ୍ୟ ଆଇନମନ୍ତ୍ରୀଙ୍କ ଦ୍ୱାରା କ୍ଷମତାକୁ ଅପବ୍ୟବହାର କରି ନିଜ ନାଁ ଚାର୍ଜସିଟରୁ ବାଦ୍ କରାଇଥିଲେ । ଗୃହବିଭାଗର ମୁଖିଆ ଭାବେ ମୁଖ୍ୟମନ୍ତ୍ରୀ ଏହି ଘଟଣାରେ ଅଭିଯୁକ୍ତଙ୍କୁ ସୁରକ୍ଷା ପ୍ରଦାନ କରୁଛନ୍ତି । ଦିବ୍ୟସିଂହ ବରାଳ ଓ କୁଳମଣି ବରାଳଙ୍କ ପରିବାରକୁ ନ୍ୟାୟ ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରଥମେ ଅଭିଯୁକ୍ତ ଆଇନମନ୍ତ୍ରୀ ଶ୍ରୀ ଜେନାଙ୍କୁ ତୁରନ୍ତ ତାଙ୍କ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରିବାକୁ ଶ୍ରୀ ସିଂ ଦାବୀ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମରେ ରାଜ୍ୟ ମୁଖପାତ୍ର ଦିଲୀପ ମହାନ୍ତି . ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହରେକୃଷ୍ଣ ଖୁଂଟିଆ, ରାଜେନ୍ଦ୍ର ପଣ୍ଡା, ରତିକାନ୍ତ ଦାସ, ରାଷ୍ଟ୍ରୀୟ ଯୁବ ମୋର୍ଚ୍ଚା ଉପାଧ୍ୟକ୍ଷ୍ୟା ଅର୍ପିତା ବଡଜେନା, ଜିଲ୍ଲା ସାଧାରଣ ସମ୍ପାଦକ ଅଭିଷେକ ଆଚାର୍ଯ୍ୟ ଓ ହିମାଂଶୁ ଛୋଟରାୟ, ଜିଲ୍ଲା ଉପସଭାପତି ବିଭାସ ସେନଗୁପ୍ତା, ନିରଞ୍ଜନ ରାଉତରାୟ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି ମନ୍ଦାକିନୀ ପାତ୍ର, ଜିଲ୍ଲା ଯୁବ ମୋର୍ଚ୍ଚା ସଭାପତି ରଶ୍ମିରଞ୍ଜନ ମୁଦୁଲି, ସୁମିତ୍ରା ଆଚାର୍ଯ୍ୟ, ପ୍ରତୀକ୍ଷା ମହାପାତ୍ର ପ୍ରମୁଖଙ୍କ ସମେତ ହଜାର ହଜାର କାର୍ଯ୍ୟକର୍ତା ଉପସ୍ଥିତ ଥିଲେ।

# ଛୁଆଙ୍କ ସଂକ୍ରମଣରେ ଲାଗୁନି ବ୍ରେକ୍

ଭୁବନେଶ୍ୱର ,୯/୯ (ନି.ପ୍ର): ରାଜ୍ୟରେ ଛୁଆଙ୍କ ସଂକ୍ରମଣରେ ଲାଗୁ ନାହିଁ ବ୍ରେକ । ଦୈନିକ ୧୦୦ରୁ ଅଧିକ ଛୁଆଙ୍କ କରୋନା ରିପୋର୍ଟ ପଜିଟିଭ୍ ଆସୁଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ୭୭୧ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ୧୧୭ ଜଣ ଛୁଆ ଅଛନ୍ତି, ଯେଉଁମାନଙ୍କ ବୟସ ଶୂନରୁ ୧୮ ବର୍ଷ ମଧ୍ୟରେ। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୪୪୮ଜଣ କ୍ୱାରେଣ୍ଟାଇନ୍‌ରେ ଥିଲେ। ବାକି ୩୨୩ଟି ହେଉଛି ଲୋକାଲ୍ କେସ୍ ? । ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୨୭ଜଣ ଚିହ୍ନଟ ହୋଇଥିବା ବେଳେ କଟକରୁ ୭୧, ଅନୁଗୋଳରୁ୧୬, ବାଲେଶ୍ୱରରୁ ୪୧, ବରଗଡ଼ରୁ୩, ଭଦ୍ରକରୁ ୧୫, ବଲାଙ୍ଗିରରୁ୨, ଦେବଗଡ଼ରୁ ୫, ଢେଙ୍କାନାଳରୁ୧୨, କଳାହାଣ୍ଡିରୁ ଜଣେ, ଗଞ୍ଜାମରୁ ୪, ଜଗତସିଂହପୁରରୁ୨୬, ଯାଜପୁରରୁ ୩୪, ଝାରସୁଗୁଡ଼ାରୁ ୯, କେନ୍ଦ୍ରାପଡ଼ାରୁ୧୪, କେନ୍ଦୁଝରରୁ୫, କୋରାପୁଟରୁ୧୧, ମାଲକାନଗିରିରୁ ୩, ମୟୂରଭଞ୍ଜରୁ ୧୯, ନବରଙ୍ଗପୁରରୁ ୩, ନୟାଗଡ଼ରୁ ଜଣେ, ପୁରୀରୁ ୨୧, ରାୟଗଡ଼ାରୁ ୧୧, ସମ୍ବଲପୁରରୁ ୧୭, ସୁନ୍ଦରଗଡ଼ରୁ ୧୩ ଓ ଷ୍ଟେଟ୍ ପୁଲ୍ ?ରୁ ୭୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହା ସହିତ ରାଜ୍ୟରେ ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୪ ହଜାର ୩୩୮କୁ ବୃଦ୍ଧି ପାଇଛି। ସେମାନଙ୍କ ମଧ୍ୟରୁ ୯ ଲକ୍ଷ ୯୯ ହଜାର ୧୬୫ ଜଣ ସୁସ୍ଥ ହୋଇ ସାରିଥିବା ବେଳେ ୭,୦୪୨ ଜଣ ଚିକିତ୍ସାଧୀନ ଅଛନ୍ତି। ରାଜ୍ୟରେ କରୋନାରେ ପ୍ରାଣ ହରାଇଥିବା ଆଉ ୮ ଜଣଙ୍କ ସଂପର୍କରେ ତଥ୍ୟ ଦେଇଛନ୍ତି ସରକାର।

# ଆଇ.ଏମ୍.ଏସ୍. ପକ୍ଷରୁ ଡେଙ୍ଗୁ ଓ କୋଭିଡ ସମ୍ପର୍କୀୟ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର,୯/୯ (ନି.ପ୍ର): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଦୁଇଟି ପୃଥକ ଜନସଚେତନତା କାର୍ଯ୍ୟକ୍ରମ ଆଚାର୍ଯ୍ୟ ବିହାର ସ୍ଥିତ ସାଇନ୍ସ ପାର୍କ ବସ୍ତିଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ସମ୍ ହସ୍ପିଟାଲର କୋଭିଡ ଅଧିକାରୀ ଡାକ୍ତର ରାକେଶ ଚନ୍ଦ୍ର କାଲେଟ୍ ଓ ଟେକ୍‌ନିସିଆନ୍ ରୂପେସ ଶତପଥି ଯୋଗ ଦେଇ କୋଭିଡ ଏବଂ ଡେଙ୍ଗୁ ରୋଗର ଲକ୍ଷଣ ଏବଂ ନିରାକରଣ ସମ୍ବନ୍ଧରେ ବସ୍ତି ବାସିନ୍ଦାଙ୍କୁ ସଚେତନ କରାଇଥିଲେ। ଡାକ୍ତର କଲେଟ୍ କହିଥିଲେ ଯେ କରୋନାର ତୃତୀୟ ଲହରରେ ପିଲାମାନେ ସଂକ୍ରମିତ ହେବାର ଆଶଙ୍କା ଥିବାରୁ ସଠିକ୍ ଭାବରେ ମାସ୍କ ପିନ୍ଧିବା, ସାନିଟାଇଜ୍ ହେବା ଏବଂ ସାମାଜିକ ଦୂରତା ଉପରେ ପ୍ରାଧାନ୍ୟ ଦେବା ସହିତ କାଶିବା ଏବଂ ଛିଙ୍କିବା ସମୟରେ ରୁମାଲ ବା ଟିସୁ ବ୍ୟବହାର କରିବା ନିତାନ୍ତ ଆବଶ୍ୟକ। ପିଲାମାନଙ୍କ ମଧ୍ୟରେ କୌଣସି ଅସ୍ୱାଭାବିକ ଲକ୍ଷଣ ଦେଖାଗଲେ, ତୁରନ୍ତ ନିକଟବର୍ତୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ଡାକ୍ତରଙ୍କ ସହିତ ପରାମର୍ଶ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ରୂପେସ ଶତପଥି ରୋଗପ୍ରତିରୋଧକ ସୃଷ୍ଟିକାରୀ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ଏବଂ ପିଲାମାନଙ୍କ ଦୁଇ ଡୋଜ୍ ଟିକା ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରତ୍ୟେକ ଘର ତଥା ବସ୍ତିର ପରିଷ୍କାର ପରିଚ୍ଛନତା ଉପରେ ସେ ଆଲୋକପାତ କରିଥିଲେ। ଏହି ଅବସରରେ ଆଇ.ଏମ୍.ଏସ୍.ର ଜାତୀୟ ସେବା ଯୋଜନା ଅଧିକାରୀ ଡଃ ଗାୟତ୍ରୀ ପଟ୍ଟନାୟକ ଏବଂ ରଘୁନାଥ ମଣ୍ଡଳ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ରୋଗର ନିରାକରଣ ସମ୍ବନ୍ଧୀୟ ଘରୋଇ ଉପଚାରର ଗୁରୁତ୍ୱ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ସାଇନ୍‌ସ୍ ପାର୍କ ବସ୍ତିର ସଭାପତି ରାମଚନ୍ଦ୍ର ମଝି, ସଂପାଦକ ସୁରେଶ ଚନ୍ଦ୍ର ମିଶ୍ର ଏବଂ ବହୁ ବସ୍ତି ବାସିନ୍ଦାଙ୍କ ସହିତ ଆଇ.ଏମ୍.ଏସ୍.ର ଜାତୀୟ ସେବା ଯୋଜନା ସ୍ୱେଚ୍ଛାସେବୀମାନେ ଯୋଗଦାନ କରିଥିଲେ। ପରିଶେଷରେ ଅନୁଷ୍ଠାନ ତରଫରୁ ବସ୍ତି ବାସିନ୍ଦା ମାନଙ୍କୁ ମାସ୍କ ଓ ସାନିଟାଇଜର ବଂଟନ କରାଯାଇଥିଲା।

# ଆଜାଦି କା ଅମୃତ ମହୋତ୍ସବ : ସୂଚନା ଓ ଲୋକସଂପର୍କ ବିଭାଗର ବିବିଧ କାର୍ଯ୍ୟକ୍ରମ

ଭୁବନେଶ୍ୱର,୯/୯ (ନି.ପ୍ର): ଆଜାଦି କା ଅମୃତ ମହୋତ୍ସବ' ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଭାରତୀୟମାନଙ୍କ ନିମନ୍ତେ ଏକ ଗୌରବମୟ ଉପଲବ୍ଧି । ଏହି ଦୁର୍ଲଭ ସ୍ୱାଧୀନତା ଲାଭ କରିବା ନିମନ୍ତେ ଆମର ପୂର୍ବସୂରୀମାନେ ଅଜସ୍ର ତ୍ୟାଗ ଓ ବଳିଦାନ ସ୍ୱୀକାର କରିଛନ୍ତି । ସେମାନଙ୍କ ସଂଗ୍ରାମ ଓ ଦେଶପ୍ରେମର କଥା ଓ ଗାଥାକୁ ଉତରପିଢ଼ିଙ୍କ ନିକଟରେ ବିଭିନ୍ନ ମାଧ୍ୟମରେ ପହଂଚିବା ସହ ସ୍ୱାଧୀନତାର ୭୫ ବର୍ଷରେ ଆମର ଉପଲବ୍ଧି, ସଫଳତାର ଉତ୍କର୍ଷକୁ ଉତ୍ସବରେ ପରିଣତ କରିବା ନିମନ୍ତେ ଆଜାଦି କା ଅମ୍ରିତ ମହୋତ୍ସବ ପାଳନ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ନୂତନ ଆଭିମୁଖ୍ୟ ଓ ସଂକଳ୍ପ ନେଇ ଏହି ମହୋତ୍ସବ ପାଳନରେ ବିଭାଗୀୟ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ସୂଚନା ଓ ଲୋକସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ବିଷ୍ଣୁପଦ ସେଠୀ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଆଜି ଅପରାହ୍ନରେ ସୂଚନା ଓ ଲୋକସଂପର୍କ ବିଭାଗ ସମ୍ମିଳନୀ କକ୍ଷରେ ଆଜାଦି କା ଅମ୍ରିତ ମହୋତ୍ସବ ପରିପ୍ରେକ୍ଷୀରେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ହେବାକୁ ଥିବା କାର୍ଯ୍ୟକ୍ରମ ସଂପର୍କିତ ବୈଠକରେ ଅଧ୍ୟକ୍ଷତା କରି ପ୍ରମୁଖ ଶାସନ ସଚିବ କହିଥିଲେ, ଏହି ମହୋତ୍ସବର ବାର୍ତା ସମାଜର ସବୁ ସ୍ତରରେ ବିଶେଷ କରି ଛାତ୍ରଛାତ୍ରୀ ଏବଂ ଯୁବବର୍ଗଙ୍କ ନିକଟରେ ପହଂଚିବା ଏକାନ୍ତ ଆବଶ୍ୟକ। ଏଥିପାଇଁ ବ୍ୟାପକ ନଥିକରଣ, ଆଲୋଚନା ଚକ୍ର, ପ୍ରଦର୍ଶନୀ ଆୟୋଜନ, ପୁସ୍ତକ ପ୍ରକାଶନ, କ୍ଷୁଦ୍ରଚିତ୍ର ନିର୍ମାଣ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମର ଡିଜିଟାଲ ସଂରକ୍ଷଣ ନିମନ୍ତେ ସେ ପରାମର୍ଶ ଦେଇଥିଲେ। ବିଭାଗୀୟ ନିର୍ଦ୍ଦେଶକ ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ ଆଜାଦି କା ଅମ୍ରିତ ମହୋତ୍ସବ ପାଇଁ ବିଭାଗ ତରଫରୁ ଯେଉଁସବୁ ପ୍ରମୁଖ କାର୍ଯ୍ୟକ୍ରମ ହାତକୁ ନିଆଯିବ ସେ ସମ୍ପର୍କରେ ବ୍ୟାପକ ଭାବରେ ଆଲୋଚନା କରିଥିଲେ। ୭୫ ବର୍ଷ ପୂର୍ତି ଅବସରରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଅଜ୍ଞାତ ମୁକ୍ତିଯୋଦ୍ଧାମାନଙ୍କ ଜୀବନୀ ସମ୍ବଳିତ ସ୍ୱତନ୍ତ୍ର ସଂକଳନର ପ୍ରକାଶନ ସହ ତାହାର ଡିଜିଟାଲ ସଂସ୍କରଣ ପ୍ରସ୍ତୁତି, ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ୧୯୭୦ ମସିହାରେ ପ୍ରକାଶିତ ଗାନ୍ଧୀଜୀ ଏବଂ ଓଡ଼ିଶା ପୁସ୍ତକର ପୁନଃପ୍ରକାଶନ ସହ ଡିଜିଟାଲ୍ ସଂସ୍କରଣ, ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁର ସ୍ୱତନ୍ତ୍ର ବିଶେଷାଙ୍କ ମଧ୍ୟ ପ୍ରକାଶ ପାଇବ। ଓଡ଼ିଶାର ୭୫ ଜଣ କୃତୀ ସନ୍ତାନଙ୍କ ସାମଗ୍ରିକ ଜୀବନ ଓ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଅବଦାନକୁ ନେଇ ୱେବିନାରମାନ ଆୟୋଜନ କରାଯିବ। ଇରମ୍, ପାପଡ଼ାହାଣ୍ଡି, କପ୍ତିପଦା, ସାଲିହା, ଇଂଚୁଡ଼ି, ଘେଁସ ଆଦି ସ୍ୱାଧୀନତା ସଂଗ୍ରାମର ସ୍ମୃତିଜଡ଼ିତ ଐତିହାସିକ ପୀଠଗୁଡ଼ିକରେ ଆଜାଦି କା ଅମ୍ରିତ ମହୋତ୍ସବ ପାଳନ କରାଯିବ। ଓଡ଼ିଶାର ନାରୀ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ନେଇ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ମଧ୍ୟ ଅନୁଷ୍ଠିତ ହେବ। ମୁକ୍ତି ସଂଗ୍ରାମରେ ଝାସ ଦେଇଥିବା ଅଜ୍ଞାତ ଯୋଦ୍ଧାମାନଙ୍କ ସଂପର୍କରେ କ୍ଷୁଦ୍ର ଚିତ୍ର ନିର୍ମାଣ କରି ଏହାକୁ ଦୂରଦର୍ଶନ ଏବଂ ସାମାଜିକ ଗଣମାଧ୍ୟମରେ ପ୍ରସାରଣ କରାଯିବ। ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ବକ୍ତୃତା, ପ୍ରବନ୍ଧ, ଦେଶାତ୍ମବୋଧକ କବିତା ଆବୃତି, ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର ଆୟୋଜନ କରାଯିବ। ୩୦ଟି ଜିଲ୍ଲାରେ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀମାନଙ୍କ ଦ୍ୱାରା ଆଜାଦି କା ଅମ୍ରିତ ମହୋତ୍ସବ ପାଳନ କରାଯିବ। ଏହିସବୁ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ବିଭାଗର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଏକ କମିଟି ଗଠନ କରାଯିବ। ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ପାଳନ କରାଯାଉଥିବା ବରପୁତ୍ରମାନଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବରେ ସ୍ୱାଧୀନତା ସଂଗ୍ରାମ ସଂପର୍କିତ ନାଟକ/ଦେଶାତ୍ମବୋଧକ ସଂଗୀତ କାର୍ଯ୍ୟକ୍ରମମାନ ନିୟମିତ ଭାବେ ଏକ ବର୍ଷ ବ୍ୟାପୀ ଆୟୋଜନ କରାଯିବ। ପ୍ରକାଶ ଥାଉ କି, ସମଗ୍ର ଦେଶରେ ସ୍ୱାଧୀନତାର ୭୫ ବର୍ଷ ପୂର୍ତି ଆଜାଦି କା ଅମ୍ରିତ ମହୋତ୍ସବ ଭାବରେ ପାଳନ କରାଯାଉଛି। ଏଥିପାଇଁ ଆସନ୍ତା ୨୦୨୨ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ରାଜ୍ୟ ବହୁବିଧ କାର୍ଯ୍ୟକ୍ରମ ଆୟୋଜନ କରିବା ନିମନ୍ତେ ନିଷ୍ପତି ନିଆଯାଇଛି।

# ଖଣି ନିଲାମ ପ୍ରକ୍ରିୟାକୁ କାର୍ଯ୍ୟକାରୀ କରି ଓଡ଼ିଶା ଉଦାହରଣ ସୃଷ୍ଟି କରିଛି : ମନ୍ତ୍ରୀ

ଭୁବନେଶ୍ୱର,୯/୯ (ନି.ପ୍ର): ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଏବଂ ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥାର ମିଳିତ ଆନୁକୂଲ୍ୟରେ ୧୦୦ ଜି-୪ ଖଣିଜ ଉତୋଳନ ବ୍ଲକ୍ କୁ ବିଭିନ୍ନ ରାଜ୍ୟକୁ ହସ୍ତାନ୍ତର କାର୍ଯ୍ୟକ୍ରମ ନୂଆଦିଲ୍ଲୀସ୍ଥିତ ଫିକି ଫେଡେରେସନ୍ ହାଉସ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟ ଇସ୍ପାତ ଓ ଖଣି, ପୂର୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଭର୍ଚୁଆଲ ମାଧ୍ୟମରେ ଯୋଗଦେଇ କେନ୍ଦ୍ର ସରକାରଙ୍କ ବିଭିନ୍ନ ନିୟମର ସଠିକ୍ ?ଅନୁପାଳନପୂର୍ବକ ରାଜ୍ୟ ପକ୍ଷରୁ କରାଯାଇଥିବା ବିଭିନ୍ନ ଖଣିଜ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଲେ ଯେ ରାଜ୍ୟ ସରକାର ଏମ୍ଏମ୍‌ଡିଆର(ସଂଶୋଧନ) ଆଇନ-୨୦୧୫ ଅନୁସାରେ ଖଣିଜ ଘୋରବାରୁଣି ସଗସାହି ଲୁହାପଥର ଖଣି ୨୦୧୫-୧୬ରେ ନିଲାମ କରାଯାଇଥିଲା, ଯାହାକି ଦେଶରେ ପ୍ରଥମ । ମାର୍ଚ୍ଚ ୨୦୨୦ରେ ମାଇନିଂ ଲିଜ୍ ଅବଧି ଶେଷ ହେଉଥିବା ୨୪ଟି ମିନେରାଲ ବ୍ଲକ୍ କୁ ମିଶାଇ ମୋଟ ୩୧ଟି ମିନେରାଲ ବ୍ଲକ୍ ର ନିଲାମ ପ୍ରକ୍ରିୟା ସଂପନ୍ନ କରାଯାଇଛି । ଅବଧି ଶେଷ ହୋଇଥିବା ୨୪ଟି ଖଣିରୁ ବର୍ତ୍ତମାନର ୧୯ଟିକୁ ଅନୁମୋଦନ ଦିଆଯାଇ କାର୍ଯ୍ୟକ୍ଷମ ରହିଛି। ନିଲାମଧାରୀଙ୍କ ଦ୍ୱାରା ଖଣିଜ ନିୟମ - ୨୦୧୫ର ଅନୁପାଳନ ହୋଇନଥିବା କାରଣରୁ ୫ଟି ଖଣି ଏହି ପ୍ରକ୍ରିୟାରୁ ବାଦ ପଡ଼ିଥିଲା । ୨୪ଟି ଖଣିର ନିଲାମ ଅବଧି ଶେଷ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସଠିକ୍ ସମୟରେ ନିଲାମ ପ୍ରକ୍ରିୟା କରାଯାଇଥିବାରୁ ଦେଶର ପ୍ରମୁଖ ଲୁହାପଥର ଶିଳ୍ପକୁ ଲୁହାପଥର ଯୋଗାଇବା ସମ୍ଭବପର ହୋଇପାରିଥିଲା। ଆଗାମୀ ଦୁଇ ମାସ ମଧ୍ୟରେ ରାଜ୍ୟ ଆଉ ୫ଟି ନୂଆ ଖଣିର ନିଲାମ ପ୍ରକ୍ରିୟା ଆରମ୍ଭ କରିବାକୁ ଯାଉଛି। ଭୂତାତ୍ତ୍ୱିକ ଖନନକୁ ସହଜ କରିବା ନିମନ୍ତେ ଆମେ ଓଡ଼ିଶା ମିନେରାଲ ଏକ୍ସପ୍ଲୋରେସନ୍ କର୍ପୋରେସନ୍ ପ୍ରତିଷ୍ଠା କରିଛୁ । ଭାରତୀୟ ଭୂବୈଜ୍ଞାନିକ ସର୍ବେକ୍ଷଣ ସଂସ୍ଥା ପକ୍ଷରୁ ପ୍ରକାଶ ପାଇଥିବା ୧୦୦ଟି ଜି-୪ ବ୍ଲକ୍ ମଧ୍ୟରେ ଓଡ଼ିଶାର ୭ଟି ସ୍ଥାନ ପାଇବା ଏକ ଭଲ ସଂକେତ।

## ବକ୍ରତୁଣ୍ଡ ମହାକାୟ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ବିଦ୍ୟାର୍ଥୀ ମାନେ ଗଣେଶ ବନ୍ଦନା ଗାଇ ପୁଷ୍ପାଳୀ ପ୍ରଦାନ କରନ୍ତି। ପ୍ରସାଦ ଖାଆନ୍ତି। ପ୍ରାୟ ସବୁ ବିଦ୍ୟାଳୟ ମାନଙ୍କରେ ଭୋଜିର ଆୟୋଜନ ହୋଇଥାଏ। ମାନ୍ୟଗଣ ବ୍ୟକ୍ତିଙ୍କୁ ଅତିଥି କରି ଡକା ଯାଇଥାଏ। ପରଦିନ ଗଣେଶ ମୂର୍ତ୍ତି ବିସର୍ଜନ କରାଯାଏ । ଏହି ପୂଜା ବିଦ୍ୟାର୍ଥୀଙ୍କ ମନରେ ପବିତ୍ରତା, ଭକ୍ତିଭାବନା ଆଣିଥାଏ। ଗଣେଶ ଗଣ ମାନଙ୍କର ପତି ଗଣପତି। ଗଣ କହିଲେ ଆର୍ଯ୍ୟ ଅନାର୍ଯ୍ୟ ସମସ୍ତଙ୍କୁ ବୁଝାଏ। ଜ୍ଞାନ, ବୁଦ୍ଧି ଓ ପାଠ ପାଇଁ ସେ ପୂଜିତ ହୁଅନ୍ତି। ତାଙ୍କର ବାହାନ ମୂଷିକ। ଗଜମସ୍ତକ ଏବଂ ମୂଷିକ ବାହାନ ସୂଚାଇ ଦିଏ ଯେ ଗଣଙ୍କର ପ୍ରଭୁ ଗଣନାଥ ବଡସାନ ଭେଦ ନ ରଖି ସମସ୍ତଙ୍କୁ ଆଦର କରନ୍ତି। ଦାକ୍ଷିଣାତ୍ୟର ଅଧିକାଂଶ ଲୋକ ଗଣେଶଙ୍କ ଭକ୍ତ। ଓଡିଶାର ମୁଖ୍ୟ ପୂଜା ଗଣେଶ ପୂଜା। ପୂଜା ପୂର୍ବରୁ ପେଣ୍ଡାଲ ମାନଙ୍କୁ ଆଲୋକ ମାଳାରେ ସଜାଯାଏ ମାଟିର ମୃଣ୍ମୟ ମୂର୍ତ୍ତି ପୂଜା ହୁଏ। ମୀନା ବଜାର ବସେ। ଯାତ୍ରା ହୁଏ। ବଡ ଧୁମ ଧାମରେ ପାଳିତ ହୁଏ ଚାରିଆଡେ ଦୋକାନ ବଜାର ବସେ। ବିଭିନ୍ନ ପ୍ରକାରର ଚଟପଟିଆ ଖାଦ୍ୟ ପଦାର୍ଥ ମିଳେ। ଏହି ପୂଜା କେଉଁଠି ତିନିଦିନ, ପାଂଚଦିନ, ସାତ ଦିନ ହୋଇ ପାଣିରେ ବିସର୍ଜନ କରାଯାଏ ତ ପୀଠ ମାନଙ୍କରେ ଦଶ ଦିନ ପାଳିତ ହୋଇ ଅନନ୍ତ ଚତୁର୍ଦ୍ଦଶୀରେ ବିସର୍ଜନ କରାଯାଏ। ମରାଠା ଛତ୍ରପତି ଶିବାଜୀଙ୍କ ସମୟରୁ ମହାରାଷ୍ଟ୍ରରେ ଗଣେଶ ପୂଜା ହୋଇ ଆସୁଅଛି। ଏହି ପୂଜା ବାଲ ଗଙ୍ଗାଧର ତିଲକ ଆରମ୍ଭ କରି ସବୁ ଜନସାଧାରଣଙ୍କ ମନରେ ଦେଶ ପ୍ରତି ଐକ୍ୟ, ସଂହତି ପ୍ରତିଷ୍ଠା କରିପାରିଥିଲେ। ମୂର୍ତ୍ତି ବିସର୍ଜନ ସମୟରେ ନଦୀ ପାଣି ଦୂଷିତ ହୋଇଥାଏ ମୂର୍ତ୍ତି ଗୁଡିକରେ ଲାଗିଥିବା ବିଭିନ୍ନ କିସମର ରଙ୍ଗ ଓ ପାଣିରେ ବିସର୍ଜିତ ହୋଇଥିବା ମୂର୍ତ୍ତି ଏବଂ ନଡା ଯୋଗୁଁ ପରିବେଶ ଦୂଷିତ ହୋଇଥାଏ । ଏହି ପାଣି ପିଇବା ଦ୍ୱାରା ଶରୀର ରୋଗଗ୍ରସ୍ତ ହୋଇଥାଏ। ତେଣୁ ଆସନ୍ତୁ ଏଥିପ୍ରତି ଦୃଷ୍ଟି ଦେବା ବଜାରରେ ମିଳୁଥିବା ଚଟପଟିଆ ଖାଦ୍ୟ ପ୍ରତି ଦୃଷ୍ଟି ଦେବା, ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଏବଂ ଏହି ପୂଜାର ଭରପୁର ମଜା ମିଳି ମିଶି ନେବା।

୨୦୧୯ ଶେଷଭାଗରେ କୋଭିଡ୍-୧୯ ବା କରୋନା ଭୂତାଣୁ ବିଶ୍ୱର ପ୍ରାୟ ସମସ୍ତ ଦେଶକୁ ଗ୍ରାସ କରି ଏକ ମହାମାରୀରେ ପରିଣତ ହୋଇ ସମସ୍ତ ସୁଖ, ଶାନ୍ତି, ରୋଜଗାର, ବନ୍ଧୁତା ଛଡ଼େଇ ନେଇଛି । ଆମ ଜୀବନ କାଳରେ କୋଭିଡ଼୍ -୧୯ ସବୁଠାରୁ ବଡ଼ ସଂକ୍ରମିତ ମହାମାରୀ । ହାତଧୋଇବା, ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ଆମ ଜୀବନର ଅବିଚ୍ଛନ୍ନ ଅଙ୍ଗ ହୋଇଯାଇଛି । ଲୋକମାନେ କରୋନା ଭୟରେ ପଦାକୁ ବାହାରିବାକୁ ଏବେମଧ ନିରାପଦ ମଣୁନାହାନ୍ତି । ମନ୍ଦିର, ସପିଙ୍ଗ ମଲ, ଦୋକାନ, ବଜାର ସବୁ ଆଡ଼େ କରୋନା ଜନିତ କଟକଣା ଜାରି କରାଯାଇଛି । ତେଣୁ ଏହିସବୁ ନିୟମକୁ ପାଳନ କରି ପର୍ବପର୍ବାଣିକୁ ପାର୍ବଣ ଋତୁରେ ଆମେ ଉତ୍ସବ ମୁଖର କରି ପାରିବା ।

+ ଗଙ୍ଗନଗର, ଭୁବନେଶ୍ୱର
(ମୋ)୭୯୭୮୧୧୦୪୭୪

## ଏବିଭିପି ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟଶାଳା




ବସ୍ତା,୦୯/୦୯ (ନି.ପ୍ର): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପସା ନଗର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଆନୁକୂଲ୍ୟରେ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି । ସଂଯୋଜକ ସତ୍ୟପ୍ରାଜ୍ଞ ବେହେରା ଏଥିରେ ପୌରହିତ୍ୟ କରିଥିଲେ । ମୁଖ୍ୟ ଅତିଥି ନୀଳମଣି ମହାବିଦ୍ୟାଳୟ ର ପ୍ରାଧ୍ୟାପକ ଡ଼ଃ ତପନ କୁମାର ବେହେରା ଓ ମୁଖ୍ୟ ବକ୍ତା ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଜୟନ୍ତ କୁମାର ପାଣିଗ୍ରାହୀ ଯୋଗ ଦେଇ ବ୍ୟକ୍ତିତ୍ୱ ବିକାଶ ର ବିଭିନ୍ନ ଦିଗ ସମ୍ପର୍କ ରେ ଆଲୋଚନା କରିଥିଲେ । ସରସ୍ୱତୀ ଶିଶୁ ମନ୍ଦିର ରେ ଆୟୋଜିତ ଏହି କାର୍ଯ୍ୟଶାଳା ରେ ଦଶମ, ଯୁକ୍ତ ୨, ଯୁକ୍ତ ୩ ଶ୍ରେଣୀ ର ୩୫ ଜଣ ଛାତ୍ରୀ ଛାତ୍ରଙ୍କ ସମେତ ବିଦ୍ୟାର୍ଥୀ ପରିଷଦ ର ନଗର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଦେଶର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ତାଲିକା....

ଆଇନରେ ବାଙ୍ଗାଲୋରର ନ୍ୟାସନାଲ ଲ' ସ୍କୁଲ ଅଫ୍ ଇଣ୍ଡିଆ ୟୁନିଭରସିଟି, ଡେଂଟାଲରେ ମଣିପାଲ କଲେଜ ଅଫ୍ ଡେଂଟାଲ ସାଇନ୍ସ ଶ୍ରେଷ୍ଠ ଶିକ୍ଷାନୁଭାବରେ ତାଲିକାର ଶୀର୍ଷରେ ରହିଛନ୍ତି । ଏହି ସବୁ ପ୍ରମୁଖ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଶ୍ରୀ ପ୍ରଧାନ ଅଭିନନ୍ଦନ ଜଣାଇବା ସହ ଚଳିତବର୍ଷ ଏହି ର୍ୟାକିଂ ଫେମଓ୍ୱାର୍କରେ ୬ ହଜାର ଶିକ୍ଷାନୁଷ୍ଠାନ ଭାଗ ନେବା ନେଇ ସେ ଖୁସିବ୍ୟକ୍ତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ନ୍ୟାସନାଲ ଇନଷ୍ଟିଚ୍ୟୁସନାଲ ର୍ୟାକିଙ୍ଗ୍ ଫେମଓ୍ୱାର୍କ୍ ବା ଏନଆଇଆରଏଫ ସଫଳତାର ସହ ଶିକ୍ଷା, ଶିକ୍ଷାଦାନ, ସମ୍ବଳ, ଗବେଷଣା ଏବଂ ବିଶେଷଜ୍ଞ, ଗ୍ରାଜୁଏଟ୍ ଆଉଟକମ, ଆଉଟରିଚ୍ ଏବଂ ଉଚ୍ଚ ଶିକ୍ଷାକୁ ସର୍ବବ୍ୟାପୀ କରିଛି। ରାଙ୍କିଂ ହେଉଛି ଶିକ୍ଷାନୁଷ୍ଠାନର ଗୁଣାତ୍ମକ ଏବଂ ଉତ୍କର୍ଷତାର ମାପଦଣ୍ଡ। ଆମକୁ ଆଂଚଳିକ ରାଙ୍କିଂ ଫେମଓ୍ୱାର୍କ ବିକଶିତ କରିବାକୁ ହେବ ଏବଂ ସୁନିଶ୍ଚିତ କରିବାକୁ ହେବ ଯେ ଆମର ରାକିଂ ଫେମଓ୍ୱାର୍କ କେବଳ ଦେଶରେ ନୁହେଁ ବରଂ ଯେପରି ବିଶ୍ୱ ଓ ବିକାଶଶୀଳ ଅର୍ଥନୀତି ପାଇଁ ବେଂଚମାର୍କ ଭାବେ ଉଭା ହେବ । ଭାରତୀୟ ସଂସ୍କୃତିରେ ଦାନର ଗଭୀର ପ୍ରାସଙ୍ଗିକତା ରହିଛି। ନୂଆ ଜାତୀୟ ଶିକ୍ଷା ନୀତି (ଏନଇପି) କ୍ଷବିଦ୍ୟାଦାନକୁ ପ୍ରୋତ୍ସାହିତ କରିବ। ଏକ ସୁଦୃଢ଼ ଏବଂ ଆଦର୍ଶ ଫ୍ରେମଓ୍ୱାର୍କ ଦେଶର ବୈଶ୍ୱିକ ଶିକ୍ଷା ଦୃଶ୍ୟପଟ୍ଟରେ ଯୋଗଦାନ ରଖିବ। ଜାତୀୟ ଶିକ୍ଷା ନୀତି ଆମର ଶିକ୍ଷା ବ୍ୟବସ୍ଥାକୁ ଆନ୍ତର୍ଜାତୀୟକରଣ କରିବାର ସୁଯୋଗ ମଧ ପ୍ରଦାନ କରିଥାଏ ବୋଲି ସେ କହିଛନ୍ତି ।

### ଆସନ୍ତା ୧୪ ତାରିଖ....

ସ୍ଥାନେ ସ୍ଥାନେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବ । ବାଲେଶ୍ୱର ଓ ସମୁଦ୍ର ସଂଲଗ୍ନ ଗଞ୍ଜାମ, ପୁରୀ ଓ ଜଗତ୍‌ସିଂହପୁରରେ ୧୪ ତାରିଖ ଭିତରେ ସମୁଦାୟ ୯୦ ମିମି ବର୍ଷା ହେବାକୁ ଥିବା ବେଳେ ଖୋର୍ଦ୍ଧା ସମେତ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକରେ ସମୁଦାୟ ୬୦ରୁ ୭୦ ମିମି ବର୍ଷା ହେବାର ସମ୍ଭାବନା ରହିଛି। ଉତ୍ତର ଅଭ୍ୟନ୍ତରୀଣରେ ସବୁଠାରୁ କମ୍ ବର୍ଷା ହେବ । ଏହି ଲଘୁଚାପ ଦ୍ୱାରା ଆନ୍ଧ୍ର, ତେଲେଙ୍ଗାନା ଓ ଦକ୍ଷିଣ ଛତିଶଗଡ଼ରେ ଅତିପ୍ରବଳ ବର୍ଷା ହେବ। ତାହାକୁ ନଜରରେ ରଖି ଚାଷୀମାନେ ସତର୍କ ହେବା ଆବଶ୍ୟକ । ୧୦ରୁ ୧୪ ପର୍ଯ୍ୟନ୍ତ ଜମିରେ ସାର ପ୍ରୟୋଗ କରନ୍ତୁ ନାହିଁ । ୧୪ରୁ ୧୭ ତାରିଖ ମଧ୍ୟରେ ଅଣଧାନ ଫସଲ ଲଗାଇବାକୁ ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି । ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶକ ଏଚ୍ ଆର ବିଶ୍ୱାସଙ୍କ କହିବାନୁଯାୟୀ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ । ସ୍ଥାନେ ସ୍ଥାନେ ପ୍ରବଳ ବର୍ଷାର ବି ସମ୍ଭାବନା ରହିଛି । ୧୧ ତାରିଖରେ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ପ୍ରଭାବରେ ବର୍ଷା ପରିମାଣ ବଢ଼ିବ । ଏବେ ବି ରାଜ୍ୟରେ ନିଅଣ୍ଟିଆ ବର୍ଷା ଲାଗିରହିଛି । ଜୁନ୍ ପହିଲାରୁ ଆଜି ସୁଦ୍ଧା ସ୍ୱାଭାବିକ ଭାବେ ୯୯୯.୪ ମିମି ବର୍ଷା ହେବା କଥା। ମାତ୍ର ଏବେ ସୁଦ୍ଧା ୭୩୩.୫ ମିମି ବର୍ଷା ହୋଇଛି । ୧୨ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୧୮ ଜିଲ୍ଲାରେ ନିଅଣ୍ଟିଆ ରହିଛି ।

### ଡେଙ୍ଗୁ ଚାଲିଛି ଅଜଣା ଜର....

କିନ୍ତୁ ଏହା ସତ୍ତ୍ୱେ ଆକ୍ରାନ୍ତଙ୍କ ମୃତ୍ୟୁ ସଂଖ୍ୟା ବଢୁଛି । ଫିରୋଜାବାଦରେ ପ୍ରାୟ ୫୫ ଜଣ ସଂକ୍ରମିତଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଉତ୍ତରପ୍ରଦେଶ ପରେ ଦିଲ୍ଲୀରେ ଦ୍ରୁତଗତିରେ ବଢୁଛି ସଂକ୍ରମଣ । ଦିଲ୍ଲୀର ପଟେଲନଗର ସ୍ଥିତ ବିଏଲକେ ଡାକ୍ତରଖାନାରେ ପ୍ରତି ୧୦ଜଣ ଶିଶୁରୁ ୬ଜଣ ଏହି ଜ୍ୱରରେ ପୀଡିତ । ସାର ଗଙ୍ଗାରାମ ହସ୍ପିଟାଲର ଓପିଡିରେ ମଧ ୮୦ପ୍ରତିଶତ ଶିଶୁ ଭାଇରାଲରେ ପୀଡିତ । ବିହାରରେ ମଧ ଏହି ସଂକ୍ରମଣ କାୟା ବିସ୍ତାର କରିଚାଲିଛି । ବିହାରର ପାଟଣା, ଛପରା, ଗୋପାଲଗଞ୍ଜ ଓ ସାରଣ ଜିଲ୍ଲାରେ ସଂକ୍ରମଣ ବ୍ୟାପି ସାରିଛି । ସାରଣ ଜିଲ୍ଲାରେ ଭାଇରଲ ଜ୍ୱରରେ ପୀଡିତ ୩ ଜଣ ଶିଶୁଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ୟୁପିର ପଡୋଶୀ ରାଜ୍ୟ ମଧ୍ୟପ୍ରଦେଶରେ ମଧ କାୟା ବିସ୍ତାର କରିବାରେ ଲାଗିଛି ଭାଇରାଲ ସଂକ୍ରମଣ । ଗ୍ୱାଲିଅର ସହରରେ ସଂକ୍ରମଣ ଲଗାତାର ଭାବେ ବଢୁଛି । ଭାଇରାଲ ଜ୍ୱର ଓ ଡେଙ୍ଗୁରେ ଆକ୍ରାନ୍ତ ଥିବା ୩୦ରୁ ଅଧିକ ଶିଶୁ ଜୟାରୋଗ୍ୟ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ଅନେକ ସ୍ଥାନରେ ଶିଶୁଙ୍କ ମଧରେ ଜ୍ୱର, ଥଣ୍ଡା ଓ କାସ ଭଳି ଲକ୍ଷଣ ଦେଖିବାକୁ ମିଳିଛି । ଫଳରେ ଡାକ୍ତରଖାନାରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ।

### ବିଧାନସଭାରେ ସଂକଳ୍ପ....

କୌଣସି ଦଳ ବିରୋଧ କରିନଥିଲେ । ଓବିସି ବର୍ଗ ଦେଶର ମୋଟ ଜନସଂଖ୍ୟାର ଅର୍ଦ୍ଧାଧିକ ଥିବାରୁ ଭୋଟ ହାତେଇବା ଲାଗି ସବୁ ଦଳ ଏହାକୁ ସମର୍ଥନ କରିଥିବା ଏକ ସ୍ୱାଭାବିକ ଅନୁମାନ । ତେବେ ବିଧେୟକ ପାସ ହେବା ପରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡିକ ଅନ୍ୟ ପଛୁଆ ବର୍ଗ, ଓବିସି ତାଲିକା ପ୍ରସ୍ତୁତ କରିପାରିବେ । ଦେଶର ୬୭୧ ଜାତି ଏଥିରୁ ଲାଭବାନ ହୋଇପାରନ୍ତି, ବିଭିନ୍ନ ସମୁଦାୟକୁ ସାମାଜିକ ଓ ଅର୍ଥନୈତିକ ନ୍ୟାୟ ମିଳିବ ବୋଲି ଯୁକ୍ତି ବାଢୁଛନ୍ତି ଅଧିକାଂଶ ରାଜନୈତିକ ଦଳ । ଚଳିତ ବିଧାନସଭାର ମୌସୁମୀ ଅଧିବେଶନ ସେପ୍ଟେମ୍ବର ୧ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଆଜି ଶେଷ ହୋଇଛି । ଚଳିତ ଅଧିବେଶନରେ ମୋଟ୍ ୮ଟି କାର୍ଯ୍ୟ ଦିବସ ଥିଲା । ଯେଉଁଥିରେ ସରକାରୀ କାର୍ଯ୍ୟଦିବସ ୭ ଟା ଏବଂ ଗୋଟିଏ ବେସରକାରୀ କାର୍ଯ୍ୟ ଦିବସ ରହିଥିଲା । ଏହି ଅଧିବେଶନରେ ତିନୋଟି ମୁଲତବୀ ପ୍ରସ୍ତାବ ଆସିଥିଲା ବେଳେ ୧୩ ଟି ବିଲ ପାରିତ ହୋଇଛି ।

### ଦୁଷ୍ମନ୍ତଙ୍କ ମୃତ୍ୟୁ ପାଇଁ ....

ମାର୍ଚ୍ଚ ୨୨ରେ ଏସସିବିରେ ପ୍ଲାଷ୍ଟିକ ସର୍ଜରୀ ବିଭାଗରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା । ସେହିପରି ଗତବର୍ଷ ଜୁନରେ ପୁଣି ଥରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା । ପରେ ଡାକ୍ତର ଭଲ ହୋଇଯିବ କହି ଏସସିବିରୁ ଡିସଚାର୍ଜ କରାଇଥିଲେ । ହେଲେ ସେ ଘରକୁ ଆସିବା ପରେ ଦୀର୍ଘଦିନ ପରେ ବି ଗୋଡ଼ରୁ ଯନ୍ତ୍ରଣା କମି ନଥିଲା । ବାମ ଗୋଡ଼ ସଠିକ ଭାବେ କାମ ନକରିବାରୁ ଚାଲିବା ବି ତାଂକ ପକ୍ଷେ କଷ୍ଟକର ହୋଇପଡ଼ିଥିଲା । ତେବେ ଏନେଇ ସେ ପରେ ଅନ୍ୟ ଡାକ୍ତରଙ୍କୁ ଯୋଗାଯୋଗ କରିଥିଲେ । ଆଉ ଏହାପରେ ଏସସିବିରେ ତାଙ୍କର ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ହୋଇଥିବା ଦୁଷ୍ମନ୍ତ ଅଭିଯୋଗ କରିଆସୁଥିଲେ ।

### ଆମେ ବିଜେପି କି କଂଗ୍ରେସକୁ ଭୟ ....

ରାଜ୍ୟବାସୀଙ୍କ ସ୍ୱାର୍ଥକୁ ନେଇ ଆମେ ବାଘ ଓ ସିଂହର ଭୂମିକା ନେଉଛୁ ଆଉ ଗର୍ଜନ କରିଛୁ । ସାଧାରଣ ଲୋକଙ୍କ ସାମସ୍ୟାକୁ ନେଇ ଗର୍ଜନ କରିଛୁ । କେନ୍ଦ୍ରକୁ ଆମେ ଭୟ କରୁନୁ। ନା କଂଗ୍ରେସକୁ ଭୟ କରୁଥିଲୁ ନା ବିଜେପିକୁ ଭୟ କରୁଛୁ ବୋଲି ସେ କହିଛନ୍ତି । ଶ୍ରୀ ମିଶ୍ର କହିଥିଲେ ଯେ ମରୁଡ଼ି ଆଲୋଚନା ବେଳେ ଆମେ ସାରା ରାଜ୍ୟରେ ମରୁଡି ଘୋଷଣା କରନ୍ତୁ ବୋଲି ଦାବି କରିଥିଲୁ। କିନ୍ତୁ ସେହି ସମୟରେ ରାଜସ୍ୱ ମନ୍ତ୍ରୀ କହିଥିଲେ ରାଜ୍ୟରେ ମରୁଡି ହୋଇନାହିଁ, ବର୍ଷା ଆଶଙ୍କା ରହିଚି, ସମୟ ଆସିଲେ ମରୁଡି ଘୋଷଣା କରାଯିବ। ଏବେ ଖଣି ଦୁର୍ନୀତିରୁ ରକ୍ଷା ପାଇବା ପାଇଁ କେନ୍ଦ୍ର ର ବୈମାତୃକ ମନୋଭାବ ଓ ଅବହେଳା କହିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ଯଦି ବାସ୍ତବରେ ଚାଷୀଙ୍କ ପ୍ରତି ଆନ୍ତରିକତା ରହିଛି ତେବେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କା ଦେଇ ରାଜ୍ୟ ସରକାର କାହିଁକି କିଣୁନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି ନରସିଂହ। ସେହିପରି ବେଦାନ୍ତ ଦୁର୍ନୀତି ପ୍ରସଙ୍ଗ ଉଠାଇ ରାଜ୍ୟସରକାର ଓ ମୁଖ୍ୟମନ୍ତ୍ରୀ ଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି।

## ମାଲଗାଡି ଧକ୍କାରେ ବୃଦ୍ଧର ମୃତ୍ୟୁ

ବସ୍ତା,୦୯/୦୯ (ନି.ପ୍ର): ବସ୍ତା ଷ୍ଟେସନ ର ଉତ୍ତର ଦିଗ ଟିକରାପଡା ରେଳ ଫାଟକର ନିକଟରେ ଅପଲାଇନ ୨୦୪/୩/୫ଖୁମ୍ବ ନିକଟରେ ସିଂଲା ଥାନାର ଶାସନ ଗ୍ରାମର ମଧୁସୁଦନ ମହାପାତ୍ର ଙ୍କ ପୁଅ ହରିଶ ମହାପାତ୍ର ବୟସ ୮୨ ମୃତ୍ୟୁ ଘଟିଛି । ସୂଚନାରୁ ପ୍ରକାଶ ଗୁରୁବାର ସମୟ ପ୍ରାୟ ସକାଳ ୧୨ ଟା ରେ ମାଲ ବୋଝେଇ ଗାଡିରେ ଧକ୍କା ହୋଇଥିଲା ଫଳରେ ଘଟଣା ସ୍ଥଳରେ ହରିଶ ମୃତ୍ୟୁ ଘଟିଥିଲା । ଖବର ପାଇ ବାଲେଶ୍ୱର ଜି ଆ ପି ରମେଶ ଚନ୍ଦ୍ର ପାଲାଟା ସିଂହ ଶବକୁ ଜବତ କରି ଏକ ଅପମୃତ ମାମଲା କେସ ନଂ ୪୨/୨୧ ରୁଜ କରି ତଦନ୍ତ ଜାରିରଖିଛନ୍ତି ।

## ଏଣିକି କେବଳ ରବିବାର ବନ୍ଦରହିବ ଶ୍ରୀମନ୍ଦିର

ପୁରୀ,୦୯/୦୯ (ନି.ପ୍ର): ପୂର୍ବରୁ ସପ୍ତାହରେ ୫ଦିନ ଭକ୍ତମାନଙ୍କୁ ଦର୍ଶନ ସୁଯୋଗ ମିଳଥିବାବେଳେ ଏବେ ୬ ଦିନ ଅର୍ଥାତ ଶନିବାର ମଧ ଶ୍ରଦ୍ଧାଳୁମାନଙ୍କ ଲାଗି ଶ୍ରୀମନ୍ଦିର ଖୋଲା ରହିବ। କେବଳ ରବିବାର ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଶ୍ରୀମନ୍ଦିରରେ ପୂର୍ବରୁ ସକାଳ ୭ଟା ଠାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦର୍ଶନାର୍ଥୀଙ୍କୁ ପ୍ରବେଶ ସୁଯୋଗ ମିଳୁଥିଲା। କିନ୍ତୁ ଏଣିକି ସକାଳ ୭ଟା ଠାରୁ ରାତି ୯ଟା ପର୍ଯ୍ୟନ୍ତ ଭକ୍ତମାନେ ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କୁ ଦର୍ଶନ କରିପାରିବେ। ଆସନ୍ତା ସୋମବାର ଠାରୁ ଜଗାଦର୍ଶନ ଲାଗି ଏହି ନୂତନ ଏସ୍‌ଓପି କାର୍ଯ୍ୟକାରୀ କରାଯିବ। ତେବେ ଗଣେଶ ପୂଜା,ବିଶ୍ୱକର୍ମା ପୂଜା,ବାମନଜନ୍ମ, ଦଶହରା ଓ କୁମାରପୂର୍ଣ୍ଣିମା ଭଳି ପାର୍ବଣ ସମୟରେ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ପ୍ରତ୍ୟେକ ରବିବାର ଶ୍ରୀମନ୍ଦିର ପରିସର ଓ ଏହାର ଚତୁଃପାର୍ଶ୍ୱକୁ ସାନିଟାଇଜ୍ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଶନିବାର ଓ ରବିବାର ରାଜ୍ୟସରକାରଙ୍କ ପକ୍ଷରୁ ସଟ୍‌ଡ଼ାଉନ୍ କଟକଣା ପ୍ରତ୍ୟାହୃତ ହେବା ପରେ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ସମ୍ପର୍କିତ ନିଷ୍ପତ୍ତି ନେବା ଲାଗି ଆଜି ଶ୍ରୀମନ୍ଦିର ମୁଖ୍ୟପ୍ରଶାସକ ଡ଼ କ୍ରିଷନ କୁମାରଙ୍କ ଅଧକ୍ଷତାରେ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ଏକ ଗୁରତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାପାଳ ସମର୍ଥ ବର୍ମା, ଏସ୍ ପି କନଓ୍ୱାର ବିଶାଳ ସିଂ ଓ ନବଗଠିତ ପରିଚାଳନା କମିଟିର ୫ ଜଣ ସଦସ୍ୟ ଯୋଗଦେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜାରି କଟକଣାର ପୁନଃସମୀକ୍ଷା ସମ୍ପର୍କରେ ବିଚାର ବିମର୍ଷ କରିଥିଲେ।

## ବହୁଜନ ସମାଜପାର୍ଟି ଭଦ୍ରକ ଜିଲ୍ଲା କମିଟିର ୨୦୨୧ ମସିହା ତିନି ସ୍ତରୀୟ ପଞ୍ଚାୟତ ଓ ମୁନିସିପାଲିଟି ନିର୍ବାଚନ ପ୍ରସ୍ତୁତି ବୈଠକ



ଭଦ୍ରକ,୦୯/୦୯ (ନି.ପ୍ର): ଗୁରୁବାର ବହୁଜନ ସମାଜପାର୍ଟି ଭଦ୍ରକ ଜିଲ୍ଲା କମିଟିର ଜିଲ୍ଲା ସଭାପତି ଇଂ ଶୁଭେନ୍ଦ୍ର କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଏକ ନିର୍ବାଚନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ଜିଲ୍ଲା ସଂଯୋଜକ ଇଂ ରାଜୀବ ଲୋଚନ ଜେନା ଭଦ୍ରକ ଜିଲ୍ଲାସ୍ଥ ଭଦ୍ରକ, ବାସୁଦେବପୁର, ଚାନ୍ଦବାଲି, ଧାମନଗର ଓ ଭଣ୍ଡାରିପୋଖରୀ ବିଧାନସଭାର କର୍ମକର୍ତ୍ତାଙ୍କ ପରିଚୟ ପ୍ରଦାନ କରିବା ସଂଗେ ସଂଗେ ଜିଲ୍ଲା କମିଟିର କର୍ମକର୍ତ୍ତା, ଭଦ୍ରକ ଲୋକସଭା ପ୍ରଭାରୀ ମାଧବାନନ୍ଦ ମଲ୍ଲିକ ଓ ମୁଖ୍ୟ ଅତିଥି ରାଜ୍ୟ ସାଧାରଣ ସମ୍ପାଦକ ଆଇନଜୀବୀ ଅର୍ଜ୍ଜୁନ ଚରଣ ମଲ୍ଲିକ ଯୋଗ ଦେଇଛନ୍ତି। ଏହି ଅବସରରେ ବିଧାନସଭା ମାନଙ୍କରୁ ପ୍ରଫୁଲ୍ଲ ଜେନା, ଶ୍ୟାମସୁନ୍ଦର ମଲ୍ଲିକ, ଦେବେନ୍ଦ୍ର ଜେନା, ଗୋପାଳ ରାମ, ସୁରେନ୍ଦ୍ର ମଲ୍ଲିକ, ନିର୍ମଳ ମଲ୍ଲିକ, ବିଦ୍ୟାଧର ଗୋଚ୍ଛାୟତ, ଧୀରେନ୍ଦ୍ର ଦାସ, ବାବୁଲି ସାହୁ, ପ୍ରଶାନ୍ତ ଦାସ, ସୁଶୀଲ ମଲ୍ଲିକ, ଅର୍ଜ୍ଜୁନ ମଲ୍ଲିକ, ସତ୍ୟବାନ ମଲ୍ଲିକ, ହିରଣ୍ୟ ଦାସ, ଦେବେନ୍ଦ୍ର ବେହେରା, କୁଳମଣି ମଲ୍ଲିକ, ନିରଞ୍ଜନ ଦାସ, ଶିବସୁନ୍ଦର ଜେନା, ସୁବାସ ଜେନା, ଶରତ ଚନ୍ଦ୍ର ଜେନା ଓ ଜିଲ୍ଲା କମିଟିର ସେକ୍ ରିୟାଜୁଦ୍ଦିନ, ସର୍ବେଶ୍ୱର ବେହେରା, ପଞ୍ଚାନନ ଜେନା, ନିର୍ମଳ ଜେନା, ଚନ୍ଦନ କୁମାର ଜେନା, ବ୍ରହ୍ମାନନ୍ଦ ମହାଳିକ, ବୁଦ୍ଧିରାମ ସାମଲ, ସହଦେବ ଖଣ୍ଡୱାଲା, ହାକିମ ଦାସ, ଚନ୍ଦନ କୁମାର ମହାଳିକଙ୍କ ସମେତ କଣ୍ଢେଇ ଜେନା, ସୁମିତ୍ରା ଜେନା, ରବିନ୍ଦ୍ର କୁମାର ବେହେରା, ମାନସ କୁମାର ମହାଳିକ, ବାଗୁଲ କୁମାର ଜେନା, ରାମହରି ଦାସ, ସୁଜିତ କୁମାର ଖୁଣ୍ଟିଆ, ସୁବାସ ଜେନା, ବିଶ୍ୱନାଥ ଜେନା, ନସିର ଅହମ୍ମଦ ପ୍ରମୁଖ ବହୁ କର୍ମୀ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଓ ମୁଖ୍ୟ ଅତିଥି ସମସ୍ତ ଉପସ୍ଥିତ ବିଧାନସଭା ଓ ଜିଲ୍ଲା କମିଟି ସଭ୍ୟମାନଙ୍କୁ ପ୍ରାଥମିକ ସଭ୍ୟ ହେବା ସଂଗେ ସଂଗେ ଯୁଦ୍ଧକାଳୀନ ଭିତ୍ତିରେ ବୁଥ ଓ ସେକ୍ଟର କମିଟିମାନ ଗଠନ କରି ପ୍ରତିମାସ ଜିଲ୍ଲା ସଂଯୋଜକ ସଭାପତି ଓ ଆବଶ୍ୟକ ହେଲେ ମୁଖ୍ୟବକ୍ତା ଓ ମୁଖ୍ୟ ଅତିଥିଙ୍କ ଜ୍ଞାତକୁ ଆଣିବାକୁ ପରାମର୍ଶ ଦେଇଥିଲେ। ସମସ୍ତ ସଭ୍ୟ ମାସିକିଆ ତାଲିମ ନୋବକୁ ମଧ ପରାମର୍ଶ ଦେଇଥିଲେ। ସର୍ବଶେଷରେ ଜିଲ୍ଲା ସଂଯୋଜକ ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଜିଲ୍ଲା ସଭାପତି ସଭା ସାଙ୍ଗ କରିଥିଲେ।

## ୨ବର୍ଷ ପରେ ପ୍ରେମିକ ପ୍ରେମିକା ବିବାହ ବନ୍ଧନରେ

ନୀଳଗିରି,୦୯/୦୯ (ନି.ପ୍ର): ଦୀର୍ଘ ୨ବର୍ଷ ପରେ ପ୍ରେମିକ ଓ ପ୍ରେମିକା ବିବାହ ବନ୍ଧନରେ ବାନ୍ଧି ହେବା ଘଟଣା ଅଞ୍ଚଳବାସୀଙ୍କୁ ଚକିତ କରିଛି। ଏତାଦୃଶ୍ୟ କାର୍ଯ୍ୟକୁ ସାଧାରଣରେ ବେଶ ପ୍ରଶଂସା କରାଯାଇଛି । ପ୍ରାପ୍ତ ସୂଚନା ଅନୁସାରେ ମାଟିଆଳି ଗ୍ରା.ପ. ନଟାପଡ଼ା ଅଞ୍ଚଳରେ ଦେବେନ୍ଦ୍ର ବେହେରାଙ୍କ ପୁତ୍ର ନିରଂଜନ (୨୨) ନୀଳଗିରି ଥାନା ଅଧିନସ୍ଥ ଗୋପିନାଥପୁର ଗ୍ରାମର ପ୍ରଭାକର ରାଉତର କନ୍ୟା ଆରତି (୨୦) କୁ ଭଲ ପାଇ ଆସୁଥିବା ବେଳେ ପରସ୍ପର ଶାରିରୀକ ସଂପର୍କ ରଖିଥିଲେ । ପରେ ଯୁବକ ଜଣକ ଯୁବତୀକୁ ଅନ୍ତସତ୍ୱା କରି ଭୂବନେଶ୍ୱର ଏକ ଇଟା ଭାଟିକୁ କାର୍ଯ୍ୟ କରିବାକୁ ପଳାଇଯାଇଥିଲା । ଯୁବକ ଜଣକ ଯୁବତୀଙ୍କ ସହିତ ସମସ୍ତ ପ୍ରକାର ସମ୍ପର୍କ ବିଚ୍ଛିନ୍ନ କରି ଧରାଛୁଆଁ ଦେଉ ନ ଥିଲା । ପରେ ଝିଅ ଘର ଲୋକେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ମୂଳେ ଉକ୍ତ ମାମଲାକୁ ନୀଳଗିରି ପୋଲିସ କୋର୍ଟକୁ ପଠାଇ ଦେଇଥିଲେ । କିଛି ମାସ ଧରି କୋର୍ଟରେ ମାମଲା ଚାଲିଥିବା ବେଳେ ଉଭୟ ପରିବାର ମଧ୍ୟରେ ଆପୋଷ ସମାଧାନ କରାଯାଇଥିଲା । ଇତି ଅବସରରେ ସେମାନଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା । ବର୍ତ୍ତମାନ ଶିଶୁପୁତ୍ରଟିର ୭/୮ ମାସ ହୋଇଥିବା ଜଣାପଡ଼ିଛି । ଆଜି ଉଭୟ ପୁଅ, ଝିଅ ନୀଳଗିରି ଥାନା ପରିସରରେ ଥିବା ଶିବ ମନ୍ଦିରରେ ପରସ୍ପରକୁ ଫୁଲ ମାଳ ଦେଇ ମହାପ୍ରଭୁ ଶିବଙ୍କୁ ସାକ୍ଷୀ ରଖି ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ନୀଳଗିରି ଥାନାରେ ଗ୍ରାମରକ୍ଷୀ ମନୋଜ ମଲିକଙ୍କ ଉପସ୍ଥିତିରେ ଉକ୍ତ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିବା ଦେଖିବାକୁ ମିଳିଛି । ନବଦମ୍ପତି ୨ଜଣ ମାଟିଆଳି ନଟାପଡ଼ା ଗ୍ରାମକୁ ଫେରି ଯାଇଥିବା ଜଣାପଡ଼ିଛି । ବିବାହ ସମୟରେ ଉଭୟ ପୁଅ ଓ ଝିଅ ଙ୍କ ପରିବାର ଲୋକେ ଉପସ୍ଥିତ ଥିଲେ ।

## ବସ୍ତାରେ ଆଦର୍ଶ ବିଦ୍ୟାଳୟ ସ୍ଥାନାନ୍ତରିତ ନେଇ ତହସିଲଦାରଙ୍କ ଅଫିସଆଗରେ ଧାରଣା ଓ ବିକ୍ଷୋଭ



ବସ୍ତା,୦୯/୦୯ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ପତ୍ର ଝଡା ପଂଚାୟତ ରେ ଆଦର୍ଶ ବିଦ୍ୟାଳୟ ସ୍ଥାନାନ୍ତରିତ ଦାବି ନେଇ ଆନ୍ଦୋଳନ ଜୋରଦାର ଦେଖିବାକୁ ମିଳିଛି ପୂର୍ବରୁ ସର୍ବଦଳୀୟ ବୈଠକ ରେ ନିଷ୍ପତ୍ତି ଅନୁସାରେ ଆଜି ବସ୍ତା ତହସିଲଦାର ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସ୍ତା ବାସୀ ଦଳ ମତ ନିର୍ବିଶେଷରେ ବସ୍ତା ର ହକ୍ ପାଇଁ ପ୍ରତି କୁଳ ପାଗ ସ୍ୱତେ ଧାରଣା ଓଃ ପ୍ରତିବାଦ ଅନୁଷ୍ଠିତ ହୋଇଯାଇଛି ସକାଳେ ବିଭିନ୍ନ ବର୍ଗର ଲୋକ ମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ହୋଇଥିଲେ ପରେ ଜିଲ୍ଲା କଂଗ୍ରେସ କମିଟି ର ସାଧାରଣ ସମ୍ପାଦକ ସୁଧାଂଶୁ ଶେଖର ଯେନା ଙ୍କ ସଭାପତିତ୍ୱ ଆୟୋଜିତ ଧାରଣାରେ ଆଦର୍ଶ ବିଦ୍ୟାଳୟ ଆନ୍ଦୋଳନ ର ଆବାହକ ପତ୍ରଝଡ଼ା ପଂଚାୟତ ର ସମିତି ସଭ୍ୟ କମୋଲ ଲୋଚନ ଜେନା ପ୍ରାରମ୍ଭିକ ସୁଚନା ଦେଇଥିଲେ ପତ୍ରଝଡ଼ା ପଂଚାୟତ ର ସରପଂଚଙ୍କ ପ୍ରତିନିଧି ଯୁବ ନେତା ଜଗଦୀଶ ସାହୁ ସ୍ୱାଗତ ଭାଷଣ ରଖିଥିଲେ ପରେ ଏହି ଧାରଣାରେ ରାଜ୍ୟ ବିଜୁଜନତା ଦଳ ର ସାଧାରଣ ସମ୍ପାଦକ ଶ୍ୟାମ ପ୍ରସାଦ ବେହେରା ଓ ବସ୍ତା ବ୍ଲକ କଂଗ୍ରେସ ସଭାପତି ତଥା ଆନ୍ଦୋଳନ କମିଟି ର ସଭାପତି ସତ୍ୟନାରାୟଣ ଗୁପ୍ତା ବସ୍ତା ବ୍ଲକ ବିଜୁଜନତା ଦଳ ର ସଭାପତି ସଦାନନ୍ଦ ପୁର ସରପଂଚ ଅନିଲ୍ କୁମାର ମହାନ୍ତି ପ୍ରଶାସନର ନିଷ୍ପତ୍ତି କୁ କଡା ସମାଲୋଚନା କରିଥିଲେ। ଜିଲ୍ଲା କଂଗ୍ରେସ କମିଟି ର ଉପସଭାପତି ମନୋଜ କୁମାର ମହାନ୍ତି ବ୍ରାହ୍ମଣଦା ପଂଚାୟତ ସମିତି ସଭ୍ୟ ରବିନ୍ଦ୍ର କୁମାର ଦାସ ମଥାନି ପଂଚାୟତ ସରପଂଚ ଅନିଲ କୁମାର ମହାପାତ୍ର ବାସୁଚକୁରାଇ ପଂଚାୟତ ସରପଂଚ ପୁର୍ଣ ଚନ୍ଦ୍ର ଦାସ ପତ୍ରଝଡ଼ା ପଂଚାୟତ ବିଜେଡି ସଭାପତି ନାରାୟଣ ସାହୁ ବ୍ଲକ୍ କଂଗ୍ରେସ ଉପସଭାପତି ପ୍ରଭାଶ ମଣ୍ଡଳ ଜୟନ୍ତ କୁମାର ମହାପାତ୍ର ବ୍ଲକ ବିଜେଡି ମିଡିଆ ସଂଯୋଜକ ବିରାଜ ସିଂ ଦେଓ ଶୁଶାନ୍ତ କୁମାର ପରିଡ଼ା ଅଭୟ ଲେଙ୍କା ଅନ୍ତର୍ଯ୍ୟାମୀ ପୃଷ୍ଟି ବିଜୟ ସାହୁ ଅରୁଣ ମଣ୍ଡଳ ସେକ୍ ମୁସ୍ତାକ ଲାଲୁ ଚରଣ ପୃଷ୍ଟି ଶୁଶାନ୍ତ ପରିଡ଼ା ଚୈତନ୍ୟ ଗୋଛୟତ ମଦନ ଭକ୍ତା ମଦନ ଚରଣ ଯେନା ଜିଲ୍ଲା କଂଗ୍ରେସ ସମ୍ପାଦିକା ସୁକାନ୍ତି ଭକ୍ତା ସମିତି ସଭ୍ୟ ସତ୍ୟମହାପାତ୍ର ପୁର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଅଜୟ କୁମାର ସାହୁ ବିଦ୍ୟାଧର ବେହେରା ସମାଜ ସେବୀ ରାଧାଶ୍ୟାମ ଗୁପ୍ତା ପୁର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ନାୟକ ଙ୍କ ପ୍ରମୁଖ ବସ୍ତା ଅଂଚଳ ର ବୃଦ୍ଧି ଜିବୀ ସମାଜ ସେବୀ ରାଜ ନେତା ଙ୍କ ନେତୃତ୍ୱ ରେ ବହୁ ଲୋକ ଧାରଣା ରେ ବସି ରହି ପ୍ରତିବାଦ କରିଥିଲେ । ପରେ ତହସିଲଦାର ଅନୁପସ୍ଥିତ ଥିବା ହେତୁ ଆନ୍ଦୋଳନ କାରି ମାନେ ତହସିଲ କାର୍ଯ୍ୟାଳୟ କୁ ଧସେଇ ପସିବା ପାଇଁ ଚେଷ୍ଟା କରୁଥିଲେ ପରିସ୍ଥିତି ଅଣାୟତ ହେବାରୁ ତହସିଲଦାର ଆନ୍ଦୋଳନ ସ୍ଥଳୀ ରେ ପହଞ୍ଚି ବୁଝା ସୁଝା କରି ଆଗାମୀ ସମବାର ପ୍ରଶାସନ ଓ ଆନ୍ଦୋଳନ କାରି ଙ୍କ ଏକ ପ୍ରତିନିଧି ଦଳ ସହିତ ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡିଥିଲା ଏବଂ ଆଗମି ଦିନ ରେ ଯଦି ପ୍ରଶାସନ ଙ୍କ ନିଷ୍ପତ୍ତି ପରିବର୍ତ୍ତନ ନ ହୁଏ ଆନ୍ଦୋଳନ ଆହୁରି ଜୋରଦାର ହେବ ବୋଲି ଗଣମାଧମକୁ ସୁଚନା ଦିଆଯାଇଥିଲା ଏହି ଦଳ ମତ ନିର୍ବିଶେଷରେ ରାଜନେତା ସମାଜସେବୀ ବୃଦ୍ଧି ଜିବୀ ଙ୍କ ସମେତ ବସ୍ତା ଅଂଚଳ ର ସମସ୍ତ ଗଣମାଧମ ର ପ୍ରତିନିଧି ମାନେ ଉପସ୍ଥିତ ଥିଲେ।

## ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ପ୍ରତିବାଦ କରି ବିଏମ୍‌ଏସ୍‌ର ବିକ୍ଷୋଭ

ଭଦ୍ରକ,୦୯/୦୯ (ନି.ପ୍ର): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବର୍ତ୍ତମାନର ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧିକୁ ରୋକିବାରେ ବିଫଳ ହୋଇଛନ୍ତି। ଦୀର୍ଘ ଦୁଇବର୍ଷ ଧରି କରୋନା ଦେଶବାସୀଙ୍କ ମେରୁଦଣ୍ଡକୁ ଭାଙ୍ଗି ଦେଇଥିବା ବେଳେ ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟବୃଦ୍ଧି ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର କୌଣସି ନିୟନ୍ତ୍ରଣ ନାହିଁ। ଉଭୟ ସରକାର ୨୦୧୪ ଏବଂ ୨୦୧୯ ସାଧାରଣ ନିର୍ବାଚନ ସମୟରେ ଦେଶବାସୀଙ୍କୁ ଦେଇଥିବା ପ୍ରତିଶୃତି ପାଳନ କରିବାରେ ବିଫଳ ହୋଇଛନ୍ତି। କରୋନା ପାଇଁ ବହୁ ଶିଳ୍ପ ସଂସ୍ଥା ବନ୍ଦ କାରଣରୁ ବେରୋଜଗାରୀ ବଢ଼ିଛି। କର୍ମଚାରୀଙ୍କ ବେତନ ହ୍ରାସ ହୋଇଛି। ପେଟ୍ରୋଲ ଡିଜେଲର ଅହେତୁକ ଦରବୃଦ୍ଧି ଯୋଗୁ ନିତ୍ୟବ୍ୟବହାର୍ଯ୍ୟ ପଦାର୍ଥ ମୂଲ୍ୟ ବହୁଗୁଣିତ ହୋଇଛି। ଏହା ଉଭୟ ସରକାରଙ୍କ ବିଫଳତାର ପରିଚୟ ଦେଇଛି ବୋଲି ଆଜି ଭାରତୀୟ ମଜଦୁର ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଓ ପ୍ରତିବାଦ ସଭାରେ ଆରୋପ କରାଯାଇଛି । ଏହି ଅବସରରେ ଏକ ଦଶ ଦଫା ଦାବି ସମ୍ବଳିତ ଦାବିପତ୍ର ଉଭୟ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହି ଦାବିରେ ବସ୍ତୁ ନିର୍ମାତାମାନେ ସେମାନଙ୍କ ଉତ୍ପାଦିତ ପଦାର୍ଥ ଉପରେ ମୂଲ୍ୟ ଘୋଷଣା କରିବା, ପେଟ୍ରୋଲିୟମ ପଦାର୍ଥକୁ ଜିଏସ୍‌ଟି ଅନ୍ତର୍ଭୁକ୍ତ କରାଯାଉ, କୃଷକମାନଙ୍କୁ ଲାଭଯୁକ୍ତ ମୂଲ୍ୟ ପ୍ରଦାନ ସହିତ କୃଷି ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବା, ଖାଇବା ତେଲ, ଡାଲି ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାର ଯୋଜନା ଓ ନୀତି ପ୍ରସ୍ତୁତ କରିବା, ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମରୁ ନିର୍ଦ୍ଦିଷ୍ଟ ଦୈନନ୍ଦିନ ବ୍ୟବହୃତ ଦ୍ରବ୍ୟର ପୁନଃ ଅନ୍ତର୍ଭୁକ୍ତ କରିବା ସହିତ ମୂଲ୍ୟ ନିୟନ୍ତ୍ରଣ ଉପରେ କଠୋର ନିର୍ଦ୍ଦେଶ କାର୍ଯ୍ୟକାରୀ କରାଯିବା, ଜନସାଧାରଣଙ୍କ ସ୍ୱାର୍ଥରେ ଜାତୀୟ ଅତ୍ୟାବଶ୍ୟକ ଔଷଧ ତାଲିକାରେ ଆବଶ୍ୟକୀୟ ପରିବର୍ତ୍ତନ, ସମଗ୍ର ଭାରତ ବର୍ଷରେ ଆଣ୍ଟି ଟ୍ରଷ୍ଟ ଆଇନକୁ କଠୋରତାର ସହିତ ଲାଗୁ କରିବାକୁ ଦାବି କରାଯାଇଛି । ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ମନୋଜ ବସନ୍ତରାୟଙ୍କ ନେତୃତ୍ୱରେ ସମର୍ଥକମାନେ ବାଲଗୋପାଳ ମନ୍ଦିରରୁ ବାହାରି ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ଶ୍ରୀଯୁକ୍ତ ବସନ୍ତରାୟଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସମ୍ପାଦକ ମୁକ୍ତିକାନ୍ତ ସାହୁ, ସଂଗଠନ ସମ୍ପାଦକ ପରେଶ ନାଥ ଧଳ, କମଳାକାନ୍ତ ସାହୁ, ଜିତୁବାବୁ ଦାସ, ପ୍ରକାଶ ପାତ୍ର, ବଳରାମ ନାୟକ, ମାଳତୀ ଜେନା, ସରସ୍ୱତୀ ଜେନା, ଚନ୍ଦ୍ରଶେଖର ଜେନା, ନିମାଇଁ ଚରଣ ନାୟକ, ପ୍ରଶାନ୍ତ ସେଠୀ, ଜିତୁ ପ୍ରକାଶ ଦାସ, କୃପାସିନ୍ଧୁ ମଲ୍ଲିକ, ପ୍ରଦିପ୍ତ କିଶୋର ପଣ୍ଡା, ସତ୍ୟ ନାରାୟଣ ନାୟକ, ବିଶ୍ୱମ୍ଭର ଜେନା, ସୁବାସିନୀ ପୃଷ୍ଟି, ସତ୍ୟପ୍ରକାଶ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ଗୋଟିଏ ଦିନରେ ୭୭୧ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୯/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୭୧ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୧୩୫୬୭ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୧୧୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୯୯୯୧୬୫ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୭୦୪୨ ରହିଛି। ଆଜି ଚିହ୍ନଟ ହୋଇଥିବା ୭୭୧ ଜଣଙ୍କ ମଧ୍ୟରୁ ୪୪୮ ଜଣ ସଂଗରୋଧରୁ ହୋଇଥିବା ବେଳେ ୩୨୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୩୨୭ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୪୧ ଜଣ, ବରଗଡ଼ରୁ ୩ ଜଣ, ଭଦ୍ରକରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୭୧ , ଦେବଗଡ ଜିଲ୍ଲାରୁ ୫ ଜଣ, ଢେଙ୍କାନାଳ ଜିଲ୍ଲାରୁ ୧୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଞ୍ଜାମରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୨୬ ଜଣ, ଯାଜପୁରରୁ୩୪ ଜଣ, ଝାରସୁଗୁଡ଼ାରୁ ୯ ଜଣ ସଂକ୍ରମିତ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ କଲେଜ ଅଧ୍ୟକ୍ଷ ଏବଂ ଏନ.ଏସ.ଏସ. ପ୍ରୋଗ୍ରାମ ଅଫିସରଙ୍କ ରିଭ୍ୟୁ ମିଟିଂ ଅନୁଷ୍ଠିତ




ବାରିପଦା,୦୯/୦୯ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ମୟୂରଭଞ୍ଜ ଜିଲ୍ଲାର ଜାତୀୟ ସେବା ଯୋଜନା ୟୁନିଟ ଥିବା ସମସ୍ତ ଯୁକ୍ତ ଦୁଇ, ଯୁକ୍ତ ୩ ଏବଂ ଡିଭାଇନ ଓ ଏମ.ଏସ.ଇ ଇଂଜିନିୟରିଂ ମହାବିଦ୍ୟାଳୟ ମାନଙ୍କର ଅଧ୍ୟକ୍ଷ ଏବଂ ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ମାନଙ୍କୁ ନେଇ ଏକ ଦିବସୀୟ ରିଭ୍ୟୁ ମିଟିଂ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଉଚ୍ଚ ଶିକ୍ଷା ବିଭାଗ ଏସ୍.ଏ.ନ.ଓ ତଥା ଡେପୁଟି ସେକ୍ରେଟେରୀ ଡକ୍ଟର ରମେଶ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଅଧ୍ୟକ୍ଷ ଏବଂ ପ୍ରୋଗ୍ରାମ ଅଫିସରମାନଙ୍କର ଆପତ୍ତି ଅଭିଯୋଗ ଧୈର୍ଯ୍ୟର ସହିତ ଶୁଣିଥିଲେ ଏବଂ ଉଚ୍ଚ ଶିକ୍ଷା ବିଭାଗ ଏବଂ କୁଳପତିମାନଙ୍କ ସହିତ ଆଲୋଚନା କରି ବିହିତ ପଦକ୍ଷେପ ନେବେ ବୋଲି କହିଥିଲେ । ସମସ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ପ୍ରୋଗ୍ରାମ ଅଫିସରମାନେ ଯୋଗ ଦେଇଥିବାରୁ ମୟୂରଭଞ୍ଜ ଜିଲ୍ଲା ଜାତୀୟ ସେବା ଯୋଜନା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବ ବୋଲି କହିଥିଲେ । ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡକ୍ଟର ଶୁଭେନ୍ଦୁ ଦାସ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ଜାତୀୟ ସେବା ଯୋଜନା କାର୍ଯ୍ୟକାରୀ କଲା ବେଳେ ଉପୁଜିଥିବା ଅସୁବିଧା ଉପରେ ଆଲୋକପାତ କରିବା ସହିତ ବିହିତ ପଦକ୍ଷେପ ନିମନ୍ତେ ଉଚ୍ଚ ଶିକ୍ଷା ବିଭାଗ ଏସ.ଏନ.ଓ ତଥା ଡେପୁଟୀ ସେକ୍ରେଟେରୀଙ୍କୁ ଅନୁରୋଧ କରିଥିଲେ । ମୟୂରଭଞ୍ଜ ଜିଲ୍ଲା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସ୍ମୃତି ରଂଜନ ଦାସ ଜିଲ୍ଲାରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଏନ.ଏସ.ଏସ. ରିଜିଓନାଲ ଡାଇରେକ୍ଟର ମିସ୍ ସରିତା ପଟେଲ ଅସୁସ୍ଥତା ହେତୁ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରି ନ ଥିଲେ ମଧ୍ୟ ତାଙ୍କର ବାର୍ତ୍ତା ବିଷୟରେ ସମସ୍ତଙ୍କୁ ଅବଗତ କରାଯାଇଥିଲା । ଓ.ୟୁ.ଏ.ଟିର ଏନ.ଏସ.ଏସ. ପ୍ରଶିକ୍ଷକ ନିରୋଦା ବରଣ ଖୁଣ୍ଟିଆ, ଏନ.ଏସ.ଏସ.ର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ନିଜର ମନ୍ତବ୍ୟ ଦେବା ସହିତ ଆଗାମୀ ବର୍ଷରେ କିଭଳି କାର୍ଯ୍ୟକ୍ରମ କରାଯାଇପାରିବ ସମସ୍ତଙ୍କୁ ବୁଝାଇଥିଲେ । ୧୦.୩୦ରୁ ୧୧.୩୦ ମିନିଟ ମଧ୍ୟରେ ରିଭ୍ୟୁ ମିଟିଂର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ମହାବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଏବଂ ନୃତ୍ୟ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗରେ ବିଜନେସ ସେସନ କାର୍ଯ୍ୟକ୍ରମ ଉଚ୍ଚ ଶିକ୍ଷା ବିଭାଗ ଏସ.ଏନ.ଓ ତଥା ଡେପୁଟୀ ସେକ୍ରେଟେରୀ ଡକ୍ଟର ରମେଶ ଚନ୍ଦ୍ର ବେହେରା, ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ସଂଯୋଜକ ଡକ୍ଟର ଶୁଭେନ୍ଦୁ ଦାସ, ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ସ୍ମୃତି ରଂଜନ ଦାସ ଏବଂ ଓ.ୟୁ.ଏ.ଟି ଏନ.ଏସ.ସ ପ୍ରଶିକ୍ଷକ ନିରୋଦା ବରଣ ଖୁଣ୍ଟିଆଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା ।

# ଏଚଡିଏଫସି ବ୍ୟାଙ୍କ ପକ୍ଷରୁ ୭ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୩ ଲକ୍ଷ ଟଙ୍କାର ଋଣ ପ୍ରଦାନ



ବାଲେଶ୍ୱର,୦୯/୦୯ (ନି.ପ୍ର): ଏଚଡିଏଫସି ବ୍ୟାଙ୍କ ପକ୍ଷରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଋଣ ପ୍ରଦାନ ଉତ୍ସବ ସହରର ଫକୀର ମୋହନ ଗୋଲେଇସ୍ଥିତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାଙ୍କୁ ସ୍ୱାବଲମ୍ବୀ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଯୋଜନା କାର୍ଯ୍ୟକାରିତାରେ ଏଚଡିଏଫସିର ଭୂମିକା ବେଶ ପ୍ରଶଂସନୀୟ ବୋଲି କହିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀମାନେ ଆତ୍ମନିର୍ଭରଶୀଳ ହେବା ପାଇଁ ଏହି ଋଣ ଅର୍ଥକୁ ଉଚିତ ମାର୍ଗରେ ବିନିଯୋଗ ନିମନ୍ତେ ସେ ପରାମର୍ଶ ଦେଇଥିଲେ। ବ୍ୟାଙ୍କର ବାଲେଶ୍ୱର ଶାଖା ପରିଚାଳକ ପ୍ରାର୍ଥ ସାରଥୀ ମଲ୍ଲିକ, ରେମୁଣା ଶାଖା ପରିଚାଳକ ତାପସ କୁମାର ଦାସ, ପ୍ରୁଫରୋଡ଼ ଶାଖା ପରିଚାଳକ ଅସିତ ରାୟ, ଏଚଡିଏଫସି ଜୀବିକା ମିଶନ ଆଞ୍ଚଳିକ ପରିଚାଳକ ବିଭୂତି ଭୂଷଣ ଭୋଳ, ସରକାରୀ ବ୍ୟାଙ୍କିଙ୍ଗ ବିଭାଗ ମୁଖ୍ୟ ସୁଜିତ କୁମାର ରାଉଳ, ସରକାରୀ କାର୍ଯ୍ୟକ୍ରମ ସଂଯୋଜନା ଆଞ୍ଚଳିକ ପରିଚାଳକ ଅରୁଣାଂଶୁ ପରିଡ଼ା ପ୍ରମୁଖ ଏହି ଋଣ ପ୍ରଦାନ ଉତ୍ସବରେ ଯୋଗଦେଇ ବ୍ୟାଙ୍କର କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ସରକାରୀ ଯୋଜନା କାର୍ଯ୍ୟକାରିତା ଓ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ନେଇ ବ୍ୟାଙ୍କ ପକ୍ଷରୁ ସମ୍ପ୍ରତି ଅଧିକ ଗୁରୁତ୍ୱ ଦିଆଯାଉଥିବା ଅଧିକାରୀମାନେ ସୂଚନା ଦେଇଥଲେ। ପ୍ରଥମ ପର୍ଯ୍ୟାୟରେ ୭ ଗୋଟି ଗୋଷ୍ଠୀଙ୍କୁ ୧୩.୧୫ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିବା ବେଳେ ଆଗାମୀ ଦିନରେ ବାଲେଶ୍ୱର ଜିଲାର ବିଭିନ୍ନ ଅଞ୍ଚଳରୁ ପଞ୍ଜୀକୃତ ତଥା ସକ୍ରିୟ ଏସଏଚଜିଙ୍କୁ ଋଣ ପ୍ରଦାନ ଧାରା ଜାରି ରହିବ ବୋଲି ବ୍ୟାଙ୍କ ଅଧିକାରୀମାନେ କହିଥିଲେ। ଏଥିରେ ସ୍ୱୟଂ ସହାକ ଗୋଷ୍ଠୀର କର୍ମକର୍ତ୍ତାମାନେ ଯୋଗଦେଇ ଋଣଅର୍ଥ ଗ୍ରହଣ କରିବା ସହ ସରକାରଙ୍କ ମିଶନ ଶକ୍ତି ଯୋଜନା କାର୍ଯ୍ୟକାରୀରେ ବ୍ୟାଙ୍କର ଏତାଦୃଶ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ।

# କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କଲେ ବାଲେଶ୍ୱରର ଯୁବନେତା ମାନସ



ବାଲେଶ୍ୱର,୦୯/୦୯ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ ସହ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଜାତୀୟ ରାଜନୀତିରେ ଅଧିକ ଗୁରୁତ୍ୱ ବହନ କରୁଥିବା ଉତ୍ତରପ୍ରଦେଶ ନିର୍ବାଚନ ପରିଚାଳନା ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ନୂଆ ପରିଚୟ ଦେବ ବୋଲି ଶ୍ରୀ ଦତ୍ତ ଆଶା ପ୍ରକାଶ କରିଛନ୍ତି । ଦଳ ନିଶ୍ଚିତ ଭାବରେ ବିଜୟ ହାସଲ କରିବ ବୋଲି ସେ ଦୃଢ଼ ମତ ପ୍ରକାଶ କରିଛନ୍ତି । ଏଥି ସହିତ ବାଲେଶ୍ୱର ରାଜନୀତିର ବିଭିନ୍ନ ଦିଗ ଓ ସଦର ନିର୍ବାଚନମଣ୍ଡଳୀର ବିଜେପର ବର୍ଦ୍ଧିତ ସାଂଗଠନିକ ସ୍ଥିତି ସମ୍ପର୍କରେ ଶ୍ରୀ ଦତ୍ତ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଅବଗତ କରିଥିଲେ।

# ଭିନ୍ନ ଭିନ୍ନ ସ୍ଥାନରେ ସାପ ଉଦ୍ଧାର

ନୀଳଗିରି,୦୯/୦୯ (ନି.ପ୍ର): ନୀଳଗିରି ଉପଖଣ୍ଡରେ ଆଜି ଭିନ୍ନ ଭିନ୍ନ ସ୍ଥାନରେ ସାପ ଉଦ୍ଧାର କରାଯାଇଛି । ନୀଳଗିରି ଏନ.ଏ.ସି. ଅନ୍ତର୍ଗତ ବରିସାହି ଗ୍ରାମର ମାଳୀ କୁଅଁର ବାଡ଼ି ପଛ ପଟେ ଥିବା କାଠ ଭାଡ଼ିରେ ଏକ ସାଢ଼େ ୫ଫୁଟ ଲମ୍ବର ଋଣା ସାପ ଗର୍ଜନ କରୁଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ । ଖବର ପାଇ ସାପ ଧରାଳି ହରେକୃଷ୍ଣ ରାଉତ ପହଞ୍ଚି ସାପକୁ ଉଦ୍ଧାର କରି ସ୍ୱର୍ଣ୍ଣଚୂଡ଼ ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡ଼ିଛି । ଅନୁରୂପ ଭାବେ ଆଜି ସନ୍ଧ୍ୟାରେ ମିରିଗିଣି ଗ୍ରାମର ଭାଗବତ ବେହେରା ତାଙ୍କ ଘର ଭିତରେ ୫ଫୁଟ ଲମ୍ବର ତମ୍ପ ସାପ ପଶି ବତୁକ ଛୁଆ ଖାଉଥିବା ବେଳେ ନିଜେ ଭାଗବତ କୌଶଳ କ୍ରମେ ତମ୍ପଟିକୁ ଧରି ନିଜ ବେକରେ ପକାଇ ନୀଳଗିରି ବଜାର ରେ ବୁଲୁଥିବା ଜଣାପଡ଼ିଛି । ତେବେ ଉକ୍ତ ତମ୍ପଟିକୁ କୁଲଡିହା ଜଙ୍ଗଲରେ ଛାଡ଼ି ଦେଇଥିବା ଜଣାପଡ଼ିଛି ।

# ରାଜଧାନୀରୁ ଆଉ ୨୫୮ ପଜିଟିଭ୍

ଭୁବନେଶ୍ୱର,୦୯/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଂଚଳରୁ ଗୁରୁବାର ଦିନ ଆଉ ୨୫୮ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଆକ୍ରାନ୍ତଙ୍କ ମଧ୍ୟରୁ ସଂଗରୋଧରୁ ୪୫ ଓ ସ୍ଥାନୀୟ ଅଂଚଳରୁ ୨୧୩ ଜଣ ସଂକ୍ରମିତ ଅଛନ୍ତି । ସେହିପରି ଗତ୨୪ ଘଂଟାରେ୧୫୮ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ଏ ନେଇ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଟୁଇଟ ଜରିଆରେ ସୂଚନା ଦିଆଯାଇଛି । ଭୁବନେଶ୍ୱରରେ ଏଯାଏଁ ଆକ୍ରାନ୍ତଙ୍କ ସଂଖ୍ୟା ୧୦୮୭୯୦ରେ ପହଂଚିଛି । ଏଥିରୁ ୧୦୪୫୪୫ ଜଣ ସୁସ୍ଥ ହୋଇସାରିଥିବା ବେଳେ ୧୦୦୯ ଜଣଙ୍କର ମୃତ୍ୟୁ ହୋଇଛି । ଏବେ ରାଜଧାନୀର ବିଭିନ୍ନ କୋଭିଡ ହସ୍ପିଟାଲ ସମେତ ଘରୋଇ ସଂଗରୋଧରେ ୩୨୧୫ଜଣ ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରହିଛି ।

# ଭାରତୀୟ ମଜଦୁର ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ବାଲେଶ୍ୱର,୦୯/୦୯ (ନି.ପ୍ର): ବିଭିନ୍ନ ଦାବି ନେଇ ଭାରତୀୟ ମଜଦୁର ସଂଘ (ବିଏମଏସ) ପକ୍ଷରୁ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରରେ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା ସହ ଜିଲାପାଳଙ୍କ ଦପ୍ତର ଆଗରେ ପହଞ୍ଚିଥିଲେ। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ବିଏମଏସର ରାଜ୍ୟ ସଭାପତି ଶ୍ରମିକ ନେତା ପୃଥୀରାଜ ପଣ୍ଡା, ରାଜ୍ୟ ସମ୍ପାଦିକା ସୁମିତା ମହାପାତ୍ର, ଜିଲା ସଭାପତି ଶକୁନ୍ତଳା ଗୋଚ୍ଛାୟତ, ଜିଲା ସମ୍ପାଦକ ପଦ୍ମଲୋଚନ ରାୟ, ପ୍ରହ୍ଲାଦ ପରିଡ଼ା, କହ୍ଲଲତା ଦାସ ପ୍ରମୁଖ ଯୋଗଦେଇ ଶାସନ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅପରାଗତାକୁ ତୀବ୍ର ସମାଲୋଚନା କରିଥିଲେ। ଉଭୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ନିର୍ଦ୍ଧାରଣ ଓ କାର୍ଯ୍ୟକାରିତା ଯୋଗୁଁ ସାଧାରଣ ଜନତା ଦୈନନ୍ଦିନ ଜୀବନରେ ନାନାବିଧ ସମସ୍ୟା ଭୋଗୁଥିବା ସେମାନେ କହିଥିଲେ। ବିଶେଷ କରି ଦେଶର ବେରୋଜଗାରଙ୍କ ସଂଖ୍ୟା ବୃଦ୍ଧି ସାଙ୍ଗକୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଆକାଶଛୁଆଁ ଦର ସାଧାରଣ ଲୋକଙ୍କ ଜୀବନ ଧାରଣର ମାନ ହ୍ରାସ କରିଦେଇଥିବା ବକ୍ତାମାନେ କହିଥିଲେ। ୧୮ ମାସର କରୋନା କାଳରେ ଗରିବ, ମଧ୍ୟବିତ୍ତ ଓ ନିମ୍ନପ ମଧ୍ୟବିତ୍ତ ବର୍ଗଙ୍କ ସ୍ଥିତି ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଏଭଳି ସ୍ଥିତିରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମୂଲ୍ୟ ବୃଦ୍ଧି ନିୟନ୍ତ୍ରଣ ପାଇଁ ଉପଭୋକ୍ତା ଆଇନର ସଂଶୋଧନ ଆଣିବା, ସମସ୍ତ ପେଟ୍ରୋଲିୟମ ଉତ୍ପାଦ ସହିତ ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟ ବୃଦ୍ଧିକୁ ନିୟନ୍ତ୍ରଣରେ ରଖିବା, ପେଟ୍ରୋଲିୟମ ପଦାର୍ଥକୁ ଜିଏସଟି ଅନ୍ତର୍ଭୁକ୍ତ କରବା, କୃଷକମାନଙ୍କୁ ଲାଭଯୁକ୍ତ ମୂଲ୍ୟ ପ୍ରଦାନ ସହିତ କୃଷି ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେବା, ଖାଦ୍ୟ ସାମଗ୍ରୀର ମୂଲ୍ୟ ନିୟନ୍ତ୍ରଣ ପାଇଁ ଖାଇବା ତେଲ, ଡାଲି ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତି କ୍ଷେତ୍ରରେ ସରକାର ନୂତନ ଯୋଜନା ଓ ନୀତି ପ୍ରସ୍ତୁତ କରିବା, ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମରେ ଦୈନନ୍ଦିନ ବ୍ୟବହୃତ ଦ୍ରବ୍ୟକୁ ପୁନଃ ସାମିଲ କରିବା, ବାଲେଶ୍ୱର ଜିଲାରେ ବନ୍ଦ ଥିବା ବିର୍ଲା ଟାୟାର୍ସ ଏବଂ ବାଲେଶ୍ୱର ଆଲୋଏଜ ଶିଳ୍ପାନୁଷ୍ଠାନକୁ କାର୍ଯ୍ୟକ୍ଷମ ସହ ଶ୍ରମିକମାନଙ୍କର ବକେୟା ପ୍ରାପ୍ୟ ତୁରନ୍ତ ପ୍ରଦାନ କରିବା, କରୋନା ସମୟରେ ନିର୍ଭିକ ଭାବେ କାର୍ଯ୍ୟ କରୁଥିବା ଅଙ୍ଗନବାଡି, ଆଶା କର୍ମୀ ଏବଂ ଆଶା ସାଥୀମାନଙ୍କୁ ସମସ୍ତ ସରକାରୀ ସୁବିଧା ପ୍ରଦାନ କରିବା, ବିଦ୍ୟାଳୟରେ ରୋଷେଇ କରୁଥିବା ପାଚିକା ମାନଙ୍କର ବକେୟା ଅର୍ଥ ପ୍ରଦାନ କରିବା, ସାମ୍ବାଦିକଙ୍କୁ ସୁରକ୍ଷା ପ୍ରଦାନ ପ୍ରଭୃତି ପାଇଁ ସଂଗଠନ ପକ୍ଷରୁ ଏହି ପ୍ରତିବାଦ ସଭାରେ ଦାବି କରାଯାଇଥିଲା।

# ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ସ୍ୱତନ୍ତ୍ର ମୁଖପତ୍ର ଉନ୍ମୋଚିତ

ଭୁବନେଶ୍ୱର,୦୯/୦୯ (ନି.ପ୍ର): ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ତରଫରୁ ସ୍ୱତନ୍ତ୍ର ମୁଖପତ୍ର "ଇନସ୍‌ପାୟାର - ଏନପାୱାର" ପୁସ୍ତକ ଉନ୍ମୋଚିତ ହୋଇଯାଇଛି । ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ର ଏହାକୁ ଉନ୍ମୋଚନ କରି ଭିନ୍ନକ୍ଷମ ବ୍ୟକ୍ତିମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ ଏବଂ ସରକାର ମଧ୍ୟ ନିରନ୍ତର ଭାବରେ ସେମାନଙ୍କ ବିକାଶ ପାଇଁ ଉଦ୍ୟମ ଜାରି ରଖିବାକୁ ପରାମର୍ଶ ଦେଇଥିଲେ । ଉକ୍ତ ପୁସ୍ତକରେ ଓଡ଼ିଶାର ଭିନ୍ନକ୍ଷମମାନେ ହାସଲ କରିଥିବା ସ୍ୱତନ୍ତ୍ର ଉପଲବ୍ଧିର ବିଶେଷ ବିବରଣୀ ରହିଛି ।

# ଅବସରପ୍ରାପ୍ତ ରେଳ ବାଣିଜ୍ୟିକ ଅଧିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା




କଟକ,୦୯/୦୯ (ନି.ପ୍ର): ଅବସରପ୍ରାପ୍ତ ରେଳ ବାଣିଜ୍ୟିକ ଅଧିକ୍ଷକ ଭିକାରୀ ଚରଣ ସାମନ୍ତରାୟ ଓ ବିମ୍ବାଧର ଗଡ଼ନାୟକଙ୍କର ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ କୋଭିଡ୍ ନିୟମାବଳୀ ଅବଲମ୍ବନ ପୂର୍ବକ ଏକ ବିଦାୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ଏଥିରେ ଭୁବନେଶ୍ୱର ରେଳ ଷ୍ଟେସନ ନିର୍ଦ୍ଦେଶକ ସି.ଆର ନାୟକ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ସହକାରୀ ବାଣିଜ୍ୟିକ ପ୍ରବନ୍ଧକ ଦୀନବନ୍ଧୁ ସାହୁ, ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଜତିନ୍ଦ୍ର କୁମାର ରଥ ଓ ଶରତ ଚନ୍ଦ୍ର ଦାସ ଯୋଗ ଦେଇଥିଲେ । ଭୁବନେଶ୍ୱର ମୁଖ୍ୟ ରେଳ ବାଣିଜ୍ୟିକ (ବୁ) ଅଧିକ୍ଷକ ସୁମନ ରାୟ ସଭା କାର୍ଯ୍ୟ ପରିଚାଳନା କରିବା ସହ ଭୁବନେଶ୍ୱର ମୁଖ୍ୟ ବାଣିଜ୍ୟିକ (ପଣ୍ୟ) ଅଧିକ୍ଷକ ତଥା ଇଚ୍ଛାତୀର୍ଥ ସ୍ମୃତି ସଂସଦର ପ୍ରତିଷ୍ଠାତା ଉତ୍କଳ ଭୂଷଣ ରାଉତରାୟ ସ୍ୱାଗତ ଭାଷଣ ଦେବା ସହ ସଂସଦ ପକ୍ଷରୁ ଚଳିତ ବର୍ଷର ଶ୍ରେଷ୍ଠ ସଂଗଠକ/୨୦୨୧ ସମ୍ମାନରେ ଶ୍ରୀ ସାମନ୍ତରାୟ ଓ ଶ୍ରୀ ଗଡ଼ନାୟକଙ୍କୁ ସମ୍ମାନିତ କରିବା ସହ ଉପଢୌକନ, ମାନପତ୍ର, ନାମାବଳୀ, ପୁଷ୍ପଗୁଚ୍ଛ ଓ ସାନିଟାଇଜର ପ୍ରଦାନ କରିଥିଲେ । ରୁକ୍ମଣୀ ସାହାଣୀ ଓ ସୁଚରିତା ପ୍ରଧାନ ମାନପତ୍ର ପାଠ କରିଥିଲେ । ଏହି ସଭାରେ ଖୋର୍ଦ୍ଧା ରୋଡ୍ ରେଳ ମୁଖ୍ୟ ବାଣିଜ୍ୟିକ (ବୁ) ଅଧିକ୍ଷକ କୁମୁଦିନୀ ମହାପାତ୍ର, କଟକ ରେଳ ମୁଖ୍ୟ ବାଣିଜ୍ୟିକ (ବୁ) ଅଧିକ୍ଷକ ସାବିତ୍ରୀ ବେହେରା, ସୁଶାନ୍ତ କୁମାର ଦାଶ, ଭୁବନେଶ୍ୱର ରେଳ ବାଣିଜ୍ୟିକ (ସଂରକ୍ଷଣ) ଅଧିକ୍ଷକ ବିଭୀଷଣ ନାୟକ, ସୁଦର୍ଶନ ଜେନା, ମୁଖ୍ୟ ବାଣିଜ୍ୟିକ (ପାର୍ସଲ) ଅଧିକ୍ଷକ ସନ୍ତୋଷ କୁମାର, ଅସିତ୍ ମହାନ୍ତି, ପ୍ରଫୁଲ୍ଲ ଜେନା, ଶୁଭଲକ୍ଷ୍ମୀ ପଟ୍ଟନାୟକ, ଏ. ସୀତାମ୍ମା, ଏ. ସିରିସା, ପ୍ରଭାତ କୁମାର ଜେନା, ବିକେ ପ୍ରସାଦ, ରବିନ୍ଦ୍ର କୁମାର ଦାସ, ସଞ୍ଜୀବ କୁମାର ନାୟକ ଓ ଏଲୋରା ଦାସ ପ୍ରମୁଖ ଯୋଗ ଦେଇ ଦୁଇ ବିଦାୟୀ ସହକର୍ମୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଆଗାମୀ ଭବିଷ୍ୟତ ସୁଖମୟ, ଶାନ୍ତିମୟ କାମନା କରିଥିଲେ ।

# ସାଂସଦ ତଥା କେନ୍ଦ୍ର ମନ୍ତ୍ରୀଙ୍କ ବାର୍ଷିକ ରିପୋର୍ଟ କାର୍ଡ ପ୍ରଦାନ



ବାରିପଦା,୦୯/୦୯ (ନି.ପ୍ର): ମୟୂର ଭଞ୍ଜ ସାଂସଦ ତଥା କେନ୍ଦ୍ର ଜଳଶକ୍ତି ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ ଆଜି ବାରିପଦା ହୋଟେଲ ଅମ୍ବିକା ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ନିଜ ସଂସଦୀୟ କ୍ଷେତ୍ରର ବାର୍ଷିକ ରିପର୍ଟକାର୍ଡ ୨୦୨୧ପ୍ରଦାନ କରିଥିବାର ଜଣାଯାଇଛି । ୨୦୧୯ ନିର୍ବାଚନ ସମୟରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସାଂସଦ ମାନେ ସେମାନଙ୍କର ବାର୍ଷିକ ରିପର୍ଟ କାର୍ଡ ପ୍ରଦାନ କରି ଜନସାଧାରଣଙ୍କ ନିକଟରେ ନିଜର ଉତର ଦାୟୀତ୍ୱ ତୁଲାଇବାକୁ ପ୍ରତିଶୃତିବଦ୍ଧ ହେବା ଦରକାର ବୋଲି କହିଥିଲେ । ତେବେ ପ୍ରଧାନମନ୍ତ୍ରୀଙ୍କ କଥାକୁ ପାଳନ କରି ଓଡିଶାର ୨ଜଣ ସାଂସଦ ବିଶେଶ୍ୱର ଟୁଡୁ ଓ ଅପରାଜିତା ଷଡଙ୍ଗୀ ସେମାନଙ୍କର ବାର୍ଷିକ ରିପର୍ଟକାର୍ଡ ବିଗତ ୨ ବର୍ଷ ହେଲା ନିୟମିତ ଭାବେ ପ୍ରଦାନ କରିଆସୁଛନ୍ତି। ଏହି ରିପର୍ଟ କାର୍ଡରେ ସାଂସଦ ନିଜ ସଂସଦୀୟ କ୍ଷେତ୍ରରେ କରିଥିବା ଉନ୍ନୟନ ମୂଳକ ଜନକଲ୍ୟାଣ କାରୀ କାର୍ଯ୍ୟର ତାଲିକା ପ୍ରଦାନ କରାଯିବା ସହିତ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଉଲ୍ଲେଖ ରହିଛି । ତେବେ କରୋନା ମହାମାରୀ ସମୟରେ ସାଂସଦ ଉନ୍ନୟନ ପାଂଠି ବନ୍ଦ ରହିଛି ଏବଂ ପ୍ରତକ୍ଷ୍ୟ ଯୋଗାଯୋଗ ସମ୍ଭବ ହୋଇ ପାରିନଥିବା ବେଳେ, ବହୁ ଉନ୍ନୟନ ମୂଳକ କାର୍ଯ୍ୟକାରୀତାରେ ବ୍ୟାଘାତ ସୃଷ୍ଟି ହୋଇଥିଲେ ମଧ୍ୟ ମୟୂରଭଞ୍ଜ ସାଂସଦ ତଥା କେନ୍ଦ୍ର ମନ୍ତ୍ରୀ ଇଂ ଟୁଡୁ ନିଜ ସଂସଦୀୟ କ୍ଷେତ୍ରର ବିକାଶ ପାଇଁ ରାସଗୋବିନ୍ଦପୁର ବିମାନ ଘାଟିର ଉନ୍ନତିକରଣ ପାଇଁ ପ୍ରଚେଷ୍ଟା କରିବା ସହିତ ଏହି ବିମାନ ଘାଟି ଏବେ ଉଡ୍ଡାନ ଯୋଜନାରେ ସାମିଲ ହୋଇଥିବା ଏବଂ ଆଗକୁ ବିଶେଷଜ୍ଞ ଟିମ କ୍ଷେତ୍ର ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବାର କହିଥିଲେ । ସେହିପରି ରେଳ ବିକାଶ କ୍ଷେତ୍ରରେ ବୁଢାମରା ଚାକୁଳିଆ ନୂତନ ରେଳ ଲାଇନ ପାଇଁ ଝାଡଖଣ୍ଡ ଓ ଓଡିସା ସରକାରଙ୍କ ସହ ଆଲୋଚନା ପାଇଁ ପ୍ରସ୍ତୁତି ଚାଲିଥିବାର କହିଥିଲେ । ସେହିପରି ରେଳବିଦ୍ୟୁତ କରଣ କାମ କିଛିଭାଗ ସରିଥିବା ବେଳେ, ଆଗକୁ ଅଧିକ କାର୍ଯ୍ୟ କରାଯିବା, ବାଙ୍ଗିରିପୋଷୀ ମାଲଗୋଦାମ ନିର୍ମାଣ, ବାଙ୍ଗିରିପୋଷୀ ବାଦାମ ପାହାଡ ରେଳପଥ ସଂଯୋଗୀକରଣ, ବିଶାଖାପାଟନା, ପୁରି ଆଦି ସ୍ଥାନକୁ ନୂତନ ଟ୍ରେନ ଚଳାଚଳ ଆଦି ବିଷୟରେ ରେଳ ବିଭାଗକୁ ପ୍ରସ୍ତାବ ଦିଆଯାଇଥିବାର କହିଥିଲେ । ଜିଲ୍ଲାରେ ରହିଥିବା ନିକୋ, ବ୍ରାଇଟ ଗ୍ଲାସ, କାଠପାଳ ସ୍ପିନିଂ ମିଲ, ଶୁକ୍ଳି ସ୍ପଂଚ ଆଇରନ କାରଖାନା ଆଦି ଶିଳ୍ପ ସଂସ୍ଥାର ପୁନରୁଦ୍ଧାର ପାଇଁ ଆଲୋଚନା କରାଯାଇଛି । ଜାତୀୟ ରାଜପଥର ବିକାଶ ପାଇଁ ବେତନଟୀ, ବାରିପଦା, କୁଚେଇ, କୁଳିଅଣା, କଳାବାଡିଆ, ବିଶୋଇ, ଧୋବାଡିହା, ଟଙ୍ଗାବିଲା ଆଦି ସ୍ଥାନରେ ଗଳାପୋଲ ଏବଂ ଫୁଟ ଅଭରବ୍ରିଜ ଆଦି ନିର୍ମାଣ କରାଯାଉଛି । ଦ୍ୱାଶୁଣି ଘାଟିରାସ୍ତାର ସ୍ଥାୟୀ ସମାଧାନ ତଥା ପ୍ରଶସ୍ତି କରଣ ପାଇଁ ବନ ବିଭାଗ ଅନୁମତି ତଥା ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ପାଇଁ ଉଚ୍ଚ ସ୍ତରୀୟ ଆଲୋଚନା ହୋଇଥିବା ବେଳେ, ଯାଇଥିବା ୨ୟ ପ୍ରସ୍ତାବର ଫାଇଲ ଓଡିସା ସରକାରଙ୍କ ନିକଟରେ ରହିଛି । ତାହା କେନ୍ଦ୍ର ସରକାରଙ୍କ ନିକଟକୁ ଗଲା ପରେ ତୁରନ୍ତ ସେବିଷୟରେ ବିବାଗ ପକ୍ଷରୁ ନିଷ୍ପତି ନିଆଯିବ ବୋଲି କହିଛନ୍ତି । ଜିଲ୍ଲାରେ ପର୍ଯ୍ୟଟନର ବିକାଶ ପାଇଁ ବରେହିପାଣି, ଦେବକୁଣ୍ଡ, ଶମୀବୃକ୍ଷ, ବୋଡ ଯୋଡ ବନ୍ଧ ଆଦି ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବାର ଜଣାଇଥିଲେ । ସେହିପରି ଜଳସେଚନ କ୍ଷେତ୍ରରେ ଜିଲ୍ଲାରେ ରହିଥିବା ବହୁ ପୁରୁଣା ବନ୍ଧ ଗୁଡିକର ଉନ୍ନତିକରଣ ପାଇଁ ଯୋଜନା ଚାଲିଥିବା ବେଳେ, ସୁବର୍ଣ୍ଣ ରେଖା ଜଳସେଚନ ପ୍ରକଳ୍ପ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟକାରୀ କରିବା ପାଇଁ ଝାଡଖଣ୍ଡ ରାଜ୍ୟରେ କିଛି ବିସ୍ଥାପନ ସମସ୍ୟା ରହିଥିବାରୁ ଖୁବଶୀଘ୍ର ଉଚ୍ଚ ସଚିବ ଓ ମୁଖ୍ୟମନ୍ତ୍ରୀ ସ୍ତରୀୟ ବୈଠକ କରାଯାଇ ତାର ସମାଧାନର ପନ୍ଥା ବାହାର କରାଯିବ ବୋଲି କହିଥିଲେ । ସେହିପରି ଶିକ୍ଷାର ବିକାଶ ପାଇଁ ବହୁ ବିଧ ଯୋଜନା ହାତକୁ ନିଆଯାଇଥିବା ବେଳେ, ଜିଲାରେ ୧୪ ଟି ଏକଲବ୍ୟ ମଡେଲ ସ୍କୁଲ ନିର୍ମାଣ କାମ କରାଯିବା, ଏବଂ ଜିଲ୍ଲାରେ କୁଟୀର ଶୀଳ୍ପର ବିକାଶ ପାଇଁ ମଧ୍ୟ ବହୁ ଯୋଜନା ହାତକୁ ନିଆଯାଇଥିବାର କହିଥିଲେ । ତେବେ ବହୁ ସମୟରେ ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନା ଗୁଡିକୁ ହଡପ କରି ନିଜର ବ୍ରାଣ୍ଡିଂ କରି ମିଛ ବାହାବା ନେଉଥିବା ବେଳେ, ଆଗାମୀ ଦିନରେ ସେଗୁଡିକୁ ବନ୍ଦ କରାଯିବା ପାଇଁ ରାଜ୍ୟ ସରକାରଙ୍କୁ ଅବଗତ କାରାଯିବା ସହିତ ରାଜ୍ୟ ସରକାର ବନ୍ଦ ନକଲେ ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo